RNI No.ODIODI/2010/33031
୧୭ ବର୍ଷ Volume-17
ISSUE -172 ସଂଖ୍ୟା-୧୭୨
ଭୁବନେଶ୍ୱର, ମଙ୍ଗଳବାର ୨୨ ସେପ୍ଟେମ୍ବର ୨୦୨୬
Bhubaneswar, Tuesday 22 September, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




## ବର୍ଷା ପାଇଁ ୨୩ରୁ ୨୪ ବନ୍ଦ ରହିବ କଳିଙ୍ଗା ଘାଟି

ଭୁବନେଶ୍ୱର୨୧।୯(ନି.ପ୍ର): ଲଘୁଚାପ ବର୍ଷା ପାଇଁ ୨୩ରୁ ୨୪ ବନ୍ଦ ରହିବ କଳିଙ୍ଗା ଘାଟିରେ ଯାତାୟାତ । ଏନେଇ ଗଂଜାମ ଜିଲ୍ଲାପାଳ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ବର୍ଷା ରେଡ ଆଲର୍ଟରୁ ଭୂସ୍ଖଳନ ଆଶଙ୍କା ଥିବାରୁ ବନ୍ଦ ରହିବ କଳିଙ୍ଗା ଘାଟି । ବିକଳ୍ପ ରାସ୍ତା ଦେଇ ଯାତାୟାତ ଜାରି ରହିବ । ଟିକିଟିରେ ବନ୍ୟା ଓ ପାତ୍ରପୁରରେ ଭୂସ୍ଖଳନର ଆଶଙ୍କା ରହିଛି । ଉଭୟ ସ୍ଥାନରେ ଅଗ୍ନିଶମ ଓ ଓଡ୍ରାଫ ଟିମ୍‌କୁ ପ୍ରସ୍ତୁତ ରଖାଯାଇଛି । କନ୍ଧମାଳ ଜିଲ୍ଲାପାଳଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରାଯାଉଛି ବୋଲି ସେ କହିଛନ୍ତି ।

## ଆଫଗାନିସ୍ତାନ ଉପରେ ପାକିସ୍ତାନର ଏୟାରଷ୍ଟ୍ରାଇକ, ୨୮ ମୃତ

ନୂଆଦିଲ୍ଲୀ,୨୧।୯: ଦୁଇ ପଡଶୀ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ପୁଣି ତୀବ୍ର ହୋଇଛି ବିବାଦ। ପାକିସ୍ତାନ ପକ୍ଷରୁ ଆଫଗାନିସ୍ତାନ ଉପରେ ହୋଇଛି ଏୟାର ଷ୍ଟ୍ରାଇକ। ଏଥିରେ ୨୮ ଜଣ ପ୍ରାଣ ହରାଇଛନ୍ତି। ପାକିସ୍ତାନ ଏୟାର ଷ୍ଟ୍ରାଇକ ସମ୍ପର୍କରେ ସୂଚନା ଦେବା ସହ ଆଫଗାନିସ୍ତାନ ସୀମାନ୍ତରେ ଥିବା ଆତଙ୍କୀ ଆଡ୍ଡାକୁ ଧ୍ୱଂସ କରାଯାଇଥିବା ଦାବି କରିଛି। ଏଥିସହ ମୃତକ ୨୮ ଜଣ ଆତଙ୍କବାଦୀ ବୋଲି କହିଛି ଇସଲାମାବାଦ। ପାକିସ୍ତାନର କହିବା କଥା ଶୁକ୍ରବାର କୋହାଟ ସ୍ଥିତ ଗୋଟିଏ ମସଜିଦରେ ଆତ୍ମଘାତୀ ହମଲା ହୋଇଥିଲା। ଏହାର ପ୍ରତିଶୋଧ ନେବାକୁ ଏପରି ଏୟାର ଷ୍ଟ୍ରାଇକ କରାଯାଇଛି। ଏପରି କାର୍ଯ୍ୟାନୁଷ୍ଠାନ କୋହାଟ ଓ ହଙ୍ଗୁ ଜିଲ୍ଲାରେ ସୁନିଶ୍ଚିତ ଗୁପ୍ତ ସୂଚନା ଉପରେ ଆଧାରିତ ସ୍ଥଳ ଅଭିଯାନ ପରେ ନିଆଯାଇଛି।

# ଅବପାତରେ ପରିଣତ ହେଲା ଲଘୁଚାପ, ପ୍ରବଳ ବର୍ଷିବ

ଭୁବନେଶ୍ୱର,୨୧।୯(ନି.ପ୍ର): ପୂର୍ବ କେନ୍ଦ୍ରୀୟ ଓ ପାର୍ଶ୍ୱବର୍ତ୍ତୀ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅଧିକ ଘନୀଭୂତ ହୋଇ ଆଜି ଅବପାତରେ ପରିଣତ ହୋଇଛି। ରାତି ୯ଟା ସୁଦ୍ଧା ଏହା ପୁରୀର ଦକ୍ଷିଣପୂର୍ବ ଓ ଗୋପାଳପୁରର ପୂର୍ବ-ଦକ୍ଷିଣପୂର୍ବ ଦିଗରେ ୩୧୦ କିମି ଏବଂ ଆନ୍ଧ୍ରପ୍ରଦେଶର କଳିଙ୍ଗପାଟନମ୍‌ର ପୂର୍ବ-ଦକ୍ଷିଣପୂର୍ବ ଦିଗରେ ୩୯୦ କିମି ଓ ବିଶାଖାପାଟଣାର ପୂର୍ବକୁ ୪୭୦ କିମି ଦୂରରେ କେନ୍ଦ୍ରୀଭୂତ ରହିଛି। ଆଗାମୀ ୨୪ ଘଣ୍ଟାରେ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରି ଗଭୀର ଅବପାତରେ ପରିଣତ ହେବ। ଧୀରେ ଧୀରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଆଗକୁ ବଢ଼ିବା ସହ ସେପ୍ଟେମ୍ବର ୨୩ ତାରିଖ ରାତି କିମ୍ବା ୨୪ ତାରିଖ ଭୋର ସୁଦ୍ଧା ଗୋପାଳପୁର ଓ ବିଶାଖାପାଟଣା ମଧ୍ୟରେ ସ୍ଥଳଭାଗରେ ପ୍ରବେଶ କରିବାର ସମ୍ଭାବନା ରହିଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସ୍ଥଳଭାଗକୁ ପ୍ରବେଶ କରିବା ସମୟରେ ଏହା ଗଭୀର ଅବପାତ ଭାବେ ରହିଥିବ। ଉପକୂଳରେ ଘଣ୍ଟାପ୍ରତି ୫୫ରୁ ୬୫ କିମି ବେଗରେ ପବନ ସହ ଲହଡି ୪ ମିଟର ପର୍ଯ୍ୟନ୍ତ ଆଗକୁ ମାଡି ଆସିପାରେ।

ଜଗଉ ନିର୍ବାଚନ ପାଇଁ ଅଙ୍କକଷା; ସୀମା ନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ପ୍ରକ୍ରିୟା ଆରମ୍ଭ

ପ୍ରଭାବରେ ଉପକୂଳ ଓଡିଶାର ପାଗର ମିଜାଜ୍ ପରିବର୍ତ୍ତନ ହୋଇଛି। ମେଘାଚ୍ଛନ୍ନ ଆକାଶ ସହ ତୁହାକୁ ତୁହା ବର୍ଷା ଆରମ୍ଭ ହୋଇଛି। ମଙ୍ଗଳବାର କେନ୍ଦ୍ରୀୟ ବଙ୍ଗୋପସାଗରରେ ପବନର ବେଗ ବୃଦ୍ଧି ପାଇ ଘଣ୍ଟାପ୍ରତି ୫୦ରୁ ୬୦ କିମି(ସର୍ବାଧିକ ୭୦ କିମି) ଏବଂ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ସଂଲଗ୍ନ ଅଞ୍ଚଳରେ ୪୦ରୁ ୫୦ କିମି(ସର୍ବାଧିକ ୬୦ କିମି) ରହିବ। ୨୩ ତାରିଖରେ ପବନର ବେଗ ଆହୁରି ବୃଦ୍ଧି ପାଇ ପଶ୍ଚିମ-କେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଘଣ୍ଟାପ୍ରତି ୫୫ରୁ ୬୫(ସର୍ବାଧିକ ୭୫ କିମି) ହୋଇପାରେ। ୨୪ ତାରିଖରେ ଉତ୍ତର ଓ ଦକ୍ଷିଣ ବଙ୍ଗୋପସାଗରର ସଂଲଗ୍ନ ଅଞ୍ଚଳରେ ପବନର ବେଗ ବୃଦ୍ଧି ପାଇ ଘଣ୍ଟାପ୍ରତି ୫୦ରୁ ୬୦ କିମି ରହିବ। ଦକ୍ଷିଣ ଓଡିଶା ଓ ଉତ୍ତର ଆନ୍ଧ୍ର ଉପକୂଳ ଅଞ୍ଚଳରେ ମଙ୍ଗଳବାର ସକାଳଠାରୁ ଘଣ୍ଟାପ୍ରତି ୪୦ରୁ ୫୦ କିମି ବେଗରେ ଝଡପବନ ହୋଇପାରେ। ସେପ୍ଟେମ୍ବର ୨୩ ଭୋରରୁ ୨୪ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ଏହା ବୃଦ୍ଧି ପାଇ ଘଣ୍ଟାପ୍ରତି ୫୫ରୁ ୬୫ କିମି ବେଗରେ ବହିବ ଏବଂ ପରେ କ୍ରମଶଃ ହ୍ରାସ ପାଇବ। ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ସହ ଓଡିଶା, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ଉପକୂଳ ସମୁଦ୍ର ଅଶାନ୍ତରୁ ଅତିଅଶାନ୍ତ ରହିବ। ତେଣୁ ମତ୍ସ୍ୟଜୀବୀମାନେ ସମୁଦ୍ର ମଧ୍ୟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି।

ଡରବସ୍ପଷରକ୍ସ ଇକ୍ଷରକ୍ସ୍ପ: ଓଡିଶା ସମେତ ୧୫ଟି ରାଜ୍ୟରେ ପ୍ରବଳ ବର୍ଷା ନେଇ ସତର୍କତା ଜାରି

ସମ୍ଭାବ୍ୟ ପରିସ୍ଥିତିକୁ ନଜରରେ ରଖି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ପକ୍ଷରୁ ୨୩ରୁ ୨୪ ତାରିଖ ପାଇଁ ଓଡିଶାକୁ ରେଡ୍ ୱାର୍ଣ୍ଣିଂ ଦିଆଯାଇଛି। ୨୩ ତାରିଖରେ କୋରାପୁଟ, ଗଜପତି ଓ ଗଞ୍ଜାମ ଜିଲ୍ଲାର କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ଏବଂ ଗୋଟିଏ ଦୁଇଟି ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ସହ ଘଣ୍ଟାପ୍ରତି ୫୦ରୁ ୬୦ କିମି ବେଗରେ ପବନର ସମ୍ଭାବନା ରହିଛି। ଏହି ସମୟରେ ଜଗତସିଂହପୁର, କଟକ, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡା, ମାଲକାନଗିରି, ପୁରୀ, ଖୋରଧା, ନୟାଗଡ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ସହ ୪୦ରୁ ୫୦ କିମି ବେଗରେ ପବନ ହେବାକୁ ଥିବାରୁ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଛି। ୨୪ ତାରିଖରେ କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାର କେତେକ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ସହ ଗୋଟିଏ ଦୁଇଟି ସ୍ଥାନରେ ଅତ୍ୟନ୍ତ ପ୍ରବଳ ଏବଂ ଘଣ୍ଟାପ୍ରତି ୫୦ରୁ ୬୦ କିମି ବେଗରେ ପବନ ହୋଇପାରେ।

ଅନ୍ୟପକ୍ଷରେ ଅବପାତ ବଳ ଗୋଟାଇପାରୁ ନାହିଁ। ତେଣୁ ଉପକୂଳରେ ପହଞ୍ଚିଲା ବେଳକୁ ୨୩



ତାରିଖ ରାତି କିମ୍ବା ୨୪ ତାରିଖ ଭୋର ହୋଇପାରେ ବୋଲି ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ ଆକଳନ କରିଛନ୍ତି। ତେବେ ୨୨ ତାରିଖଠାରୁ ଗଞ୍ଜାମ, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାରେ ବର୍ଷା ପରିମାଣ ବିବ। ୨୨ ତାରିଖ ରାତିରୁ ଉପକୂଳ ଓଡିଶାରେ ଅତିପ୍ରବଳ ବର୍ଷା ହୋଇପାରେ। ୨୩ ଓ ୨୪ ତାରିଖରେ ଉପକୂଳ ଓଡିଶା ଓ ସଂଲଗ୍ନ ଜିଲ୍ଲାଗୁଡିକରେ ପ୍ରବଳରୁ ଅତିପ୍ରବଳ ବର୍ଷାର ପ୍ରଭାବ ରହିବ। ତେଣୁ ଫସଲ ବହୁ ପରିମାଣରେ ପ୍ରଭାବିତ ହୋଇପାରେ ବୋଲି ସେ କହିଛନ୍ତି।ଛତ୍ରପୁର/ଘୁ.ଉଦୟଗିରି: ବଙ୍ଗୋପସାଗରରେ ସୃଷ୍ଟ ଗଭୀର ଅବପାତ ଯୋଗୁଁ ଗଞ୍ଜାମ ଜିଲ୍ଲାରେ ଭୀଷଣ ବର୍ଷା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ହୋଇଛି। ଅପରାହ୍ଣରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆଭାସୀରେ ଅନୁଷ୍ଠିତ ବୈଠକରେ ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇ ପ୍ରସ୍ତୁତି ଓ ପରିସ୍ଥିତି ସମ୍ପର୍କରେ ଅବଗତ କରିଥିଲେ। ସମ୍ଭାବ୍ୟ ପ୍ରବଳ ବର୍ଷା ଓ ଭୂସ୍ଖଳନ ଆଶଙ୍କାକୁ ଦୃଷ୍ଟିରେ ରଖି ସେପ୍ଟେମ୍ବର ୨୩ ତାରିଖରୁ ୨୪ ତାରିଖ ସକାଳ ପର୍ଯ୍ୟନ୍ତ ଗଞ୍ଜାମ-କନ୍ଧମାଳ ସୀମାନ୍ତ କଳିଙ୍ଗା ଘାଟିରେ ଯାତାୟାତ ବନ୍ଦ ରହିବ। କନ୍ଧମାଳ ଜିଲ୍ଲା ପ୍ରଶାସନ ସହ ଆଲୋଚନା ପରେ ଏହି ପଦକ୍ଷେପ ନିଆଯାଇଛି। ଏହି ସମୟରେ ଯାତ୍ରୀ ଓ ଯାନବାହନ ଚାଳକମାନେ ବିକଳ୍ପ ରାସ୍ତା ବ୍ୟବହାର କରିବାକୁ ଜିଲ୍ଲାପାଳ ଶ୍ରୀ ଭାସନ ପରାମର୍ଶ ଦେଇଛନ୍ତି। କନ୍ଧମାଳ ଜିଲ୍ଲାପାଳ ବେଦ ଭୂଷଣଙ୍କ ସୂଚନା ଅନୁସାରେ ଆସନ୍ତା ୨୩ ଓ ୨୪ରେ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ରେଡ୍‌ଆଲର୍ଟ ଜାରି କରିଛି। ପ୍ରବଳ ବର୍ଷା ହେଲେ ପାହାଡ ଉପରୁ ଏବଂ ଭୂସ୍ଖଳନସ୍ଥଳରୁ ବଡ ପଥର କିମ୍ବା ମାଟିଅତଡ଼ା ଖସିବା ଆଶଙ୍କା ରହିଛି। ଏଣୁ ଦୁଇଦିନ ଘାଟି ବନ୍ଦ ରହିବ।

ସେହିପରି ପାଣିପାଗ ବିଭାଗର ପ୍ରାକ୍ ଆକଳନ ଅନୁଯାୟୀ ୨୩ ତାରିଖରେ ଗଞ୍ଜାମରେ ପ୍ରବଳ ବର୍ଷା, ୨୨ ଓ ୨୪ ତାରିଖରେ ଲଗାଣ ବର୍ଷା ହୋଇପାରେ। ଏଥିସହ ୪୦ରୁ ୫୦ କି.ମି. ବେଗରେ ପବନ ବହିପାରେ। ଏହାକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ନଯିବା ପାଇଁ ପରାମର୍ଶ ଦିଆଯାଇଛି। ତହସିଲଦାରମାନଙ୍କୁ ଏହାର ତଦାରଖ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ସମ୍ଭାବ୍ୟ ବିପର୍ଯ୍ୟୟ ମୁକାବିଲା ପାଇଁ ଜିଲ୍ଲାର ୧୧୦ଟି ବାତ୍ୟା ଆଶ୍ରୟସ୍ଥଳୀ ସହ ୧ ହଜାରରୁ ଅଧିକ ଅସ୍ଥାୟୀ ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖାଯାଇଛି। ଭଞ୍ଜନଗର, ଟିକିଟି-ପାତ୍ରପୁର ଅଞ୍ଚଳରେ ୨ଟି ସ୍ୱତନ୍ତ୍ର ଓଡ୍ରାଫ୍ ଦଳ ନିୟୋଜିତ ରହିବେ। ଗର୍ଭବତୀଙ୍କୁ ଆବଶ୍ୟକତା ଅନୁଯାୟୀ ସୁରକ୍ଷିତ ପ୍ରସବ କେନ୍ଦ୍ରକୁ ସ୍ଥାନାନ୍ତରଣ ଏବଂ ପର୍ଯ୍ୟାପ୍ତ ଔଷଧ ମହଜୁଦ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାର ସମସ୍ତ ବିଭାଗ ଓ ଅଧିକାରୀଙ୍କୁ ସଜାଗ ରଖାଯାଇଛି। ଜରୁରିକାଳୀନ ଅପରେସନ୍ ସେଣ୍ଟର ସମେତ ସମସ୍ତ ତହସିଲ, ବ୍ଲକ୍ ଓ ସହରାଞ୍ଚଳରେ ୨୪ ଘଣ୍ଟିଆ ନିୟନ୍ତ୍ରଣକକ୍ଷ ଚାଲିବ। ଆବଶ୍ୟକ ନଥିଲେ ଜନସାଧାରଣଙ୍କୁ ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ହେଡ୍‌କ୍ୱାର୍ଟର ନ ଛାଡିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲା ବେଳେ ଛୁଟିରେ ଥିବା ଅଧିକାରୀଙ୍କୁ ଅବିଳମ୍ବେ କାର୍ଯ୍ୟରେ ଯୋଗ ଦେବାକୁ କୁହାଯାଇଛି। ଆଜି ସନ୍ଧ୍ୟାରେ ଜିଲ୍ଲାପାଳ ଗୋପାଳପୁର ବେଳାଭୂମି ସମେତ ବିଭିନ୍ନ ଆଶ୍ରୟସ୍ଥଳ ବୁଲି ସ୍ଥିତି ସମୀକ୍ଷା କରିଛନ୍ତି।

# ରାଜ୍ୟ ସରକାରଙ୍କୁ ରିପୋର୍ଟ ଦେଲେ ଅଶୋକ ତ୍ରିପାଠୀ କମିଟି

ଭୁବନେଶ୍ୱର,୨୧।୯(ନି.ପ୍ର): ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ରାଜ୍ୟର ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଗଠିତ କମିଟି ଏହାର ରିପୋର୍ଟ ପ୍ରଦାନ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଏହି କମିଟି ୨୦୨୫ ଡିସେମ୍ବର ୬ ତାରିଖରେ ଗଠିତ ହୋଇଥିଲା ଏବଂ ୨୦୨୬ ଫେବୃଆରୀ ୩ ତାରିଖରେ ପୁର୍ନଗଠିତ ହୋଇଥିଲା । ଆଜି ଏହି କମିଟି ତା'ର ରିପୋର୍ଟ ପ୍ରଦାନ କରିଛି । ଏହି ସୁପାରିଶ ଗୁଡିକ ଉପରେ ଅନୁଧ୍ୟାନ କରାଯାଇ ଉପଯୁକ୍ତ ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।



ବୈଠକର ସୂଚନା ଅନୁଯାୟୀ ଏହି କମିଟି ନିକଟରେ ରାଜ୍ୟର ବିଭିନ୍ନ ବର୍ଗର ଶିକ୍ଷକମାନଙ୍କର ୧୦୪ଟି ସଂଘ କମିଟିକୁ ଭେଟିଛନ୍ତି । କମିଟି ଏହି ଦାବୀ ସମ୍ପର୍କରେ ୯୦ଟି ବୈଠକ ଅନୁଷ୍ଠିତ କରିଛନ୍ତି ଏବଂ ସରକାରଙ୍କୁ ୭୯ଟି ରିପୋର୍ଟ ପ୍ରଦାନ କରିଛନ୍ତି। ବୈଠକରେ କମିଟିର ବିଭିନ୍ନ ସୁପାରିଶ ସମ୍ପର୍କରେ ଅଧ୍ୟକ୍ଷ ଶ୍ରୀ ଅଶୋକ ତ୍ରିପାଠୀ ଏବଂ ସହ-ଅଧ୍ୟକ୍ଷ ଶ୍ରୀ ସୁଦର୍ଶନ ନାୟକ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରିଥିଲେ । ଏହି ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅର୍ଥ ବିଭାଗ ପ୍ରମୁଖ ସଚିବ ଏବଂ ଉଚ୍ଚଶିକ୍ଷା ଓ ବିଦ୍ୟାଳୟ ଗଣଶିକ୍ଷା ବିଭାଗର ସଚିବମାନେ ଉପସ୍ଥିତ ଥିଲେ। କମିଟିର ଅନ୍ୟ ସଦସ୍ୟ ଶାନ୍ତନୁ କୁମାର ସାହୁ, ମନୋରଞ୍ଜନ ମିଶ୍ର ଏବଂ ସଂଯୋଜକ ସଦସ୍ୟ ସନାତନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ଆଜିଠୁ ବିଧାନସଭାର ମୌସୁମୀ ଅଧିବେଶନ

ଭୁବନେଶ୍ୱର,୨୧।୯(ନି.ପ୍ର): ଆସନ୍ତାକାଲିଠୁ ଆରମ୍ଭ ହେବାକୁ ଯାଉଛି ଓଡିଶା ବିଧାନସଭାର ମୌସୁମୀ ଅଧିବେଶନ। ଏହି ସ୍ୱଳ୍ପକାଳୀନ ଅଧିବେଶନକୁ ଶାନ୍ତିପୂର୍ଣ୍ଣ ଓ ସୁରୁଖୁରୁରେ ପରିଚାଳନା କରିବା ନିମନ୍ତେ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆଜି ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତି ଶ୍ରୀମତୀ ପାଢ଼ୀ ସବୁ ଦଳର ସହଯୋଗ ଲୋଡିଛନ୍ତି।

ବୈଠକ ପରେ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁସ୍ଥ ସଂସଦୀୟ ପରମ୍ପରା ରକ୍ଷା ଓ ଜନହିତକର ପ୍ରସଙ୍ଗରେ ଗଠନମୂଳକ ଓ ଅର୍ଥପୂର୍ଣ୍ଣ ଆଲୋଚନା ପାଇଁ ସମସ୍ତ ରାଜନୈତିକ ଦଳର

## ବସିଲା ସର୍ବଦଳୀୟ ବୈଠକ

ସକାରାତ୍ମକ ସହଯୋଗ ଲୋଡିଛନ୍ତି। ତାଙ୍କ ସରକାର ରାଜ୍ୟବାସୀଙ୍କ ସର୍ବାଙ୍ଗୀନ କଲ୍ୟାଣ ତଥା ଏକ ସମୃଦ୍ଧ ଓ ବିକଶିତ ଓଡିଶା ଗଠନ ପାଇଁ ସହମତି ଏବଂ ସହଯୋଗ ଭିତ୍ତିରେ କାର୍ଯ୍ୟ କରିବାକୁ ଦୃଢ଼ ପ୍ରତିବଦ୍ଧ ବୋଲି କହିଛନ୍ତି।



ସେହିପରି ସରକାରଙ୍କ ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ସ୍ପଷ୍ଟ କରି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ, ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକରେ ବିଧାନସଭା ଅଧିବେଶନର ସୁପରିଚାଳନା ପାଇଁ ଆଲୋଚନା ହେଲା। ବିରୋଧୀ ଦଳ ଏମଏମଡିଆର ଆକ୍ଟ ସଂଶୋଧନର ପ୍ରସଙ୍ଗ ଉଠାଇଛନ୍ତି ତାହା ଉପରେ ବାଚସ୍ପତି ବିଚାର କରିବେ। ଯାହାବି ପ୍ରସଙ୍ଗ ବିରୋଧୀ ଦଳ ଉଠାଇବେ ଆମେ ଆଲୋଚନା ପାଇଁ ପ୍ରସ୍ତୁତ ଅଛୁ। ତେବେ ଅଧିବେଶନରେ କେଉଁ ବିଲ୍ ଆସିବ ସେସମ୍ପର୍କରେ ବିଧାନସଭାର କାର୍ଯ୍ୟପରାମର୍ଶଦାତା କମିଟି ବିଚାର କରିବେ। ଏବେସୁଦ୍ଧା ୬ଟି ବିଲର ନୋଟିସ୍ ଆସିଛି ବୋଲି ସେ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ସରକାରଙ୍କ ଆଭିମୁଖ୍ୟକୁ ସହଜରେ ଗ୍ରହଣ କରିବା ମୁଡରେ ନାହିଁ ବିରୋଧୀ ବିଜେଡି। ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ, ଆଜି ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଚିରାଚରିତ ଢଙ୍ଗରେ ସର୍ବଦଳୀୟ ବୈଠକ ହୋଇଛି। ବିଧାନସଭା କେମିତି ଚାଲିବ ସେନେଇ ଆଲୋଚନା କଲେ। ଆମେ କିନ୍ତୁ ଏମଏମଡିଆର ଆକ୍ଟ ସଂଶୋଧନ କଥା ଉଠାଇଲୁ, ଓଡିଶାର ଯାହା କ୍ଷତି ହୋଇଛି ସେନେଇ ଆଲୋଚନା କରାଯାଉ, ନଚେତ୍ ଧନ୍ୟବାଦ ଦେଇ ଆଲୋଚନା କରାଯାଉ। ଆମେ ଅପେକ୍ଷା ବି କରିଛୁ। ନହେଲେ ତା'ପରେ ଦଳ ଯାହା ନିଷ୍ପତ୍ତି ନେବ ସେହି ଅନୁଯାୟୀ ଆମେ କାର୍ଯ୍ୟ କରିବୁ। ଗୃହ ଚାଲିବାରେ ସହଯୋଗ କରିବୁ କି ନାହିଁ ତାହା ଆମ ଦଳ ନିଷ୍ପତ୍ତି ନେବ ବୋଲି ସେ କହିଛନ୍ତି।

ସେହିପରି କଂଗ୍ରେସ ମଧ୍ୟ ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗରେ ପଛଘୁଂଚା ଦେବନାହିଁ ବୋଲି ସ୍ପଷ୍ଟ କରିଛି। ବୈଠକ ପରେ କଂଗ୍ରେସ ବିଧାୟକ ଅଶୋକ ଦାସ କହିଛନ୍ତି ଯେ, ବିଧାନସଭାକୁ ସୁରୁଖୁରୁରେ ଚଳାଇବାକୁ ବାଚସ୍ପତି କହିଛନ୍ତି। ଆମେ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ଯେଉଁ ପ୍ରସ୍ତାବ ଦେଉଛୁ ତାକୁ ଆଲୋଚନା ପାଇଁ କହିଛୁ। ଏମଏମଡିଆର ଆକ୍ଟ ଓ ପାଠ୍ୟପୁସ୍ତକ ତ୍ରୁଟିକୁ ଆଲୋଚନା ପାଇଁ ଆମେ କହିଛୁ। ଆମେ ଏ ପ୍ରସଙ୍ଗକୁ ଜୋରଦାର ଢଙ୍ଗରେ ଉଠାଇବୁ ଓ ଏହାକୁ ଆଲୋଚନାକୁ ନେବାକୁ ଦାବି କରିବୁ। ଏଥିସହିତ ରାଜ୍ୟ ସରକାରଙ୍କ ବାରମ୍ବାର ବିବୃତି ସତ୍ତ୍ୱେ ମହାନଦୀ ଜଳ ବିବାଦର ସ୍ଥାୟୀ ସମାଧାନ ନହେବା ପ୍ରସଙ୍ଗକୁ ମଧ୍ୟ କଂଗ୍ରେସ ଜୋରଦାର ଭାବେ ଉଠାଇବ ବୋଲି ସେ ଦୋହରାଇଛନ୍ତି। ଆଜିର ସର୍ବଦଳୀୟ ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ମହାଲିଙ୍ଗ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ବିଜେଡି ବିଧାୟକ ଦଳର ଉପନେତା ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବିଜେଡି ମୁଖ୍ୟ ସଚେତକ ଶ୍ରୀମତୀ ମଲ୍ଲିକ, ଉପମୁଖ୍ୟ ସଚେତକ ପ୍ରତାପ କେଶରୀ ଦେବ ଓ କଂଗ୍ରେସ ବିଧାୟକ ଶ୍ରୀ ଦାସ ଉପସ୍ଥିତ ଥିଲେ। ଏହି ସର୍ବଦଳୀୟ ବୈଠକରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଯୋଗ ଦେଇନଥିଲେ। ଆସନ୍ତାକାଲିଠୁ ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ବିଧାନସଭାର ସ୍ୱଳ୍ପକାଳୀନ ମୌସୁମୀ ଅଧିବେଶନରେ ମୋଟ ୯ଟି କାର୍ଯ୍ୟଦିବସ ରହିଛି। ଚଳିତ ଅଧିବେଶନ କାଳରେଗୃହରେ ସରକାର ଛଅଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଣିବାକୁ ପ୍ରସ୍ତୁତ ଥିବାବେଳେ ବିରୋଧୀ ବିଜେଡି ଓ କଂଗ୍ରେସ ବିଭିନ୍ନ ସମ୍ବେଦନଶୀଳ ପ୍ରସଙ୍ଗରେ ଶାସକ ଦଳକୁ କାଠଗଡାରେ ଠିଆ କରିବାକୁ ସଜବାଜ ହୋଇଛନ୍ତି।

## ରାଜ୍ୟ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ବିଧାନସଭାରେ ଉଠାଯିବ: ବିଜେଡି

ଭୁବନେଶ୍ୱର,୨୧।୯(ନି.ପ୍ର): ବିଧାନସଭାର ବର୍ଷାକାଳୀନ ଅଧିବେଶନ ଆରମ୍ଭ ହେଉଥିବା ବେଳେ ଆଜି ଶଙ୍ଖ ଭବନରେ ବିଜେଡି ବିଧାୟକ ଦଳର ବୈଠକ ବିଜେଡି ସଭାପତି ଶ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ରାଜ୍ୟ ସ୍ୱାର୍ଥ ସମ୍ବଳିତ ଓ ରାଜ୍ୟର ସାଢ଼େଚାରିକୋଟି ଲୋକ ସମ୍ମୁଖୀନ ହେଉଥିବା ସମସ୍ୟା ଗୁଡିକ ବିଧାନସଭାରେ ଉଠାଯିବ ବୋଲି ବିଜେଡି କହିଛି। ବିଧାୟକ ଦଳ ବୈଠକ ଶେଷ ହେବା ପରେ ବିଧାନସଭାରେ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ ଓ ବିଧାୟକ ନିରଞ୍ଜନ ପୂଜାରୀ ବୈଠକରେ ହୋଇଥିବା ନିଷ୍ପତ୍ତି ଉପରେ ସୂଚନା ଦେଇଥିଲେ। ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ ଯେ, ବିନା ଆଲୋଚନାରେ ଏମଏମଡିଆର ସଂଶୋଧନ ଆଇନକୁ ପାରିତ କରାଗଲା, ଯାହା ଯୋଗୁଁ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ରାୟ ଅନୁଯାୟୀ ଓଡିଶାକୁ ମିଳିବାକୁ ଥିବା ରାଜସ୍ୱ ଆଉ ମିଳିବ ନାହିଁ ।

# ଏସଆଇଆର : ରାଜ୍ୟରେ ବାଦ୍ ପଡିଲେ ୨୦ ଲକ୍ଷ ଭୋଟର

ଭୁବନେଶ୍ୱର,୨୧।୯(ନି.ପ୍ର): ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ (ଏସଆଇଆର-୨୦୨୬) ପ୍ରକ୍ରିୟା ଶେଷ ହେବା ପରେ ଆଜି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ରାଜ୍ୟରେ ମୋଟ ୨୦ ଲକ୍ଷ ୧୨ହଜାର ୫୫୭ଜଣ(୬.୦୩%) ଭୋଟର ଚୂଡ଼ାନ୍ତ ତାଲିକାରୁ ବାଦ୍ ପଡିଥିବାବେଳେ ଏବେ ରାଜ୍ୟରେ ମୋଟ ୩କୋଟି ୧୬ଲକ୍ଷ ୩୨ହଜାର ୭୫୪ଜଣ ଭୋଟର ରହିଛନ୍ତି। ଚଳିତ ଏସଆଇଆର ପ୍ରକ୍ରିୟାରେ ମୋଟ ପ୍ରାୟ ୫୮ ଲକ୍ଷ ଭୋଟରଙ୍କୁ ନିର୍ବାଚନ କମିଶନ ନୋଟିସ୍ ଜାରି କରିଥିଲେ।

ଆଜି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ୍ ଗୋପାଳନଙ୍କ ଦ୍ୱାରା ଚୂଡ଼ାନ୍ତ ଭୋଟର ତାଲିକା ଜାରି ହୋଇଛି । ମୋଟ ଭୋଟରଙ୍କ ମଧ୍ୟରେ ୧ କୋଟି ୬୧ ଲକ୍ଷ ୩୦ ହଜାର ୩୧୯ ଜଣ ପୁରୁଷ, ୧ କୋଟି ୫୪ ଲକ୍ଷ ୯୯ ହଜାର ୬୬୧ ଜଣ ମହିଳା ଓ ୨୭୭୪ ଜଣ ତୃତୀୟ ଲିଙ୍ଗୀ ଭୋଟର ସାମିଲ ଅଛନ୍ତି। ଏହାସହ ରାଜ୍ୟରେ ଲିଙ୍ଗ ଅନୁପାତ ୯୬୧କୁ ବୃଦ୍ଧି ପାଇଛି ଓ ଭୋଟର-ଜନସଂଖ୍ୟା ଅନୁପାତ ୬୭.୦୫ ପ୍ରତିଶତ ରହିଛି। ମତଦାନ କେନ୍ଦ୍ରଗୁଡିକର ପୁନର୍ଗଠନ ପରେ ରାଜ୍ୟରେ ବୁଥ୍ ସଂଖ୍ୟା ୪୫୨୫୦କୁ ବୃଦ୍ଧି ପାଇଛି। ଭୋଟର ତାଲିକାକୁ ସ୍ୱଚ୍ଛ ଓ ତ୍ରୁଟିମୁକ୍ତ କରିବା ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ଏସଆଇଆର ପ୍ରକ୍ରିୟାରେ ପ୍ରାୟ ୫୮ ଲକ୍ଷ ୩୬ହଜାର ୩୯୨ଜଣ ଭୋଟରଙ୍କୁ ନୋଟିସ୍ ଜାରି କରାଯାଇଥିଲା ଓ ଗଣନା ଫର୍ମ ଫେରି ନପାଇବାରୁ ୨୦ ଲକ୍ଷ ୧୨ହଜାର ୫୫୭ଜଣ ଭୋଟରଙ୍କୁ ତାଲିକାରୁ ସିଧାସଳଖ ବାଦ୍ ଦିଆଯାଇଛି।



ଜୁଲାଇ ୫ତାରିଖରେ ଜାରି ଚିଠା ଭୋଟର ତାଲିକାରେ ଭୋଟ ୩କୋଟି ୧୩ଲକ୍ଷ ୮୭ହଜାର ୦୩୪ଜଣ ଭୋଟର ଥିବାବେଳେ ସେପ୍ଟେମ୍ବର ୧୭ତାରିଖ ପର୍ଯ୍ୟନ୍ତ ସଂଶୋଧନ ପ୍ରକ୍ରିୟା ପରେ ରାଜ୍ୟରେ ମୋଟ୍ ଭୋଟର ସଂଖ୍ୟା୩ କୋଟି ୧୬ ଲକ୍ଷ ୩୨ ହଜାର ୭୫୪ରେ ପହଂଚିଛି। ଯାହା ଆଜି ନିର୍ବାଚନ କମିଶନଙ୍କ ପକ୍ଷରୁ ଜାରି ଚୂଡ଼ାନ୍ତ ଭୋଟର ତାଲିକାରୁ ସ୍ପଷ୍ଟ ହୋଇଛି।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ୍ ଗୋପାଳନ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଦେଇଥିବା ତଥ୍ୟ ଅନୁସାରେ, ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶରେ ୨୦୨୬ ଜୁଲାଇ ୧କୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରି ଏହି ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟକ୍ରମ(ଏସଆଇଆର) ହାତକୁ ନିଆଯାଇଥିଲା। ଏହି ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ୨୦୨୬ ମଇ ୧୭ ସୁଦ୍ଧା ରାଜ୍ୟରେ ମୋଟ ଭୋଟର ସଂଖ୍ୟା ୩ କୋଟି ୩୩ ଲକ୍ଷ ୯୯ ହଜାର ୫୯୧ ଥିଲା। ମାତ୍ର ପ୍ରଥମ ପର୍ଯ୍ୟାୟରେ ବିଏଲଓମାନଙ୍କ ମାଧ୍ୟମରେ ଘରେ ଘରେ ଗଣନା ଫର୍ମ ବଣ୍ଟନ କରାଯିବା ପରେ ୯୩.୯୭% ଅର୍ଥାତ୍ ୩ କୋଟି ୧୩ ଲକ୍ଷ ୮୭ ହଜାର ୩୪ଟି ଫର୍ମ ଫେରି ଆସିଥିଲା। ବାକି ୬.୦୩ ପ୍ରତିଶତ ଅର୍ଥାତ୍ ୨୦ ଲକ୍ଷ ୧୨ ହଜାର ୫୫୭ ଜଣଙ୍କ ଫର୍ମ ଫେରି ନଆସିବାରୁ ସେମାନଙ୍କୁ ଚିଠା ତାଲିକାରୁ ବାଦ୍ ଦିଆଯାଇଥିଲା। ବାଦ୍ ପଡିଥିବା ଏହି ୨୦.୧୨ଲକ୍ଷ ଭୋଟରଙ୍କ ମଧ୍ୟରୁ ୮ ଲକ୍ଷ ୩୨ ହଜାର ୫୪୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୮ ଲକ୍ଷ ୮ହଜାର ୨୦୫ ଜଣ ସ୍ଥାନାନ୍ତରିତ, ୧ଲକ୍ଷ ୯୯ ହଜାର ୨୪୯ ଜଣ ଅନୁପସ୍ଥିତ, ୧ଲକ୍ଷ ୫୮ହଜାର ୧୧୮ ଜଣ ନକଲି ବା ଡୁପ୍ଲିକେଟ୍ ଓ ୧୪୪୪୧ ଜଣ ଅନ୍ୟାନ୍ୟ କାରଣ ପାଇଁ ଚିହ୍ନଟ ହୋଇଥିଲେ। ଜୁଲାଇ ୫ ତାରିଖରେ ୩ କୋଟି ୧୩ ଲକ୍ଷ ୮୭ ହଜାର ୩୪ ଜଣଙ୍କୁ ନେଇ ଚିଠା ତାଲିକା ପ୍ରକାଶ ପାଇବା ପରେ ଆରମ୍ଭ ହୋଇଥିଲା ଯାଂଚ ଓ ନୋଟିସ୍ ପର୍ଯ୍ୟାୟ। ଏଥିରେ ୧୨ ଲକ୍ଷ ୯୮ ହଜାର ୭୭୯ ଜଣ ଅନମ୍ୟାପଡ ଭୋଟର ଓ ୪୫ ଲକ୍ଷ ୩୭ ହଜାର ୬୧୩ ଜଣଙ୍କ ତଥ୍ୟରେ ତ୍ରୁଟି ଦେଖାଯିବାରୁ ମୋଟ୍ ୫୮ ଲକ୍ଷ ୩୬ ହଜାର ୩୯୨ ଜଣଙ୍କୁ ନୋଟିସ୍ ଜାରି କରାଯାଇଥିଲା। ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଓ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନେ ପ୍ରତ୍ୟେକ କ୍ଷେତ୍ରରେ କଡା ଶୁଣାଣି କରିବା ସହ ଦସ୍ତାବିଜ୍ ଯାଂଚ କରିଥିଲେ। ଦାବି ଓ ଆପତ୍ତି ଅଭିଯୋଗ ଅବଧି ମଧ୍ୟରେ ୨ ଲକ୍ଷ ୫୫ ହଜାର ୯୯୬ଟି ଆବେଦନ ଆସିଥିବାବେଳେ ଶୁଣାଣି ପରେ ୨୪୦୭୦ ଜଣ ଅଯୋଗ୍ୟ ପ୍ରମାଣିତ ହୋଇଥିଲେ ଏବଂ ଫର୍ମ-୭ ଜରିଆରେ ୨୦୭୦୭ ଜଣଙ୍କୁ ମିଶାଇ ମୋଟ ୪୪୭୭୭ ଜଣଙ୍କ ନାମ ବାଦ୍ ପଡିଥିଲା।ସେହିପରି ନୂତନ ଭାବେ ଫର୍ମ-୬, ୬ଏ ଓ ୮ ମାଧ୍ୟମରେ ୨ ଲକ୍ଷ ୯୦ ହଜାର ୪୯୭ ଜଣଙ୍କ ନାମ ଯୋଡା ଯାଇଥିଲା, ଯାହାଫଳରେ ଚିଠା ତାଲିକା ତୁଳନାରେ ମୋଟ୍ ୨ ଲକ୍ଷ ୪୫ ହଜାର ୭୨୦ ଜଣ ବୃଦ୍ଧି ପାଇ ଚୂଡ଼ାନ୍ତ ଭୋଟର ସଂଖ୍ୟା ୩,୧୬,୩୨,୭୫୪ରେ ପହଂଚିଛି। ଏଥିରେ ସେନା ଓ ସୁରକ୍ଷା ବାହିନୀରେ ଥିବା ସେବା ଭୋଟରଙ୍କ ସଂଖ୍ୟା ୪୬୮୧୬ ରହିଛି। ଏହି ଚୂଡ଼ାନ୍ତ ଭୋଟର ତାଲିକା ସମସ୍ତ ବୁଥ୍, ସରକାରୀ ନିର୍ବାଚନ କାର୍ଯ୍ୟାଳୟ ତଥା ନିର୍ବାଚନ କମିଶନ ଓ ସିଇଓଙ୍କ ୱେବସାଇଟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉପଲବ୍ଧ କରାଯାଇଛି, ଯେଉଁଠାରେ ନାଗରିକମାନେ ନିଜ ନାମ ଯାଂଚ କରି ଆବଶ୍ୟକ ସଂଶୋଧନ ପାଇଁ ଆବେଦନ କରିପାରିବେ ଓ ନିର୍ବାଚନ ଅଧିକାରୀଙ୍କ ନିଷ୍ପତ୍ତି ବିରୋଧରେ ଆଇନ ଅନୁଯାୟୀ ଜିଲ୍ଲାପାଳ କିମ୍ବା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅପିଲ କରିପାରିବେ ବୋଲି କୁହାଯାଇଛି।



# ଆୟୁର୍ବେଦିକ କଲେଜ ପରିଦର୍ଶନ କଲେ ନରସିଂହ

ବଲାଙ୍ଗିର,୨୧।୯ :(ମନ୍ଥନ) ନିଜେ ବିଧାୟକ ଥିଲା ବେଳେ ଆୟୁର୍ବେଦିକ କଲେଜରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ସେ ସମୟର ଛାତ୍ର, ପୁରାତନ ଛାତ୍ର, ଅଧାପକ କର୍ମଚାରୀ ଙ୍କ ଦାବି କ୍ରମେ କଲେଜରେ ଥିବା ସବୁ ପ୍ରକାର ସମସ୍ୟା ସମାଧାନ ପାଇଁ ସେ ନିଜେ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ । ଭିତ୍ତିଭୂମି ହେଉ କି ଚିକିତ୍ସା ଜନିତ ସମସ୍ୟା ସମାଧାନ ପାଇଁ ବହୁକୋଟି ଟଙ୍କାର ପ୍ରକଳ୍ପ ର ଅନୁଦାନ ରାଶି ଅଣାଯାଇଥିଲା । ଅନେକ କାର୍ଯ୍ୟ ଚାଲିଛି କିନ୍ତୁ ପ୍ରଶାସନିକ ଅବହେଳା ଯୋଗୁଁ ପ୍ରକଳ୍ପ କାର୍ଯ୍ୟ ଏତେ ଧିମାରେ ଚାଲିଛି ଯେ ବର୍ତ୍ତମାନର ଆୟୁର୍ବେଦ ଛାତ୍ର ଛାତ୍ରୀମାନଙ୍କ ଭିତରେ ଏହି ସମସ୍ୟାକୁ ନେଇ ପୁଣି ହତାଶ ହେବା ସୃଷ୍ଟି ହୋଇଛି । ତେଣୁ ସେ ସବୁ ଭିତ୍ତିଭୂମି ନିର୍ମାଣ ଏବଂ ସମ୍ପୂର୍ଣ୍ଣତାରେ ଶିଘ୍ରତା ଆଣିବା ପାଇଁ ପୁଣି ଚେଷ୍ଟା କରାଯିବ । ଯଦି ଏଥିରେ ପୁଣି ବିଳମ୍ବ ହେବାର ସମ୍ଭାବନା ଦେଖାଯାଏ ତେବେ ଆନ୍ଦୋଳନ ଏକମାତ୍ର ପନ୍ଥା, ସରକାର ଏଥିପ୍ରତି ତୁରନ୍ତ ଧ୍ୟାନ ଦିଅନ୍ତୁ ନଚେତ ଛାତ୍ରମାନେ ଏହାର ସମାଧାନ ପାଇଁ ନିଶ୍ଚିତ ଭାବରେ ଆନ୍ଦୋଳନମୁହାଁ ହେବେ ବୋଲି ଆଜି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଆୟୁର୍ବେଦ ଛାତ୍ର ଛାତ୍ରୀ ଏବଂ ପୁରାତନ ଛାତ୍ର ଛାତ୍ରୀଙ୍କ ଅନୁରୋଧ କ୍ରମେ




ଶାରଦେଶ୍ୱରୀ ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ରେ ଅନୁଷ୍ଠିତ ଛାତ୍ର ଛାତ୍ରୀମାନଙ୍କର ଏକ ମତବିନିମୟ କାର୍ଯ୍ୟକ୍ରମରେ ଯୋଗ ଦେଇ ନିଜ ବକ୍ତବ୍ୟରେ ଛାତ୍ର ଛାତ୍ରୀଙ୍କୁ କହିଛନ୍ତି । ସେ ଏହା ସହ ଆହୁରି ମଧ୍ୟ କହିଛନ୍ତି ଯେ ସେ ବିଧାୟକ ଥିବା ସମୟରେ ଆୟୁର୍ବେଦ ଛାତ୍ର ଯାହା କିଛି ଦାବି କରିଥିଲେ ନିଜ ବିଧାୟକ ପାଣ୍ଠି ହେଉ କି ସରକାରଙ୍କ ଠାରୁ ଅନୁଦାନ ଆଣି ସେ ସବୁକୁ ପୁରଣ କରିଥିଲେ । ଭିତ୍ତିଭୂମି ନିର୍ମାଣ ଦିଗରେ ଅନେକ ମନ୍ଥରତା ଦେଖାଦେଇଛି । ତେଣୁ ମୁଁ ନିଶ୍ଚିତ ଭାବରେ ଅଧ୍ୟକ୍ଷଙ୍କୁ ଅନୁରୋଧ କରିବି ଯେତେ ଶିଘ୍ର ହେବ ପରିଚାଳନା କମିଟି ଗଠନ କରି ତାର ବୈଠକ ଡାକନ୍ତୁ, ଏହା ହେଲେ ଏଠାରେ ଦେଖାଦେଇଥିବା ସମସ୍ୟାର ସମାଧାନ ଶିଘ୍ର ହୋଇପାରେ । ଏ ଅବସରରେ ଛାତ୍ରମାନଙ୍କ ତରଫରୁ ଏକ ଦାବି ପତ୍ର ଶ୍ରୀ ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା । ଯେଉଁଥିରେ କି ନିର୍ମାଣଧିନ କାମ ଶିଘ୍ର ସମ୍ପୂର୍ଣ୍ଣ କରିବା, ଗୋଟିଏ ଡ୍ରଗ ଟେଷ୍ଟିଂ ୟୁନିଟ, ବାଳିକା ହଷ୍ଟେଲ, ପାଚେରୀ ର ମରାମତି, ଏନୋଟୋମି ପାଠପଢିବା ସୁବିଧା, ଖେଳ ପଡିଆ, ହଷ୍ଟେଲର ସମ୍ପ୍ରସାରଣ, କଲେଜର ଫାଉଣ୍ଡର ମେମ୍ବରମାନଙ୍କ ନାଁ ରେ କଲେଜ ପରିସରରେ ଥିବା ବିଭିନ୍ନ ଭିତ୍ତିଭୂମିକୁ ନାମିତ କରିବା, ଆୟୁର୍ବେଦିକ ମେଡିକାଲ ଅଫିସର ପଦବି ସୃଷ୍ଟି, ଗ୍ରୁପ ସି, ଗ୍ରୁପ ଡି କର୍ମଚାରୀ ଅଭାବ ପୁରଣ, ପରୀକ୍ଷାଗାର ସୁବିଧା ଏବଂ କଲେଜ କ୍ୟାଣ୍ଟିନ ନିର୍ମାଣ ସହ ଉତ୍ତମ ଖାଦ୍ୟ ପରିବେଷଣ ଦାବିକୁ ସ୍ଥାନିତ କରାଯାଇଛି । ଏ ସବୁ ତୁରନ୍ତ ସମାଧାନ ଦିଗରେ ପଦକ୍ଷେପ ନେବାକୁ ଛାତ୍ର ସଂସଦ ଓ ପୁରାତନ ଛାତ୍ର ସଂସଦ ତରଫରୁ ଶ୍ରୀ ମିଶ୍ରଙ୍କୁ ଅନୁରୋଧ କରାଯାଇଛି । ପୁରାତନ ଛାତ୍ର ସଂସଦ ସଭାପତି ଡା. ବାସୁଦେବ ପତି ଏ ସବୁ ଦାବିକୁ ନେଇ ଶ୍ରୀ ମିଶ୍ର ସରକାର ତଥା ପ୍ରଶାସନ ସାଙ୍ଗରେ କଥା ହୋଇ ତାର ସମାଧାନର ବାଟ ବାହାର କରନ୍ତୁ ବୋଲି ଅନୁରୋଧ କରିଥିଲେ । ବର୍ତ୍ତମାନର ଛାତ୍ର ଛାତ୍ରୀଙ୍କ ତରଫରୁ ପୂର୍ବତନ ଆଇନମନ୍ତ୍ରୀ ଶ୍ରୀ ମିଶ୍ରଙ୍କୁ ବିଧାୟକ ପାଣ୍ଠିରୁ ପ୍ରଦାନ କରାଯାଇଥିବା ସ୍ମାର୍ଟ ବୋର୍ଡ ପାଇଁ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଡା.ମନୋଜ କୁମାର ସାହୁ, ପୁରାତନ ଛାତ୍ର ସଂସଦ ସଭାପତି ଡା. ବାସୁଦେବ ପତି, ଛାତ୍ର ସଂସଦ ଉପସଭାପତି ଅଭିଷେକ ରଥ, ସାଧାରଣ ସଂପାଦକ ସୌମ୍ୟ ପଟ୍ଟନାୟକ, ପୁରାତନ ଛାତ୍ର ଡା. ପ୍ରକାଶ ଦାଶ ଙ୍କ ସମେତ କଲେଜର ପୁରାତନ ଛାତ୍ର ଓ ବର୍ତ୍ତମାନର ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ।

# ବିଦ୍ୟାଳୟ ରେ "ସ୍ୱଚ୍ଛ ସାଗର ସୁରକ୍ଷିତ ସାଗର" ଉପରେ ଶପଥ ପାଠ

ଡେଲାଙ୍ଗ,୨୧।୯ :(ମନ୍ଥନ) ଡେଲାଙ୍ଗ ବ୍ଲକ ର ବିଭିନ୍ନ ବିଦ୍ୟାଳୟରେ ଏକ ସପ୍ତାହ ଧରି "ସ୍ୱଛ ସାଗର ସୁରକ୍ଷିତ ସାଗର " ଉପରେ ବିଦ୍ୟାଳୟର ଶିକ୍ଷକ , ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ ମାନଙ୍କୁ ଏକ ଶପଥ ପାଠ କରାଯାଇଛି । ଅଗ୍ରଣୀ ସେଚ୍ଛାସେବୀ ଅନୁଷ୍ଠାନ ଇଣ୍ଡିଆନ ଇନଷ୍ଟିଚୁଟ ଅଫ ସୋସିଆଲ ଆକ୍ସନ ଆଣ୍ଡ ରିର୍ସଚ ଏବଂ ଭାରତ ସରକାର ଙ୍କ ପୃଥିବୀ ମନ୍ତ୍ରଣାଳୟ ଓ ଜାତୀୟ ସାମୁଦ୍ରିକ ପ୍ରଯୁକ୍ତି ପ୍ରତିଷ୍ଠାନ , ଚେନ୍ନାଇ ର ମିଳିତ ସହଭାଗିତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶପଥ ପାଠ ର ମୁଖ୍ୟ ଉଦେଶ୍ୟ ଥିଲା ସମୁଦ୍ର ଓ ସମୁଦ୍ରତଟକୁ ପ୍ଲାଷ୍ଟିକ ମୁକ୍ତ ସହ ଅଳିଆ ଆବର୍ଜନାରୁ ମୁକ୍ତ ରଖିବା। ସାମୁଦ୍ରିକ ପରିବେଶର ସୁରକ୍ଷା ରଖିବା ସହ ପ୍ଲାଷ୍ଟିକ୍ ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ସମୁଦ୍ରରେ ନପକାଇବାକୁ ପରାମର୍ଶ ଦେବା ।ସାମୁଦ୍ରିକ ଜୀବଜନ୍ତୁ ଓ ଜୈବ ବିବିଧତାର ସୁରକ୍ଷା କରି ଲୋକମାନଙ୍କ ମଧ୍ୟରେ ସମୁଦ୍ର ସୁରକ୍ଷା ବିଷୟରେ ସଚେତନତା ବଢ଼ାଇବା ଏହାର ମୂଳ ଉଦ୍ଦ ?ଶ୍ୟ ରହିଛି । ସ୍ୱଚ୍ଛ ଓ ସୁସ୍ଥ




ସମୁଦ୍ରତଟ ଗଠନରେ ସମସ୍ତଙ୍କୁ ଅଂଶଗ୍ରହଣ କରାଇ ପ୍ଲାଷ୍ଟିକ ବ୍ୟବହାର କମାଇବା, ଆବର୍ଜନାକୁ ନିର୍ଦ୍ଧାରିତ ସ୍ଥାନରେ ପକାଇବା, ସମୁଦ୍ରତଟରେ ସଫେଇ ଅଭିଯାନରେ ଯୋଗଦେବା ଏବଂ ଅନ୍ୟମାନଙ୍କୁ ସମୁଦ୍ର ସୁରକ୍ଷା ବିଷୟରେ ସଚେତନ କରିବା ଦାୟିତ୍ୱ ବୋଧ ଅଟେ । ସମୁଦ୍ର ସ୍ୱଚ୍ଛ ରହିଲେ ସାମୁଦ୍ରିକ ଜୀବଜଗତ, ପରିବେଶ ଏବଂ ମାନବ ସମାଜ ସୁସ୍ଥ ରହିବ । ତେଣୁ "ସ୍ୱଚ୍ଛସାଗର, ସୁରକ୍ଷିତ ସାଗର" ଆମ ସମସ୍ତଙ୍କ ସାମୂହିକ ଦାୟିତ୍ୱ ।ଏହି କାର୍ଯକ୍ରମକୁ ଅନୁଷ୍ଠାନର ସଭାପତି ଆଲୋକ କୁମାର ସ୍ୱାଇଁ ଆୟୋଜନ କରିଥିଲେ। ଅତିଥି ରୂପେ ସମାଜସେବୀ ଅଶୋକ କୁମାର ପେନ୍‌ଠୋଇ , ଶରତ କୁମାର ପ୍ରଧାନ , ପବିତ୍ର ଭୋଇ ଓ ପ୍ରକାଶ ଭୋଳ ଯୋଗଦେଇ ପରିବେଶ ସଚେତନତା ଉପରେ ସ୍ୱଛ ସାଗର ସୁରକ୍ଷିତ ସାଗର ଉପରେ ପରାମର୍ଶ ଦେଇଥିଲେ ।

# ଅର୍କକୁଦ ଗ୍ରାମରେ ବିଘ୍ନ ବିନାଶକ ବିସର୍ଜନ ଅବସରରେ ଭଜନ ସନ୍ଧ୍ୟା ଅନୁଷ୍ଠିତ

ଗୋପ,୨୧।୯ :(ମନ୍ଥନ)ଅର୍କକୁଦ ଗ୍ରାମରେ ଅଗ୍ରପୂଜ୍ୟ ଗଜାନନଙ୍କ ପୂଜାର୍ଚ୍ଚନା ଲୋରୀୟା ଗ୍ରୁପ ପକ୍ଷରୁ ଅତି ଆଡମ୍ବରରେ ପାଳିତ ହୋଇଛି । ଏହି ଅବସରରେ ଆଜି ଗଜାନନଙ୍କ ଭସାଣୀ ଉତ୍ସବରେ ଲୋରିୟା ଗ୍ରୁପ ପକ୍ଷରୁ ଭଜନ ସନ୍ଧ୍ୟା ଆୟୋଜ ଜନ କରାଯାଇଥିଲା । ଏହି ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମରେ ଓଡ଼ିଶାର ଲୋକପ୍ରିୟ ଗାୟକ, ଶ୍ରୀଚରଣ ମହାନ୍ତି ଓ ସାଥି ଅମିତି କୁମାର, ତ୍ରିଷ୍ଣା, ଚିନ୍ମୟୀଙ୍କ, ଭଳି ଲୋକପ୍ରିୟ କଣ୍ଠ ଶିଳ୍ପୀମାନେ ଭଜନ ପରିବେଷଣ ଷଣ କରିଥିଲେ । ଅତିଥି ଭାବେ ଅନ୍ତର୍ଜାତୀୟ ବଡି ବିଲଡର ସତ୍ୟଜିତ୍ ପ୍ରତିହାରୀ ଙ୍କ, ସହିତ ସାଥିମାନେ , କୋଣାର୍କ ବିଜେପି ମଣ୍ଡଳ ସଭାପତି ଗୋପିନାଥ ସ୍ୱାଇଁ,ଯୋଗ ଦେଇଥିଲେ। ଏହି ଭଜନ ସନ୍ଧ୍ୟା କର୍ଯ୍ୟକର୍ମକୁ ଉପଭୋଗ କରିବା ପାଇଁ ଅର୍କକୁଦ ଗ୍ରାମ ଅଧିବାସୀ ମାନେ ନିକଟସ୍ଥ ଗ୍ରାମର ଆବାଳ ବୃଦ୍ଧବନିତା ଏକତ୍ରିତ ରହି ଭଜନ ସନ୍ଧ୍ୟାର ନ୍ଧ୍ୟାର କର୍ଯ୍ୟକର୍ମକୁ ଉପଭୋଗ କରିଥଲେ । ଏହା ପରେ ନାମ ସଂକ୍ରର୍ତ୍ତନ ସହିତ ଘଣ୍ଟଘଣ୍ଟା ମୃଦ୍‌ଦଙ୍ଗ, ଶଙ୍ଖ ହୁଳହୁଳି ମଧ୍ୟରେ ଅଗ୍ରପୂଜ୍ୟ ଗଜାନନଙ୍କୁ ମେଲାଣି ଦିଅ। ଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଲୋରିୟା ଗ୍ରୁପର ମୂଖ୍ୟ ନିହାର ସ୍ୱାଇଁ ପରିସ୍ଚଳନା କରିଥିଲେ । ସମସ୍ତ ଗ୍ରାମବାସି ସ ସହଯୋଗ କରିଥଲେ ।

# ଦିଲିପ ବହିଦାରଙ୍କ ତୃତୀୟ ବାର୍ଷିକ ଶ୍ରାଦ୍ଧ ଅବସରରେତ୍ରିଭକ୍ତି ଧାରା ଓ ବିବିଧା କବିତା ପୁସ୍ତକ ଉନ୍ମୋଚିତ

ବଲାଙ୍ଗିର, ୨୦/୯ – ବଲାଙ୍ଗିର ର ଅଗ୍ରଣୀ ସ୍ୱେଚ୍ଛାସେବୀ ଓ ସାମାଜିକ ଅନୁଷ୍ଠାନ ପୂଜ୍ୟପୂଜା ସେବା ସଂଗଠନ ତରଫରୁ ଆୟୋଜିତ ସାରସ୍ୱତ ସମାରୋହ ରେ କବିୟିତ୍ରୀ ଅମ୍ବିକା ଦାନୀଙ୍କର ଦୁଇ ଗୋଟି ପୁସ୍ତକ ତ୍ରିଭକ୍ତିଧାରା ଓ ବିବିଧା ଉନ୍ମୋଚନ କରାଯାଇଛି । ଏ ଅବସରରେ ରାଧାକୃଷ୍ଣ ମନ୍ଦିର ରେ ଆୟୋଜିତ ସଭାରେ ସଂଗଠନର ଉପସଭାପତି ମଧୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଓ ଡ.ପ୍ରେମଚନ୍ଦ ମହାନ୍ତି ମୁଖ୍ୟବକ୍ତା ଭାବରେ ଯୋଗ ଦେଇ କବିତା ଓ ଗପ ଲେଖିବା ସାଧାରଣ କଥା ନୁହେଁ ଏହା ମାଁ ସାରଦାଙ୍କ ଆଶିର୍ବାଦ ଦ୍ୱାରା ସମ୍ଭବ ହୋଇଥାଏ ଏବଂ କବିଙ୍କ ହୃଦୟରେ ଭାବନାର ଝରଣା ଝରି ଯାଉଥାଏ, ତାକୁ କବି ଶବ୍ଦ ଓ ପଦରେ ଯୋଡି ପାରିଲେ ଯାଇ



କବିତାଟିଏ କି ଲେଖକଟିଏ ହେବା ସଂଭବ ବୋଲି ମତବ୍ୟକ୍ତ କରିଥିଲେ । ସଭା ଆରମ୍ଭରେ ମାଁ ସାରଦା ଓ କବିୟିତ୍ରୀଙ୍କ ସ୍ୱାମୀ ଦିଲିପ ବହିଦାର ଙ୍କ ଫଟୋକୃତୀରେ ମାଲ୍ୟାର୍ପଣ କରାଯାଇଥିଲା । ଶ୍ରୀମତୀ ଦାନୀ ମାଁ ସାରଦାଙ୍କ ଭଜନ ଗାନ କରିଥିଲେ । କବି ରତ୍ନମୟ ତ୍ରିପାଠୀ ଅତିଥିମାନଙ୍କ ପରିଚୟ, କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ପୁସ୍ତକ ସମୀକ୍ଷା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜ୍ୟୋତିର୍ମୟୀ ତ୍ରିପାଠୀ, କବିତା ମିଶ୍ର, କପିଳ ପତି, ଜୟରାମ ମିଶ୍ର, ସନ୍ଦୀପ କୁମାର ବହିଦାର, ସମୀପ କୁମାର ବହିଦାର, ସଚ୍ଚିଦାନନ୍ଦ ପଟ୍ଟନାୟକ, ସୂର୍ଯ୍ୟ କୁମାର ବହିଦାର, ବରୁଣ କୁମାର ବହିଦାର, ଆଦ୍ୟାଶକ୍ତି ନାରୀ ସଂଗଠନ ଓ ପୂଜ୍ୟପୂଜା ସେବା ସଂଗଠନର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ । ଶେଷରେ ନିହାରିକା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନବଭାରତ ସ୍ୱାକ୍ଷରତା କାର୍ଯ୍ୟକ୍ରମ

ଗଞ୍ଜାମ,୨୧।୯ :(ମନ୍ଥନ)ରମ୍ଭା ବ୍ରାହ୍ମଣ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨୦୨୬ର ପ୍ରଥମ ଉଲ୍ଲାସ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗଞ୍ଜାମ ବ୍ଲକର ଏ ବି ଇ ଓ ତଥା ଉଲ୍ଲାସର ନୋଡାଲ ଅଫିସର ଶ୍ରୀମତୀ ବିନୀତା କୁମାରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ନିରକ୍ଷର ମହିଳା ଓ ପୁରୁଷ ମାନଙ୍କୁ ନେଇ ଏକ ପରୀକ୍ଷା ହୋଇଥିଲା । ସରକାରଙ୍କ ୨୦୨୬ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ଉଲ୍ଲାସ ୨୨୧ ଜଣ ଶିକ୍ଷାର୍ଥୀଙ୍କୁ ନେଇ ଏହି ପରୀକ୍ଷା କରାଯାଇଥିଲା । ଏହା ପୂର୍ବରୁ ଏମାନଙ୍କୁ ନେଇ ବିଦ୍ୟାଳୟ ରେ ଶିକ୍ଷା ପ୍ରଦାନ କରାଯାଇଥିଲା ।



ଉକ୍ତ ପରିକ୍ଷାରେ ପ୍ରଶ୍ନ ପତ୍ର ପ୍ରଦାନ କରାଯାଇଥିଲା । ପରେ ଏମାନଙ୍କୁ ସାର୍ଟିଫିକେଟ ଦିଆଯିବାର ବ୍ୟବସ୍ଥା ରହିଛି ବୋଲି ସି ଆର ସି ସି ରବୀନ୍ଦ୍ର କୁମାର ପଣ୍ଡା ମତ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା ଯାନୀ, ଶିକ୍ଷୟିତ୍ରୀ ମନୁ ଦେବୀ, ଶିକ୍ଷୟିତ୍ରୀ ନିରୁପମା ବେହେରା, ସସ୍ମିତା ଦାଶ, ସରୋଜିନୀ ନାହାକ, ଶିକ୍ଷକ ତ୍ରିନାଥ ବେହେରା, ସମୀର ଅଧିକାରୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଏଥି ସହିତ ଆର ନୂଆଁ ଗାଁ କ୍ଲଷ୍ଟର ର ପ୍ରତ୍ୟେକ ବିଦ୍ୟାଳୟରେ ପୁର୍ବ ନିର୍ଦ୍ଧାରିତ ସହିତ ଉଲ୍ଲାସ କାର୍ଯ୍ୟକ୍ରମ ସହ ପରୀକ୍ଷା ହୋଇଯାଇଛି । ଗଞ୍ଜାମ ବ୍ଲକର ୧୪୦ ବିଦ୍ୟାଳୟ ୭୭୬୩ ଜଣ ପରୀକ୍ଷାର୍ଥୀ ଆଜି ପରୀକ୍ଷାରେ ଯୋଗଦାନ କରିଥିଲେ । ଏଥିରେ ଗଞ୍ଜାମ ବ୍ଲକର ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ସରୋଜ କୁମାର ସାହୁ, ବି ଆର ସି ସି ସଂଯୁକ୍ତା କୁମାରୀ ବେହେରା, ଓ ସମସ୍ତ ୧୨ ଟି କ୍ଲଷ୍ଟର ର ସି ଆର ସି ସି ସହଯୋଗ କରିଥିଲେ ।

# ରମ୍ଭା ଥାନା ପକ୍ଷରୁ ଆମ ପୁଲିସ ବୈଠକ

ଗଞ୍ଜାମ,୨୧।୯ :(ମନ୍ଥନ)ରମ୍ଭା ଥାନାପୋଲିସ ପକ୍ଷରୁ ହୁମ୍ମା ଫାଣ୍ଡି ପରିସରରେ ଆମ ପୋଲିସ ସମିତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ଛତ୍ରପୁର ଏସଡିପିଓ ଚନ୍ଦନ ଘଡ଼ାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମିତି ବୈଠକରେ ଗଞ୍ଜାମ ଏସପି ହରିଶ ବିଶି ଉପସ୍ଥିତ ରହି ଉପସ୍ଥିତ ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ । ରମ୍ଭା ଥାନା ଆଇଆଇସି କୁମାର ମୁଦୁଲି, ହୁମ୍ମା ଫାଣ୍ଡି ଅଧିକାରୀ ବିନୟ ଦାସ ପ୍ରମୁଖ ମଞ୍ଚାସିନ ଥିଲେ । ହୁମ୍ମା, ହାଟ ପଡିଆ, ପାଲୁରୁ ଜଙ୍କସନ, ସୁବଳୟା, ଓ ରମ୍ଭାର ବିଭିନ୍ନ ସ୍ଥାନରେ ସିସିଟିଭି ବ୍ୟବସ୍ଥା କରାଗଲା ସ୍ଥାନୀୟ ଅଞ୍ଚଳରେ କ୍ରିମିନାଲ କମିବ ବୋଲି ପୂର୍ବତନ ସରପଞ୍ଚ ଦିଲୀପ ଛୋଟରାଏ ମତ ପ୍ରକାଶ କରିଥିଲେ । ପୋଲିସ ଜନତା ମିଳିମିଶି କାମ କଲେ ଅସାମାଜିକ କାର୍ଯ୍ୟ ବହୁ ମାତ୍ରାରେ କମି ପାରିବ । ରୋଡ଼ ରୋମିଓଙ୍କ ସ୍ପିଡ଼ ଗାଡି ଚାଳନା ଯୋଗୁଁ ଅନେକ ଧନ ଜୀବନ ନଷ୍ଟ ହେବା ସହ ଆହତ ହେଉଛନ୍ତି । ଏଣୁ ପୋଲିସ ପ୍ରଶାସନ ପକ୍ଷରୁ ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ । ଅସାମାଜିକ ମଦ ମାଫିଆ ମାନେ ଚିଲିକାରେ ଡ଼ଙ୍ଗା ସାହାର୍ଯ୍ୟରେ ମଦ କାରବାରରେ ଲିପ୍ତ ରହୁଛନ୍ତି ନେଇ ଅଂଚଳବାସୀ ଙ୍କ ପକ୍ଷରୁ ମତ ପ୍ରକାଶ ପାଇଥିଲା । ଏହି ପୋଲିସ ସମିତି ବୈଠକରେ ସମିତି ସଭ୍ୟ ଧ୍ରୁବ ଚରଣ ପଲାଇ, , ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଘୁନାଥ ସାହୁ ଶିକ୍ଷାବିତ୍ତ ବିଜୟ କୁମାର ବିଶ୍ୱାଳ , ବଟେଶ୍ୱର ମନ୍ଦିର ପରିଚାଳନା କମିଟି ସମ୍ପାଦକ ରଞ୍ଜିତ କୁମାର ପଲାଇ,ଯୋଗେଶ ସାହୁ,ଅଶୋକ ସାହୁ, ହୁମ୍ମା ସରପଞ୍ଚ ଜାନକୀ ଦାସ, ପ୍ରଶାଦ ରାଓ ପୃଷ୍ଟି, ପ୍ରଭାକର ନାହାକ, ଅମୁଲ୍ୟ ଦଳେଇ ଙ୍କ ସମେତ ବହୁ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ । ଶେଷରେ ବରିଷ୍ଠ ଶିକ୍ଷାବିତ ବିଜୟ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗାନ୍ଧୀ ଜୟନ୍ତୀ ରେ ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି ବୈଠକ

ଚଣ୍ଡିଖୋଲ,୨୧।୯ :(ମନ୍ଥନ)ଯାଜପୁର ଜିଲ୍ଲାର ଅଗ୍ରଣୀ ସ୍ୱେଛାସେବୀ ସଙ୍ଗଠନ ବିପଦର ବନ୍ଧୁ ପରିବାର ଚାରିଟେବୁଲ ଟ୍ରଷ୍ଟ ତରଫରୁ ପବିତ୍ର ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ରକ୍ତଦାନ ଶିବିର ପାଇଁ ପୂର୍ବତନ ସଭାପତି ବସନ୍ତ କୁମାର ଶତପଥୀଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ସିଂହାପୁର ସ୍ଥିତ ମଦନ ମୋହନ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅଧକ୍ଷା ମିନତୀ ସାହୁ, ଉପାଧକ୍ଷ ଜନ୍‌ମେଜୟ ସାହୁ,ସଭାପତି ନିମାଇଁ ଚରଣ ପଣ୍ଡା, ସଂପାଦକ ଗୋପାଳ ପାତ୍ର,କୋଷାଧକ୍ଷ ଭଗବାନ ଦାଶ, ପ୍ରତିଷ୍ଠାତା ନିହାର ରଞ୍ଜନ ଆଚାର୍ଯ୍ୟ, ଡ଼. ରଶ୍ମି ରଞ୍ଜନ ପଶାୟତ,ଉପସଭାତି ସଙ୍ଗୀତା ଆଚାର୍ଯ୍ୟ, ସାଂଗଠନିକ ସମ୍ପାଦକ ଜ୍ଞାନ ରଞ୍ଜନ ରଥ, ବିଷ୍ଣୁ ପ୍ରିୟା ପାଣି,ଅଭୀନ ସାହୁ, ସୁମନ୍ତ ଶେଖର ରଥ,



ସନ୍ତୋଷ ଦାସ, ସୁନୀଲ ରାଉତ୍, ବିଶ୍ୱଜିତ୍ ଦାସ, ସମରଜିତ୍ ପ୍ରଧାନ, ସତ୍ୟ ନାରାୟଣ ଜେନା, ବସନ୍ତ ପାତ୍ର, ବିଶ୍ୱଜିତ୍ ସାମଲ, ଶୁଭେନ୍ଦୁ ଶତପଥୀ, ମାନସ ମଲ୍ଲିକ, ଚନ୍ଦନ ମହାରଣା, ସାମ୍ବାଦିକ ଗଗନ ବିହାରୀ ଦାସ, ବିଶ୍ୱପ୍ରକାଶ ଖୁଣ୍ଟିଆ, ପ୍ରଭାସିନୀ ମଲ୍ଲ, ଶିବରାମ ନନ୍ଦ,ସନ୍ତୋଷ ନାୟକ, ଧନେଶ୍ୱର ବାରିକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।ଟ୍ରଷ୍ଟ ତରଫରୁ ଗାନ୍ଧୀ ଜୟନ୍ତୀରେ ଫଳ ବଣ୍ଟନ, ନୂତନ ବସ୍ତ୍ର ପ୍ରଦାନ ସହିତ ଚାରା ବଣ୍ଟନ କରାଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଛି। ଉପଦେଷ୍ଟା କୁଳମଣୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୋପାଳପୁର ସମବାୟ ପରିଚାଳନା ପ୍ରତିଷ୍ଠାନ ପକ୍ଷରୁ ପରିଚାଳନା ଉନ୍ନୟନ ତାଲିମ୍ କାର୍ଯ୍ୟକ୍ରମ

ଗୋପାଳପୁର,୨୧।୯ :(ମନ୍ଥନ)ଓଡ଼ିଶା ରାଜ୍ୟ ସମବାୟ ୟୁନିଅନ, ଭୁବନେଶ୍ୱର ଅଧିନସ୍ଥ ସମବାୟ ପରିଚାଳନା ପ୍ରତିଷ୍ଠାନ, ଗୋପାଳପୁର ବେଳାଭୂମି ଆନୁକୂଲ୍ୟରେ ବ୍ରହ୍ମପୁର ସମବାୟ ସହରାଞ୍ଚଳ ବ୍ୟାଙ୍କର ପରିଚାଳନା ପରିଷଦର ସଭ୍ୟା ଓ ସଭ୍ୟ ଏବଂ କର୍ମଚାରୀ ମାନଙ୍କ ନିମନ୍ତେ ଏକ ଦିବସୀୟ ପରିଚାଳନା ଉନ୍ନୟନ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ୍ କାର୍ଯ୍ୟକ୍ରମରେ କୈଳାସ ଚନ୍ଦ୍ର ରଣା, ନିର୍ଦ୍ଦେଶକ, ଓଡ଼ିଶା ରାଜ୍ୟ ସମବାୟ ୟୁନିଅନ, ଭୁବନେଶ୍ୱର, ଶ୍ରୀମତୀ ଜ୍ୟୋତି ସୁବୁଦ୍ଧି, ଉପ ସଭାପତି, ବ୍ରହ୍ମପୁର ସମବାୟ ସହରାଞ୍ଚଳ ବ୍ୟାଙ୍କ, ରାମମୋହନ ପାତ୍ର, ଅବସରପ୍ରାପ୍ତ ଉପନିବନ୍ଧକ, ସମବାୟ ସମିତି ସମୂହ, ମୀନକେତନ ମହାନ୍ତି, ଅବସରପ୍ରାପ୍ତ ସହକାରୀ ପ୍ରବନ୍ଧକ, ଆଲ୍ଲାହାବାଦ ବ୍ୟାଙ୍କ, ମିସ୍ ଡି. ବିଜୟଲକ୍ଷ୍ମୀ, ଅଧ୍ୟାପକ, ସ୍କିଲ ଡେଭଲପମେଣ୍ଟ, ପ୍ରଶାନ୍ତ କୁମାର ସାହୁ, ଅବସରପ୍ରାପ୍ତ ଉପ ସହକାରୀ ନିବନ୍ଧକ, ଡି. କ୍ରିଷ୍ଣାନନ୍ଦ, ଅଧ୍ୟକ୍ଷ, ଶ୍ରୀମତୀ ମମତା ସାହୁ, ଅଧ୍ୟାପିକା, ସମବାୟ ପରିଚାଳନା ପ୍ରତିଷ୍ଠାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିବା ବେଳେ ରାମମୋହନ ପାତ୍ର ସମବାୟ ଆଇନ ଓ ନିୟମ କୁ ପାଥେୟ କରି ବ୍ୟାଙ୍କର ଆର୍ଥିକ ଓ ସାମାଜିକ ଏବଂ ସାଂସ୍କୃତିକ ଅଭିବୃଦ୍ଧି ନିମନ୍ତେ ପ୍ରଶିକ୍ଷଣାର୍ଥୀ ମାନଙ୍କୁ ପ୍ରେରଣା ଦେଇଥିଲେ ଏବଂ ପ୍ରଶାନ୍ତ କୁମାର ସାହୁ ସମବାୟ ସମିତିର ଆଇନ ରକ୍ଷଣ ପଦ୍ଧତି ଉପରେ ତାଲିମ୍ ପ୍ରଦାନ କରିଥିଲେ ଏବଂ ମୀନକେତନ ମହାନ୍ତି, ଅବସରପ୍ରାପ୍ତ ସହକାରୀ ପ୍ରବନ୍ଧକ, ଆଲ୍ଲାହାବାଦ ବ୍ୟାଙ୍କ କ୍ରେଡିଟ ଆ।ପରାଇଜାଲ, ଏନ ପି ଏ ପରିଚାଳନା ଉପରେ ତାଲିମ୍ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ସମବାୟ ସହରାଞ୍ଚଳ ବ୍ୟାଙ୍କ ରୁ ୪୫ ଜଣ ପରିଚାଳନା ପରିଷଦର ସଭ୍ୟା ଓ ସଭ୍ୟ ଏବଂ କର୍ମଚାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରି ଥିଲେ ।ଏଥି ସହିତ ପ୍ରଶିକ୍ଷଣାର୍ଥୀ ମାନଙ୍କ ତରଫରୁ ଏହି ପ୍ରକାର ତାଲିମ୍ କାର୍ଯ୍ୟକ୍ରମ ସମୟକ୍ଷନୁଯାୟୀ ଆୟୋଜନ କରାଯିବା ନେଇ ସହମତି ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମକୁ ସମବାୟ ପରିଚାଳନା ପ୍ରତିଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିବା ବେଳେ ମମତା ସାହୁ ସଂଯୋଜନା କରିଥିଲେ ।

# ବିଧାୟକଙ୍କ ଉଦ୍ୟମ କ୍ରମେ ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୦ଜଣ ଡାକ୍ତରଙ୍କ ନିଯୁକ୍ତି

ଧର୍ମଶାଳା,୨୧।୯ :(ମନ୍ଥନ) ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର ନଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା । ଏହାର ସ୍ଥାୟୀ ସମାଧାନ ପାଇଁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଉଦ୍ୟମରେ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ପୁର୍ବ ଡାକ୍ତରଙ୍କ ସମେତ ୧୦ ଜଣ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି । ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଭାବେ ଡା. ସୁଧିର କୁମାର ସାହୁ ରହିଥିବା ବେଳେ ଗାଇନିକ ସ୍ପ ?ସିଆଲିଷ୍ଟ ଭାବେ ଡା.ବିଶ୍ୱ ରଞ୍ଜନ କର,ପେଡିଆଟିକ ସ୍ପ ?ସାଲିଷ୍ଟ ଭାବେ ଡା. ନିୟୁଶ୍ରୀ ପାଣି, ଡା. ଚନ୍ଦ୍ର ସେଖର ସିଂ, ଡା. ମାନସ କୁମାର ସ୍ୱାଇଁ,ଡା. ରାଜେଶ କୁମାର ବେହେରା,ଡା. ଲିପ୍ସାମଞ୍ଜିରୀ ସାହୁ,ଡା. ସୁଭେନ୍ଦୁ ଶତପଥୀ,ଡା. ଭରତକୃଷ୍ଣ ଦାସ, ଡା.ଅମ୍ଳାନୀ ସତ୍ୟପ୍ରଜ୍ଞା ବଳ ପ୍ରମୁଖ ୧୦ ଡାକ୍ତରଙ୍କୁ ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ନିଯୁକ୍ତି ଦିଆଯାଇଛି । ଧର୍ମଶାଳା ଡାକ୍ତରଖାନା ଏକ ସମ୍ବେଦନଶିଳ ଡାକ୍ତରଖାନା ହୋଇଥିବା ୨୪ ଘଂଟା ଏହି ଡାକ୍ତରଖାନାକୁ ହଜାର ହଜାର ରୋଗୀ ପ୍ରତ୍ୟେକ ସମୟରେ ବିଭିନ୍ନ ଅଂଚଳରୁ ଆସିଥାନ୍ତି । ହେଲେ ଡାକ୍ତରଖାନାରେ ଡାକ୍ତର ଅଭାବ ଯୋଗୁଁ ରୋଗୀ ସେବା ବାଧାପ୍ରାପ୍ତ ହେଉଥିଲା । ଏହି ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର ନିଯୁକ୍ତି କରିବାକୁ ସ୍ଥାନୀୟ ଅଂଚଳବାସୀ ସମେତ ରୋଗୀମାନଙ୍କ ସମ୍ପର୍କୀୟମାନେ ବିଭିନ୍ନ ଫୋରମରେ ଦୀର୍ଘ ବର୍ଷ ହେଲା ଦାବି କରିବା ସହ ବିଧାୟକ ଶ୍ରୀ ସାହୁଙ୍କୁ ଅନୁରୋଧ କରିଥିଲେ. ଏହାକୁ ଉପଲବ୍ଧି କରି ଧର୍ମଶାଳା ବିଧାୟକ ଶ୍ରୀ ସାହୁ ଏହି ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର ନିଯୁକ୍ତି ପାଇଁ ଉଦ୍ୟମ କରିଥିଲେ । ଏହାର ଫଳସ୍ୱରୁପ ଡାକ୍ତରଖାନାରେ ୧୦ ଜଣ ଡାକ୍ତରଙ୍କୁ ନିଯୁକ୍ତି ମିଳିଛି । ସୂଚନା ମୁତାବକ ଧର୍ମଶାଳା ଡାକ୍ତରଖାନା ହେବା ଦିନଠାରୁ ଏତେ ସଂଖ୍ୟକ ଡାକ୍ତର ନିଯୁକ୍ତି ପାଇବା ପ୍ରଥମ ବୋଲି ସାଧାରଣରେ ଆଲୋଚନା ହେଉଛି । ପୁର୍ବ ସରକାର ଦୀର୍ଘ ବର୍ଷ ଧରି ରାଜ କରିଥିଲେ ମଧ୍ୟ ତତକାଳିନ ବିଧାୟକଙ୍କ ଆନ୍ତରିକତାର ଅଭାବ ଯୋଗୁଁ ଏଠାରେ ଡାକ୍ତର ନିଯୁକ୍ତି କରାଯାଉନଥିଲା । ଧର୍ମଶାଳାର ବିଧାୟକ ଶ୍ରୀ ସାହୁଙ୍କ ଆନ୍ତରିକତା ମନଭାବ ଯୋଗୁ ଏବେ ଏହା ସମ୍ଭବ ହୋଇପାରିଛି । ଏହାକୁ ନେଇ ସ୍ଥାନୀୟ ଅଂଚଳବାସୀ ଓ ରୋଗୀମାନଙ୍କ ସମ୍ପର୍କୀୟମାନଙ୍କ ମଧ୍ୟରେ ଉତ୍ସାହ ଭରିଯାଇଛି । ଏଥିପାଇଁ ସମସ୍ତେ ବିଧାୟକ ଶ୍ରୀ ସାହୁଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହିତ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ଗ୍ରାସିମକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର 'ପ୍ରଦୂଷଣ ନିୟନ୍ତ୍ରଣ ଉତ୍କର୍ଷତା ପୁରସ୍କାର - ୨୦୨୬'

ଗଞ୍ଜାମ,୨୧।୯ :(ମନ୍ଥନ)ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସପିସିବି) ର ୪୩ତମ ପ୍ରତିଷ୍ଠା ଦିବସ ଅବସରରେ ଶିଳ୍ପ ବର୍ଗରେ ଗଞ୍ଜାମ ସ୍ଥିତ ଗ୍ରାସିମ୍ କମ୍ପାନୀ ପ୍ରତିଷ୍ଠିତ 'ପ୍ରଦୂଷଣ ନିୟନ୍ତ୍ରଣ ଉତ୍କର୍ଷତା ପୁରସ୍କାର – ୨୦୨୬ ',ଶ୍ରୀ ଗଣେଶ ରାମ ଖୁଣ୍ଟିଆମାନ୍ୟବର ପରିବେଶ ମନ୍ତ୍ରୀ, ଓଡ଼ିଶା ସରକାର ଙ୍କ ଠାରୁ, ତାରିଖ ୧୮.୦୯.୨୦୨୬ ରେ ୟୁନିଟ୍ ମୁଖ୍ୟ ଜୟଦୀପ ମଣ୍ଡଳ ଏବଂ ପରିବେଶ ବିଭାଗର ମୁଖ୍ୟ ସୁଚିସ୍ମିତା ପଟ୍ଟନାୟକ ପୁରସ୍କାର ଗ୍ରହଣକ୍ଷ କଲେ । ପରିବେଶ



ସୁରକ୍ଷା, ପ୍ରଦୂଷଣ ନିୟନ୍ତ୍ରଣ, ସମ୍ବଳ ସଂରକ୍ଷଣ ଏବଂ ସ୍ଥାୟୀ ବିକାଶ ଦିଗରେ ୟୁନିଟ୍ ପକ୍ଷରୁ ଗ୍ରହଣ କରାଯାଇଥିବା ନିରନ୍ତର ପ୍ରୟାସ ଏବଂ ପଦକ୍ଷେପଗୁଡ଼ିକୁ ଏହି ପୁରସ୍କାର ଜରିଆରେ ସ୍ୱୀକୃତି ମିଳିଛି। ଏହି ମୂଲ୍ୟାୟନ ସମୟରେ ମୁଖ୍ୟତଃ ପାରଦ-ପ୍ରଦୂଷିତ ସ୍ଥାନଗୁଡ଼ିକର ବୈଜ୍ଞାନିକ ପ୍ରତିକାର ଓ ସୁରକ୍ଷିତ ପରିଚାଳନା, ମାଟି ଏବଂ ଭୂତଳ ଜଳର ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହାବ୍ୟତୀତ ପାରମ୍ପରିକ ଜୀବାଶ୍ମ ଜାଳେଣି ଉପରେ ନିର୍ଭରଶୀଳତା କମାଇବା ପାଇଁ କୃଷି-ଭିତ୍ତିକ ବଏଲରର ପ୍ରୟୋଗ, ଜଳ ସଂରକ୍ଷଣ ତଥା ଜଳ ବ୍ୟବହାର ହ୍ରାସ ପାଇଁ ବିଭିନ୍ନ ଜଳ-ସଞ୍ଚୟ ଏବଂ ପୁନଃବ୍ୟବହାର ପଦକ୍ଷେପ, ପରିଷ୍କୃତ ବର୍ଜ୍ୟଜଳର ପୁନଃଚକ୍ରଣ, ଆରଓ ରିଜେକ୍ଟ ପରିଚାଳନା ଏବଂ ବନ୍ଦ-ଲୁପ୍ ଜଳ ପୁନରୁଦ୍ଧାର ବ୍ୟବସ୍ଥା କରାଯାଇଛି। ସେହିପରି ବର୍ଜ୍ୟବସ୍ତୁର ସୁରକ୍ଷିତ ପରିଚାଳନା, ସମ୍ପଦ ପୁନରୁଦ୍ଧାର ଏବଂ ପରିବେଶ ଅନୁକୂଳ ପଦ୍ଧତିରେ ନିଷ୍କାସନ ଦିଗରେ ମଧ୍ୟ ଉତ୍କର୍ଷ ପ୍ରଦର୍ଶନ କରାଯାଇଛି। ପୁରସ୍କାର ଆକଳନ ପ୍ରକ୍ରିୟାର ଏକ ଅଂଶବିଶେଷ ଭାବରେ, ଗଞ୍ଜାମର ଗ୍ରାସିମ୍ ଏସପିସିବି ସମ୍ମୁଖରେ ଏହାର ପ୍ରମୁଖ ପରିବେଶଗତ ଏବଂ ସ୍ଥାୟୀ ପଦକ୍ଷେପଗୁଡ଼ିକୁ ଉପସ୍ଥାପନ କରିଥିଲା, ଯେଉଁଥିରେ ବର୍ଜ୍ୟବସ୍ତୁ ପରିଚାଳନା, ପ୍ରଦୂଷିତ ସ୍ଥାନଗୁଡ଼ିକର ପ୍ରତିକାର, ଜଳ ସଂରକ୍ଷଣ ଏବଂ ପ୍ରଦୂଷଣ ନିୟନ୍ତ୍ରଣ କ୍ଷେତ୍ରରେ ହୋଇଥିବା ମାପଯୋଗ୍ୟ ଉନ୍ନତି ସମ୍ପର୍କରେ ଅବଗତ କରାଯାଇଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଏହି ସ୍ୱୀକୃତି ଗଞ୍ଜାମର ଗ୍ରାସିମ୍ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଏବଂ ଏହା 'ଦାୟିତ୍ୱପୂର୍ଣ୍ଣ ଉତ୍ପାଦନ, ପରିବେଶଗତ ପରିଚାଳନା ଏବଂ ସ୍ଥାୟୀ ବିକାଶ' ଦିଗରେ ୟୁନିଟ୍ ର ସମୂହ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ପୁରସ୍କାର ସମଗ୍ର ୟୁନିଟ୍ ପାଇଁ ଗର୍ବର ବିଷୟ ହୋଇଥିବାବେଳେ, ଏହା ଆଗାମୀ ଦିନରେ ପରିବେଶଗତ ପ୍ରଦର୍ଶନକୁ ଆହୁରି ମଜବୁତ କରିବା ଏବଂ ସ୍ଥାୟୀ ବିକାଶର ଉଚ୍ଚ ମାନଦଣ୍ଡ ହାସଲ କରିବା ପାଇଁ ସମସ୍ତଙ୍କୁ ଅଧିକ ପ୍ରେରଣା ଯୋଗାଇବ।



# ଗ୍ରିଡ୍‌ରେ ଖୁଣ୍ଟ ଗଦା, ତଥାପି ଅନ୍ଧାରରେ କୁଡୁମୁଲୁଗୁମା

ମାଲକାନଗିରି,୨୧।୯ :(ମନ୍ଥନ) ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡ଼ିଛି । ଗ୍ରିଡ୍? ପରିସରରେ ନୂଆ ସିମେଣ୍ଟ ଖୁଣ୍ଟ ମହଜୁଦ ରହିଛି । ତଥାପି ଭାଙ୍ଗିଥିବା ଖୁଣ୍ଟ ବଦଳାଇବାରେ ବିଳମ୍ବ । ଫଳରେ ଗତ ୩ ଦିନ ଧରି ବାରମ୍ବାର ବିଦ୍ୟୁତ୍ ବିଚ୍ଛିନ୍ନ ହୋଇ ହନ୍ତସନ୍ତ ହେଉଛନ୍ତି କୁଡୁମୁଲୁଗୁମା ଅଞ୍ଚଳବାସୀ । ବିଦ୍ୟୁତ୍ ବିଭାଗ ଓ ଟାଟା ପାୱାର ମରାମତି ବ୍ୟବସ୍ଥାକୁ ନେଇ ଏବେ ଅସନ୍ତୋଷ ଦେଖାଦେଇଛି ।ସୂଚନା ଅନୁଯାୟୀ, ସେପ୍ଟେମ୍ବର ୧୮ ତାରିଖ ସନ୍ଧ୍ୟାରୁ କୁଡୁମୁଲୁଗୁମା ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା । ପ୍ରାୟ ୨୪ ଘଣ୍ଟା ପରେ ୧୯ ତାରିଖ ରାତି ପ୍ରାୟ ୧୧ଟାରେ ବିଦ୍ୟୁତ୍ ଫେରିଥିଲା । ହେଲେ ୨୦ ତାରିଖରୁ ପୁଣି ଆରମ୍ଭ ହୋଇଛି ବାରମ୍ବାର ବିଦ୍ୟୁତ୍ ବିଚ୍ଛିନ୍ନ । ଦିନ ହେଉ କି ରାତି, କେତେବେଳେ କି ବିଦ୍ୟୁତ୍ ଚାଲିଯାଉଥିବାରୁ ସାଧାରଣ ଜନଜୀବନ ଏକପ୍ରକାର ଅସ୍ୱାଭାବିକ ହୋଇପଡ଼ିଛି ।ବିଦ୍ୟୁତ୍ ବିଭ୍ରାଟର ସିଧାସଳଖ ପ୍ରଭାବ ପଡ଼ିଛି ସରକାରୀ କାର୍ଯ୍ୟାଳୟ, ଡାକ୍ତରଖାନା, ବିଦ୍ୟାଳୟ ଓ କୋର୍ଟ ସମ୍ପର୍କିତ କାର୍ଯ୍ୟ ଉପରେ । ବିଦ୍ୟୁତ୍ ନଥିବାରୁ ସାଧାରଣ ଲୋକଙ୍କ ଅଫିସ୍ କାମ ବାଧାପ୍ରାପ୍ତ ହେଉଥିବା ବେଳେ ଚିକିତ୍ସା ସେବା ଓ ଦୈନିକ କାର୍ଯ୍ୟ ମଧ୍ୟ ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି ।ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, କୁଡୁମୁଲୁଗୁମା ସହରଠାରୁ ପ୍ରାୟ ଏକ କିଲୋମିଟର ଏବଂ ବିଦ୍ୟୁତ୍ ଗ୍ରିଡ୍ ?ଠାରୁ ମାତ୍ର ପ୍ରାୟ ୨୦୦ ମିଟର ଦୂରରେ ଏକ ସିମେଣ୍ଟ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇଛି । ଏହି ଖୁଣ୍ଟ ବଦଳାଇବା ପର୍ଯ୍ୟନ୍ତ ସ୍ଥାୟୀ ଭାବେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ କରିବା କଷ୍ଟକର ବୋଲି ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ କୁହାଯାଇଛି ।ଅନ୍ୟପକ୍ଷରେ, ସ୍ଥାୟୀ ବ୍ୟବସ୍ଥା ନହେବା ପର୍ଯ୍ୟନ୍ତ ପ୍ରାୟ ୭ କିଲୋମିଟର ଦୂରର ଅନ୍ୟ ଏକ ଲାଇନରୁ ସାମୟିକ ଭାବେ ବିଦ୍ୟୁତ୍ ସଂଯୋଗ ଦିଆଯାଉଛି । ହେଲେ ଏହି ବିକଳ୍ପ ବ୍ୟବସ୍ଥାରେ ମଧ୍ୟ ଲଗାତାର ବିଦ୍ୟୁତ୍ ବ୍ୟାଘାତ ହେଉଥିବାରୁ ଲୋକଙ୍କ ସମସ୍ୟା ଦୂର ହୋଇପାରିନାହିଁ ।ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ସେପ୍ଟେମ୍ବର ୨୩ ତାରିଖ ସୁଦ୍ଧା ବିଦ୍ୟୁତ୍ ବ୍ୟବସ୍ଥା ସ୍ୱାଭାବିକ କରିବାକୁ ଆଶା କରାଯାଉଛି । ନୂଆ ଖୁଣ୍ଟ ପହଞ୍ଚିବା ପରେ ଗାତ ଖୋଳି ଖୁଣ୍ଟ ପୋତିବା ସହ ବିଦ୍ୟୁତ୍ ତାର ସଂଯୋଗ କରାଯିବ ବୋଲି ସେ କହିଛନ୍ତି ।କିନ୍ତୁ ଏଠି ହିଁ ଉଠୁଛି ବଡ଼ ପ୍ରଶ୍ନ । ଗ୍ରାଉଣ୍ଡ ଜିରୋରେ ଯାଇ ଦେଖିବା ସମୟରେ ବିଦ୍ୟୁତ୍ ଗ୍ରିଡ୍ ପରିସରରେ ଏକାଧିକ ସିମେଣ୍ଟ ବିଦ୍ୟୁତ୍ ଖୁଣ୍ଟ ପଡ଼ିରହିଥିବା ଦେଖାଯାଇଛି । ଯଦି ଗ୍ରିଡ୍‌ରେ ଖୁଣ୍ଟ ମହଜୁଦ ରହିଛି, ତେବେ ଭାଙ୍ଗିଥିବା ଖୁଣ୍ଟ ବଦଳାଇବାରେ ବିଳମ୍ବ କାହିଁକି ? ଆବଶ୍ୟକ ଖୁଣ୍ଟ ମହଜୁଦ ଥିବା ସତ୍ତ୍ୱେ ମରାମତି କାମ ତୁରନ୍ତ ଆରମ୍ଭ ନହେବାର କାରଣ କ'ଣ? ଏହି ପ୍ରଶ୍ନ ଏବେ ଅଞ୍ଚଳବାସୀଙ୍କ ମନରେ ଉଠିଛି ।ବିଦ୍ୟୁତ୍ ଭଳି ଅତ୍ୟାବଶ୍ୟକ ସେବାରେ ଏଭଳି ଦୀର୍ଘ ସମୟର ବିଚ୍ଛିନ୍ନତା ଲୋକଙ୍କ ପାଇଁ ଯେତିକି ସମସ୍ୟା ସୃଷ୍ଟି କରୁଛି, ସେତିକି ବିଭାଗର କାର୍ଯ୍ୟଦକ୍ଷତା ଓ ମରାମତି ବ୍ୟବସ୍ଥା ଉପରେ ମଧ୍ୟ ପ୍ରଶ୍ନ ଉଠାଉଛି ।ଏବେ ଅଞ୍ଚଳବାସୀଙ୍କ ଦାବି—୨୩ ତାରିଖର ଆଶ୍ୱାସନ କେବଳ ଆଶ୍ୱାସନରେ ସୀମିତ ନରହୁ । ତୁରନ୍ତ ଭାଙ୍ଗିଥିବା ଖୁଣ୍ଟ ପରିବର୍ତ୍ତନ କରାଯାଇ ସ୍ଥାୟୀ ଭାବେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ କରାଯାଉ । ଏଥିସହ ଭବିଷ୍ୟରେ ଏଭଳି ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଯେପରି ନହୁଏ, ସେଥିପାଇଁ ବିଦ୍ୟୁତ୍ ବିଭାଗ ଓ ଟାଟା ପାୱାର କର୍ତ୍ତୃପକ୍ଷ ସ୍ଥାୟୀ ପଦକ୍ଷେପ ନେବାକୁ ଦାବି ହୋଇଛି ।



# ପ୍ରକାଶ ପାଇଲା ନୟାଗଡ଼ ଜିଲ୍ଲାର ଚାରୋଟି ନିର୍ବାଚନ ମଣ୍ଡଳୀର ଚୂଡ଼ାନ୍ତ ଭୋଟର ତାଲିକା

ନୟାଗଡ଼, ୨୧।୯ :(ମନ୍ଥନ) ନୟାଗଡ଼ ଜିଲ୍ଲାପାଳଙ୍କ ସଦଭାବନା ସଭା କକ୍ଷରେ ପ୍ରକାଶ ପାଇଲା ନୟାଗଡ଼ ଜିଲ୍ଲାର ଚାରୋଟି ନିର୍ବାଚନ ମଣ୍ଡଳୀର ଚୂଡ଼ାନ୍ତ ଭୋଟର ତାଲିକା।ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ୧/୦୭/୨୦୨୬ ତାରିଖକୁ ନିର୍ଦ୍ଧାରିତ ତାରିଖ ଗ୍ରହଣ କରି ନୟାଗଡ଼ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଛି । ଆଜି ୨୧/୦୯/୨୦୨୬ (ସୋମବାର) ନୟାଗଡ଼ ଜିଲ୍ଲାର ସମସ୍ତ ୪ଟି ବିଧାନସଭା ନିର୍ବାଚନମଣ୍ଡଳୀର ସମସ୍ତ ଭୋଟଗ୍ରହଣ କେନ୍ଦ୍ରରେ ଚୂଡ଼ାନ୍ତ ନିର୍ବାଚକ ନାମାବଳୀ ପ୍ରକାଶ କରାଯାଇଛି । ଜିଲ୍ଲାର ୪ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ମୋଟ ୭, ୪୦, ୫୮୪ଜଣ ଯାଞ୍ଚ ଓ ଶୁଣାଣି ପରେ ୧୧,୯୪୭ ଜଣ ନୂତନ ନିର୍ବାଚକଙ୍କ ଯୋଗ କରାଯାଇଥିବା ଥିବାବେଳେ ୬୮୮ ଜଣ ନିର୍ବାଚକଙ୍କ ନାମ ବାଦ ଦିଆଯାଇଛି ଓ ୨୧/୦୯/୨୦୨୬ ତାରିଖରେ ପ୍ରକାଶିତ ଚୂଡ଼ାନ୍ତ ନିର୍ବାଚକ ନାମାବଳୀରେ ନୟାଗଡ଼ ଜିଲ୍ଲାର ମୋଟ ୭,୫୧,୭୪୨ ଜଣ ନିର୍ବାଚକ ସ୍ଥାନ ପାଇଛନ୍ତି ।ଯେଉଁ ଯୋଗ୍ୟ ନାଗରିକମାନଙ୍କ ବୟସ ନିର୍ଦ୍ଧାରିତ ଯୋଗ୍ୟତା ତାରିଖ ସୁଦ୍ଧା ୧୮ ବର୍ଷ ପୂରଣ ହୋଇଛି କିମ୍ବା ପରବର୍ତ୍ତୀ ସମୟରେ ନାମ ସଂଯୋଜନ, ସଂଶୋଧନ, ସ୍ଥାନାନ୍ତରଣ କିମ୍ବା ନାମ ବାଦ ଦେବା ପାଇଁ ଆବେଦନ କରିବାକୁ ଇଚ୍ଛୁକ, ସେମାନେ ପ୍ରଚଳିତ ନିୟମାବଳୀ ଅନୁଯାୟୀ ସମ୍ପୃକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ନିକଟରେ କିମ୍ବା ଅନଲାଇନ୍ ମାଧ୍ୟମରେ ଆବେଦନ କରିପାରିବେ ।ଏହା ସହିତ, ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ଦ୍ୱାରା ଦାବି ଓ ଆପତ୍ତିର ଶୁଣାଣି ସମ୍ବନ୍ଧୀୟ ନିଷ୍ପତ୍ତି ପୁନର୍ବିଚାର ନିମନ୍ତେ ଜିଲ୍ଲାପାଳଙ୍କ ନିକଟରେ ୧୫ ଦିନ ମଧ୍ୟରେ ପ୍ରଥମ ଅପିଲ୍ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ନିକଟରେ ୩୦ ଦିନ ମଧ୍ୟରେ ଦ୍ୱିତୀୟ ଅପିଲ୍ କରାଯାଇପାରିବ ।



ଚୂଡ଼ାନ୍ତ ଭୋଟର ତାଲିକାକୁ ପ୍ରକାଶନ କରିଥିଲେ ଜିଲ୍ଲାପାଳ ମଧୁମିତା ରଥ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦାରଙ୍କ ସହିତ ୪ ପ୍ରମୁଖ ରାଜନୈତିକ ଦଳର ନେତୃ ବୃନ୍ଦ ଉପସ୍ଥିତ ଥିଲେ ।

# କବିସୂର୍ଯ୍ୟନଗର ବ୍ଲକ ରେ ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

କବିସୂର୍ଯ୍ୟନଗର,୨୧।୯ :(ମନ୍ଥନ)କବିସୂର୍ଯ୍ୟନଗର ବ୍ଲକ ପରିସରରେ ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ଶିବରରେ ମୋଟ ୧୮୬ ଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୩୬ ଟି ସମାଧାନ କରାଯାଇଛି । ଅନ୍ୟ ଅଭିଯୋଗ ମଧ୍ୟରେ ରାସନ କାର୍ଡ ପାଇଁ ୧୧ ଟି ଅଭିଯୋଗ ଆସିଥିବା ବେଳେ ୨୦ ଟି ଭଉ଼ା ସମ୍ବନ୍ଧୀୟ ଅଭିଯୋଗ ଆସିଥିଲା । ସେହିପରି



ତିନି ଜଣଙ୍କୁ ଟ୍ରାଇ ସାଇକେଲ, ୩ ଜଣଙ୍କୁ ହୁଇଲ ଚେୟାର ପ୍ରଦାନକରାଯାଇଥିବା ବେଳେ ୩ ଜଣଙ୍କୁ ୟୁଡ଼ିଆଇଡ଼ି ସାର୍ଟିଫିକେଟ ପ୍ରଦାନ କରାଯାଇଥିବା ଜଣାଯାଇଛି ।ଶିବିରରେ ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଗଞ୍ଜାମ ଅରକ୍ଷୀ ଅଧିକ୍ଷକ ହରିଶ ବିଶି ଙ୍କ ସମେତ ସମସ୍ତ ବିଭାଗୀୟ ଜିଲ୍ଲା ଅଧିକାରୀ ଉପସ୍ଥିତ ରହି ଅଭିଯୋଗକାରୀ ଙ୍କ ଅଭିଯୋଗ ଗ୍ରହଣ କରିଥିଲେ ।ଶିବିର କୁ ବିଡ଼ିଓ ରାଜେନ୍ଦ୍ର ପ୍ରସାଦ ନାୟକ ସଂଯୋଜନା କରିଥିବା ବେଳେ ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ ।

# ଉଦ୍ଭିଦ ବିଜ୍ଞାନ ବିଭାଗୀୟ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବୁଗୁଡ଼ା, ୨୧।୯ :(ମନ୍ଥନ) ସ୍ଥାନୀୟ ଫିଫୁଲ୍ସକଲେଜର ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ସ୍ୱପରିସରରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷ ଭଗବାନ ଶତପଥୀଙ୍କ ପୌରୋହତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ହରିକୃଷ୍ଣ ନାୟକ, ଆଡମିନିଷ୍ଟ୍ରେସନ ବରସର ଡ.ପ୍ରଦୀପ କୁମାର ଦାଶ, ଆଇକ୍ୟୁଏସି କୋ-କୋଅର୍ଡିନେଟର ଆତ୍ମ ପ୍ରକାଶ ନାୟକ ଯୋଗ ଦେଇଥିବା ବେଳେ ଉଦ୍ଭିଦ ବିଜ୍ଞାନ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଜୟରାମ ବିଷୋୟୀ , ଅଧ୍ୟାପିକା ଅନୀତା ଦେବୀ, ଅଧ୍ୟାପକ ଦିଲ୍ଲୀପ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ରହିଥିଲେ । ଏ ଅବସରରେ ନବାଗତ ଛାତ୍ରଛାତ୍ରୀମାନେ ସ୍ୱ ସ୍ୱ ପରିଚୟ ପ୍ରଦାନ କରିଥିଲେ ଏବଂ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀମାନେ ସେମାନଙ୍କୁ ଉପହାର ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏଥି ସହ ସ୍ୱବିଭାଗୀୟ ନୀତିନିୟମ ଓ ମହାବିଦ୍ୟାଳୟର ଅନୁଶାସନ ମାନି ଚଳିବାକୁ ପରାମର୍ଶ ଦେଇଥିଲେ । ଏ ଅବସରରେ ଅଧ୍ୟକ୍ଷ, ଅତିଥିଗଣ ଏବଂ ବିଭାଗୀୟ ଅଧ୍ୟାପକବୃନ୍ଦ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିବା ସହ ସେମାନଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରୀ ରୋସନୀ ରାଣୀ ପାତ୍ର ପ୍ରାରମ୍ଭରେ ଅତିଥି ପରିଚୟ ଏବଂ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଡିଭାଇଡର ଅଧପନ୍ତରିଆ , ହଟୁନି ବଜାର ମଧ୍ୟସ୍ଥ ବିଦ୍ୟୁତ୍ ଟ୍ରାନ୍ସଫର୍ମର

ବୁଗୁଡ଼ା,୨୧।୯ :(ମନ୍ଥନ)ବୁଗୁଡ଼ା ସହରରସୌନ୍ଦର୍ଯ୍ୟ କରଣ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇକୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିବା ବେଳେରାସ୍ତାର ସୌନ୍ଦର୍ଯ୍ୟ କରଣ ସହ ଟ୍ରାଫିକ ନିୟନ୍ତ୍ରଣ ପାଇଁରାସ୍ତାରେ ହୋଇଥିବା ଡିଭାଇଡର ବ୍ୟବସ୍ଥା ବର୍ଷ ବର୍ଷ ଧରି ଅଧପନ୍ତରିଆ ରହି ଥିବାରୁ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି । ପ୍ରଥମ କରି ୨୦୧୪-୧୫ ଆର୍ଥିକ ବର୍ଷରେ ବୁଗୁଡ଼ା ସହର ଦେଇ ଯାଇଥିବା ୩୩ନଂ ରାଜ୍ୟ ରାଜପଥରେ ଡିଭାଇଡର ବ୍ୟବସ୍ଥା ହୋଇଥିଲା । ତେବେ କେବଳ ମଦନ ମୋହନ ଛକ ଠାରୁ ବେତାରସିଂ ଛକ ପର୍ଯ୍ୟନ୍ତ ଡିଭାଇଡର ନିର୍ମାଣ ହୋଇଥିଲେ ହେଁ ମଦନ ମୋହନ ଛକଠାରୁ ବଡ଼ଶଙ୍ଖ ପର୍ଯ୍ୟନ୍ତ ରାସ୍ତାରେ ଡିଭାଇଡର ବ୍ୟବସ୍ଥା କରିବା ପାଇଁ ପ୍ରସ୍ତାବ ଥିଲେ ହେଁ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ନହୋଇ ଶୀତଳ ଭଣ୍ଡାରରେ ପଡି ରହିଛି । ବିଭାଗୀୟ କର୍ତ୍ତୃପକ୍ଷ ବଜାର ମଧ୍ୟସ୍ଥ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଏବଂ ରାସ୍ତାର ସଂକୀର୍ଣ୍ଣତା ଯୋଗୁଁ ଡିଭାଇଡର ହୋଇପାରୁ ନଥିବା ଦର୍ଶାଉଥିବା ବେଳେ ପୋଲସରା ସହରର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରାୟ ୩ କିମି ରାସ୍ତାରେ ଡିଭାଇଡର ବ୍ୟବସ୍ଥା ହୋଇଥିଲେ ହେଁ ସେହି ଏକା ନିର୍ବାଚନ ମଣ୍ଡଳୀରେ ଆସୁଥିବା ବୁଗୁଡ଼ା ସହର ପ୍ରତି ବୈମାତୃକ ମନୋଭାବ କାହିଁକି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି । ଏ ନେଇ ସ୍ଥାନୀୟ ନେତାଗଣଙ୍କ ଉଦାସୀନତା ମନୋଭାବ ଏବଂ କିଛି ନିସ୍ୱାର୍ଥ ବ୍ୟକ୍ତିଙ୍କ ଚାଲବାଜି ହିଁ ଦାୟୀ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ତେବେ ମୁଖ୍ୟ ସଡକ ପ୍ରଶସ୍ତିକରଣରେ ବାଧକ ସାଜିଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରଟିର ଉଚ୍ଛେଦ ସାଙ୍ଗକୁ ଅସମ୍ପୂର୍ଣ୍ଣ ଡିଭାଇଡରକୁ ସମ୍ପୂର୍ଣ୍ଣ କରିବା ଦିଗରେ ଅଞ୍ଚଳର ପ୍ରଭାବୀ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ତୁରନ୍ତ ହସ୍ତକ୍ଷେପ ସାଙ୍ଗକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନ ଯଥାଶୀଘ୍ର ପଦକ୍ଷେପ ନେବାକୁ ଜନସାଧାରଣ ଦାବି ହେଉଛି ।

# ଗଣ୍ଡିବେଢ଼ ଉଚ୍ଚ ବିଦ୍ୟାଳୟ, ମରାଡିରା ର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ପ୍ରଥମ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଛେଣ୍ଡିପଦା ,୨୧।୯ :(ମନ୍ଥନ)ଅନୁଗୋଳ ଜିଲ୍ଲା ଜରପଡା ଥାନା ଅନ୍ତର୍ଗତ ମରାଡିରା ସ୍ଥିତ ଗଣ୍ଡିବେଢ଼ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ପ୍ରଥମ ପ୍ରାକ ପ୍ରସ୍ତୁତି ବୈଠକ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି ।୧୯୭୭ ମସିହା ଜୁଲାଇ ୧ ତାରିଖରେ ପ୍ରତିଷ୍ଠିତ ହୋଇଥିବା ଏହି ପୁରାତନ ବିଦ୍ୟାଳୟଟି ଆସନ୍ତା ୨୦୨୭ ମସିହାରେ ତାର ଗୌରବମୟ ପଚାଶ ବର୍ଷ (ସୁବର୍ଣ୍ଣ ଜୟନ୍ତୀ)ରେ ପଦାର୍ପଣ କରିବାକୁ ଯାଉଛି । ଏହି ଅବସରକୁ ସ୍ମରଣୀୟ ଏବଂ ଭବ୍ୟ ରୂପେ ପାଳନ କରିବା ପାଇଁ ବିଦ୍ୟାଳୟ ଓ ପୁରାତନ ଛାତ୍ର ଛାତ୍ରୀଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି ।ବିଦ୍ୟାଳୟର ପରିସରରେ ଅନୁଷ୍ଠିତ ଏହି ପ୍ରଥମ ବୈଠକରେ ସାନ୍ତରାପୁର ଗ୍ରାମପଞ୍ଚାୟତ, ଜରଡ଼ା ଗ୍ରାମପଞ୍ଚାୟତ ଏବଂ ତୁବେ ଗ୍ରାମପଞ୍ଚାୟତ ଓ ବଡହିଂସର ଗ୍ରାମପଞ୍ଚାୟତର ବହୁ ପୁରାତନ ଛାତ୍ରଛାତ୍ରୀ, ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ପରିଚାଳନା କମିଟିର ସଭାପତି ଓ ସଦସ୍ୟମାନେ ଉତ୍ସାହର ସହ ଯୋଗଦାନ କରିଥିଲେ ।ବୈଠକରେ ସ୍ୱର୍ଣ୍ଣ ଜୟନ୍ତୀ ଉତ୍ସବକୁ କିପରି ସୁଚାରୁରୂପେ ପରିଚାଳନା କରାଯିବ ଏବଂ ଏଥିପାଇଁ ବିଭିନ୍ନ ଉପ-କମିଟି ଗଠନ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଅଞ୍ଚଳର ଏହି ପ୍ରମୁଖ ଶିକ୍ଷାନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ପାଳନ ନେଇ ପୁରାତନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବେଶ୍ ଆନନ୍ଦ ଓ ଉତ୍ସାହ ଦେଖିବାକୁ ମିଳିଛି ।

# କୋଇଡ଼ାରେ ଜିଲ୍ଲାପାଳଙ୍କ ଜନଶୁଣାଣି

କୋଇଡ଼ା, ୨୧।୯ :(ମନ୍ଥନ)କୋଇଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ନବନିର୍ମିତ ସଭାଗୃହର ଉଦ୍‌ଘାଟନ ସହ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗ ନେଇ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଅନୁଷ୍ଠିତ ହୋଇଛି । ସୁନ୍ଦରଗଡ଼ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର ଜନଶୁଣାଣୀରେ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ ।

ଏହି ଜନଶୁଣାଣୀରେ ମୋଟ ୧୦୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୫୮ଟି ଦଳଗତ ଓ ୪୪ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା । ବିଭିନ୍ନ ସମସ୍ୟା ନେଇ ଆସିଥିବା ଲୋକଙ୍କ ଅଭିଯୋଗ ଶୁଣି ଜିଲ୍ଲାପାଳ ଏହାର ଆବଶ୍ୟକ ପଦକ୍ଷେପ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଅବଗତ



କରିଥିଲେ ।କାର୍ଯ୍ୟକ୍ରମରେ ଜିଲ୍ଲା ଉନ୍ନୟନ ଅଧିକାରୀ ସୁରଞ୍ଜନ କୁମାର ସାହୁ, ବଣାଇ ଉପଜିଲ୍ଲାପାଳ ସନ୍ତୋଷ କୁମାର ପାତ୍ର, ବଣାଇ ପିଏଆଇଟିଡିଏ ସ୍ୱଦୀପ ଟପ୍ପ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହୃଷୀକେଶ ନାଏକ, କୋଇଡ଼ା ବିଡିଓ ରଶ୍ମିରେଖା ପାତ୍ର ଓ କୋଇଡ଼ା ତହସିଲଦାର ଚିନ୍ମୟ ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଓ ବହୁ ସଂଖ୍ୟକ ଜନସାଧାରଣ ଉପସ୍ଥିତ ଥିଲେ ।ଏହି ଅବସରରେ ଜିଲ୍ଲାପାଳ ବିଭିନ୍ନ ବିଭାଗ ପକ୍ଷରୁ ଖୋଲାଯାଇଥିବା ଷ୍ଟଲ ପରିଦର୍ଶନ କରିଥିଲେ । ଏସ୍‌ଏଚ୍‌ଜି ଗୋଷ୍ଠୀ ପକ୍ଷରୁ ପ୍ରସ୍ତୁତ ଧୂପକାଠି କ୍ରୟ କରିବା ସହ ସ୍ୱୟଂସହାୟକ ଗୋଷ୍ଠୀର ଉତ୍ପାଦ ସମ୍ପର୍କରେ ଅବଗତ ହୋଇଥିଲେ । ଏଥିସହ ସରକାରୀ ବିଦ୍ୟାଳୟଗୁଡ଼ିକୁ ଜମି ପଟ୍ଟା, ହିତାଧିକାରୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ଆୟୁଷ୍ମାନ କାର୍ଡ ଓ ଚେକ୍ ପ୍ରଦାନ କରାଯାଇଥିଲା ।

# କବିସୂର୍ଯ୍ୟ ବଳଦେବ ବିଜ୍ଞାନ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ଏମ୍ପାୱାରମେଣ୍ଟ ପକ୍ଷରୁ କର୍ମଶାଳା

କବିସୂର୍ଯ୍ୟନଗର,୨୧।୯ :(ମନ୍ଥନ)କବିସୂର୍ଯ୍ୟ ବଳଦେବ ବିଜ୍ଞାନ ମହାବିଦ୍ୟାଳୟରେ ଶକ୍ତିଶ୍ରୀ ଏମ୍ପାୱାରମେଣ୍ଟ ସେଲ ତରଫରୁ ଏକ ସେମିନାର ଆୟୋଜନ ହୋଇଥିଲା । କର୍ମଶାଳାଟି ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ଅଞ୍ଜଳି ପାତ୍ରଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରିନ୍ସିପାଲ ଡକ୍ଟର ସନ୍ତୋଷ କୁମାର ଦାସ ଏବଂ ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଡିଏସଡବ୍ଲୁଓ ଶ୍ରୀମତୀ ଅମିତା ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ କଠୋର ଶାସନ ଅପେକ୍ଷା ଆଜିକାଲି ସାମାଜିକ ମାନସିକତାର କିପରି ଜରୁରୀ ଆବଶ୍ୟକ, ସେ ବିଷୟରେ ଉଦବୋଧନ ଦେଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ସଂଯୋଜିକା ଅଧ୍ୟାପିକା ଆଭାରାଣୀ ପଟ୍ଟନାୟକ, ଅଧ୍ୟାପିକା ସ୍ୱର୍ଣ୍ଣପ୍ରଭା ନାୟକ, ସନ୍ତୋଷିନୀ ପଣ୍ଡା, ଜାନକୀ ପାଢ଼ି, ବିଷ୍ଣୁପ୍ରିୟା ଭୁୟାଁ ତଥା ଛାତ୍ରଛାତ୍ରୀମାନେ ରହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ ।

# ଭଗବାନ ଭରସାରେ ଚୁଡାପାଲି ସ୍ୱାସ୍ଥ୍ୟ କେନ୍ଦ୍ର – ନରସିଂହ

ବଲାଙ୍ଗିର,୨୧।୯ :(ମନ୍ଥନ)ବଲାଙ୍ଗିର ବ୍ଲକ ସ୍ଥିତ ଚୁଡାପାଲି ରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସେହି ଅଂଚଳର ଲୋକଙ୍କୁ ଠିକ୍ ଭାବରେ ସ୍ୱାସ୍ଥ୍ୟସେବା ଯୋଗାଇ ପାରୁନାହିଁ । ପ୍ରାୟତଃ ଏଠାରେ ଡାକ୍ତର ଅଭାବ ଦେଖାଦେଉଛି । ଯାହା କିଛି ବି ଡାକ୍ତର ଅଛନ୍ତି ସେମାନେ ଚିକିତ୍ସା ପ୍ରଦାନ କ୍ଷେତ୍ରରେ ଆନ୍ତରିକତା ଦେଖାଉ ନାହାନ୍ତି । ଏପରି କି ବିଶେଷଜ୍ଞ ଡାକ୍ତର ଙ୍କ ଅଭାବ ଯୋଗୁଁ ରୋଗୀଙ୍କୁ ସାଧାରଣ ଚିକିତ୍ସା ପାଇଁ ଭୀମଭୋଇ ମେଡିକାଲ କୁ ପଠାଇବା ଦ୍ୱାରା ସାଧାରଣ ଜନତାଙ୍କ ମନରେ ଅସନ୍ତୋଷ ଦେଖାଦେଉଛି । ତେଣୁ ଲୋକଙ୍କ ସ୍ୱାସ୍ଥ୍ୟସେବା ଯୋଗାଇବା ଲକ୍ଷ୍ୟରେ ସ୍ଥାପନ ହୋଇଥିବା ଚୁଡାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭଗବାନଙ୍କ ଭରଷାରେ ଚାଲିଛି ବୋଲି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଏକ ପ୍ରେସ ବିବୃତ୍ତି ମାଧ୍ୟମରେ କ୍ଷୋଭ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ସବୁ ପ୍ରକାର ଯଥା ସ୍ତ୍ରୀ ଓ ପ୍ରସୂତି ରୋଗ, ଶିଶୁ, ଶଲ୍ୟ, ଦନ୍ତରୋଗ ବିଶେଷଜ୍ଞ ରୋଗୀ ସେବା ପାଇଁ ସଦାସର୍ବଦା ଉପସ୍ଥିତ ରହିବା ଦରକାର କିନ୍ତୁ ଦୁଃଖର କଥା ଶଲ୍ୟ ରୋଗ ବିଶେଷଜ୍ଞ ଥିଲେ ହେଁ ପ୍ରଶାସନିକ କାର୍ଯ୍ୟ ଦେଖାଇ ସେ ରୋଗୀଙ୍କୁ ଚିକିତ୍ସା କରୁନାହାନ୍ତି । ଶିଶୁ ଓ ପ୍ରସୂତି ବିଭାଗ ଖାଲି ପଡିଛି । ଏଠି ସମସ୍ତ ପ୍ରକାର ଚିକିତ୍ସା ଦନ୍ତ ରୋଗ ବିଶେଷଜ୍ଞ ଯଦି କରିବେ ତେବେ ରୋଗୀ କିଭଳି ଉପକୃତ ହେବ ବୁଝି ହେଉନାହିଁ । ଆହୁରି ମଧ୍ୟ କୌଣସି ଡାକ୍ତର କିମ୍ବା ଅଣ ଡାକ୍ତରୀ କର୍ମଚାରୀଙ୍କ ଡ୍ୟୁଟି ତାଲିକା ନୋଟିସ ବୋର୍ଡରେ ପ୍ରଦର୍ଶନ କରାଯାଉ ନାହିଁ । ଫଳରେ ରୋଗୀ ଆସିଲେ କେଉଁ ଡାକ୍ତରଙ୍କ କେତେବେଳେ ଚିକିତ୍ସା ପାଇଁ ଉପଲବ୍ଧ ରହିବେ ଜାଣିପାରୁ ନାହାନ୍ତି । ଜଣେ ଜଣେ ବିଶେଷଜ୍ଞ ଡାକ୍ତର ମାସକୁ ଦୁଇ ଦିନ ଆସି ଚିକିତ୍ସା କରୁଛନ୍ତି, ଏହା କୌଣସି ମତେ ଗ୍ରହଣୀୟ ନୁହେଁ ବୋଲି ସ୍ଥାନୀୟ ବାସିନ୍ଦାମାନେ ପୂର୍ବରୁ ଶ୍ରୀ ମିଶ୍ରଙ୍କ ଆଗରେ ଅଭିଯୋଗ କରିଥିଲେ । ତେଣୁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ମୁଖ୍ୟ ଚୁଡାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ସେବାରେ ହେଉଥିବା ଅବହେଳା ର ତଦନ୍ତ କରନ୍ତୁ ଏବଂ ଡାକ୍ତରମାନେ ଯେପରି ସେଠାରେ ପୂର୍ଣ୍ଣାଙ୍ଗ ଭାବରେ ଦିନ ରାତି ଉପଲବ୍ଧ ରହିବେ, ହସ୍‌ପିଟାଲରେ ଜରୁରୀକାଳିନ ସମେତ ରାତ୍ରି କାଳିନ ଚିକିତ୍ସା ଉତ୍ତମ ଭାବରେ ପ୍ରଦାନ କରିବେ ସେ ଦିଗରେ ପଦକ୍ଷେପ ନିଅନ୍ତୁ ବୋଲି ଶ୍ରୀ ମିଶ୍ର ପ୍ରେସ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି ନଚେତ ଆଗାମୀ ଦିନରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅବହେଳା ପାଇଁ ଲୋକେ ନିଶ୍ଚିତ ଭାବରେ ଆନ୍ଦୋଳନ କରିବେ ବୋଲି ଶ୍ରୀ ମିଶ୍ର ଚେତାବନୀ ଦେଇଛନ୍ତି ।

# କୁଲୁତା ସମାଜ ବଲାଙ୍ଗିର ର ନୂଆଁଖାଇ ଭେଟଘାଟ

ବଲାଙ୍ଗିର,୨୧।୯ :(ମନ୍ଥନ)ସ୍ଥାନୀୟ କାମାକ୍ଷିନଗର ସ୍ଥିତ “ରାମଚଣ୍ଡି ସେବା ସଦନ” ଠାରେ ମହା ସମାରୋହରେ ପାଳିତ ହୋଇଯାଇଛି । ପ୍ରଥମେ ସୁରଥ ପ୍ରଧାନଙ୍କ ଦ୍ୱାରା ଇଷ୍ଟଦେବୀ ମାଁ ରାମଚଣ୍ଡିଙ୍କର ପୂଜା କାର୍ଯ୍ୟ ସମ୍ପାଦନ ପରେ ୬୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ବିଶେଷଙ୍କୁ କନିଷ୍ଠମାନେ ମୁଣ୍ଡିଆ ମାରି ଆଶିର୍ବାଦ ଲାଭ କରିଥିଲେ । ଏହି ଉପଲକ୍ଷେ ସମାଜର ସଭାପତି ଶଙ୍କର୍ଷଣ ପ୍ରଧାନ ଙ୍କ ସଭାପତିତ୍ୱ ରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ସଭାପତି ତଥା ଅତିଥି ଭାବରେ କଳାହାଣ୍ଡି ଜିଲ୍ଲା ସଭାପତି କେଶବ ଚନ୍ଦ୍ର ଭୋଇ, ବଲାଙ୍ଗିର ଜିଲ୍ଲା ସଭାପତି ବେଲାର ସିଂ ଭୋଇ, ବଲାଙ୍ଗିର ଜିଲ୍ଲା ପରିଷଦ ସଭାପତି ଦେବକୀ ସାହୁ, ପୁଇଁନ୍ତଲା ବ୍ଲକ ଅଧ୍ୟକ୍ଷ ସରୋଜ କୁମାର ପ୍ରଧାନ ଓ ସମାଜର ସଂପାଦକ ଶାନ୍ତନୁ କୁମାର ଭୋଇ ମଂଚାସିନ ଥିଲେ । ଏହି ଉପଲକ୍ଷେ ସମାଜ ତରଫରୁ ରାଜେନ୍ଦ୍ର ପ୍ରସାଦ ସାହୁ, ଭାସ୍କର ସାହୁ, ଦେବକୀ ସାହୁ, ସରୋଜ କୁମାର ପଧାନ, ଶ୍ରୀମନ୍ତ ଗଡତ୍ୟା, ରାମଚନ୍ଦ୍ର ଭୋଇ । ଦଶମ ଓ ଦ୍ୱାଦଶ ଶ୍ରେଣୀରେ ୮୦% ରୁ ଅଧିକ ମାର୍କ ରଖିଥିବା ଛାତ୍ର ଛାତ୍ରୀ, ନିଟ-୨୦୨୬ ରେ କୃତକାର୍ଯ୍ୟ ହୋଇଥିବା ସମାଜର ଭାଇ ଭଉଣୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସବାକୁ ମଧୁ ସାହୁ ସହ ସଂପାଦକ ପରିଚାଳନା କରିଥିଲେ । ଅବନୀ ପଧାନ, ସରୋଜ ଭୋଇ, ସୁଦର୍ଶନ ସାହୁ ଙ୍କ ତତ୍ୱାବଧାନରେ ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦେଶୀ ପଧାନ, ଶ୍ରୀନିବାସ ସାହୁ, ସୁନିଲ ମାଝି, ସଂଗୀତା ମାଝି, ଲକ୍ଷ୍ମଣ ବିଶ୍ୱାଳ, ରୋହିମ ସାହୁ, କୁନ୍ତଳା ଗଡତ୍ୟା, ବୁଦ୍ଧୁ ପଧାନ, ଶିରୋମଣୀ ସାହୁ ତଥା ସମାଜର ପ୍ରାୟ ୨ହଜାର ରୁ ଉର୍ଦ୍ଧ୍ୱ ଅଂଶଗ୍ରହଣ କରି ସହଯୋଗ କରିଥିଲେ ।




# ବ୍ରଜ ମୋହନ ଉଚ୍ଚ ବିଦ୍ୟାଳୟ ଜରଡ଼ା ଠାରେ ଜୋନାଲ ସ୍ତରୀୟ କ୍ରୀଡ଼ା ପ୍ରିଯୋଗିତା ଅନୁଷ୍ଠିତ

ଅନୁଗୋଳ,୨୧।୯ :(ମନ୍ଥନ)ବଆଁରପାଳ ବ୍ଲକ ତଥା ଜରପଡା ଥାନା ଅନ୍ତର୍ଗତ ଜରଡ଼ା ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ ଠାରେ ଜୋନାଲ ସ୍ତରୀୟ କ୍ରୀଡ଼ା ପ୍ରିଯୋଗିତା ଅନୁଷ୍ଠିତ । ଏହି ବିଦ୍ୟାଳୟରେ ୭ଟି ଉଚ୍ଚ ବିଦ୍ୟାଳୟ ଯଥା ବ୍ରଜ ମୋହନ ଉଚ୍ଚ ବିଦ୍ୟାଳୟ ଜରଡ଼ା,ଗଣ୍ଡିବେଢ଼ ଉଚ୍ଚ ବିଦ୍ୟାଳୟ ମରାଡିରା, କଞ୍ଚରା ଉଚ୍ଚ ବିଦ୍ୟାଳୟ, ନାଗରୀମୋହନ ଉଚ୍ଚ ବିଦ୍ୟାଳୟ ତୁବେ, ବଡକେରଜାଙ୍ଗ ଉଚ୍ଚ ବିଦ୍ୟାଳୟ, ମଲ୍ଲିକେଶ୍ୱର୍ ଉଚ୍ଚ ବିଦ୍ୟାଳୟ ସାନକେରଜାଙ୍ଗ, ବେଣାଗାଡ଼ିଆ ଉଚ୍ଚ ବିଦ୍ୟାଳୟ ଓ ୧୫ ରୁ ୨୦ ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ପାଖାପାଖି ୩୫୦ ଜଣ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିବା ସୂଚନା ରହିଛି । ଜରଡ଼ା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ତରଣୀସେନ୍ ସାହୁ ଙ୍କ ତତ୍ତ୍ୱାବଧାନରେ ଏହି ଦୁଇ ଦିନିଆ କାର୍ଯ୍ୟକ୍ରମ କୁ ଅତି ସୁନ୍ଦର ଭାବରେ ଆରମ୍ଭ ହୋଇଥିଲା ।ପରବର୍ତ୍ତୀ ସମୟରେ



ପ୍ରତ୍ୟେକ ଉଚ୍ଚ ବିଦ୍ୟାଳୟ ଓ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଆସିଥିବା ସମସ୍ତ ଛାତ୍ର ଛାତ୍ରୀ ଙ୍କ ସମେତ ଖେଳ ଶିକ୍ଷକ ବିଭିନ୍ନ ପ୍ରକାର ଖେଳ, ଯଥା ଖୋକୋ, କବାଡ଼ି, ଫୁଟବଲ୍, ଲମ୍ବଡିଆଁ, ଉଚ୍ଚଡିଆଁ, ସଟଫୁଟ୍, ଡିସକସ୍ ଓ ୧୦୦,୨୦୦,୪୦୦,୮୦୦ ଦୌଡ ପ୍ରତିଯୋଗିତା ହୋଇଥିଲା । ପରିଶେଷରେ ଏହି କ୍ରୀଡ଼ା ପ୍ରିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ପୁଣି ବ୍ଲକ ସ୍ତରୀୟ କ୍ରୀଡ଼ା ପରତିଯୋଗିତାରେ ଖେଳିବାକୁ ସୁଯୋଗ ପାଇବେ ବୋଲି ପ୍ରଧାନ ଶିକ୍ଷକ ତରଣୀସେନ୍ ସାହୁ କହିଛନ୍ତି । ଏହି କାର୍ଯ୍ୟକ୍ରମ ରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସକ୍ରିୟ ଭାବରେ ସହଯୋଗ କରିବା ସହ ଏଠାକୁ ଆସିଥିବା ସମସ୍ତ ଛାତ୍ର ଛାତ୍ରୀ ଙ୍କୁ ଭୋଜନ କରାଇଥିବା ସୂଚନା ରହିଛି ।

ମଙ୍ଗଳବାର ୨୨ ସେପ୍ଟେମ୍ବର, ୨୦୨୬, ଭୁବନେଶ୍ୱର
Tuesday September 22 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ବିଧାନସଭାର ସମୟ ନଷ୍ଟ ନହେଉ

ଓଡିଶା ବିଧାନସଭାର ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ୨୨ ସେପ୍ଟେମ୍ବରରୁ ୩ ଅକ୍ଟୋବର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ନଅଟି କାର୍ଯ୍ୟଦିବସ ରହିଛି। ସମୟ ସୀମିତ, କିନ୍ତୁ ଲୋକଙ୍କ ପ୍ରଶ୍ନ ଅସୀମ। ଏହି ସ୍ୱଳ୍ପ ସମୟରେ ଶାସକ ଦଳ ନିଜ କାର୍ଯ୍ୟର ହିସାବ ଦେବାକୁ ପ୍ରସ୍ତୁତ ହେବା ଦରକାର, ବିରୋଧୀ ଦଳ ମଧ୍ୟ ଲୋକଙ୍କ ସମସ୍ୟାକୁ ତଥ୍ୟ ଓ ଦଲିଲ ସହ ଉଠାଇବା ଦରକାର। କାରଣ ବିଧାନସଭା କୌଣସି ଦଳର ମଂଚ ନୁହେଁ, ଏହା ଓଡିଶାର ଲୋକଙ୍କ ସ୍ୱରକୁ ଆଇନ, ନୀତି ଓ ପ୍ରଶାସନିକ ନିଷ୍ପତିରେ ପରିଣତ କରିବାର ସର୍ବପ୍ରମୁଖ ଗଣତାନ୍ତ୍ରୀକ ମଂଚ। ତେଣୁ ଏଥରର ଅଧିବେଶନର ସଫଳତା କିଏ କାହାକୁ ରାଜନୈତିକ ଭାବେ ଘେରିଲା, ତାହାରେ ନୁହେଁ, କେତେ ଜନସମସ୍ୟା ଉପରେ ଗଭୀର ଆଲୋଚନା ହେଲା, କେତେ ପ୍ରଶ୍ନର ସ୍ପଷ୍ଟ ଉତର ମିଳିଲା ଏବଂ କେତେ ସମାଧାନର ଦିଗ ଖୋଲିଲା, ତାହାରେ ନିର୍ଣ୍ଣୟ ହେବ। ଏହି ଅଧିବେଶନ ଆରମ୍ଭ ପୂର୍ବରୁ ହିଁ ରାଜନୈତିକ ପରିବେଶ ଉତପ୍ତ। ବିରୋଧୀ ଦଳଗୁଡିକ ଅନେକ ପ୍ରସଙ୍ଗକୁ ନେଇ ସରକାରଙ୍କୁ ପ୍ରଶ୍ନ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି। ଅନ୍ୟପଟେ ଶାସକ ଦଳ ମଧ୍ୟ ବିରୋଧୀଙ୍କ ପ୍ରଶ୍ନର ସାମ୍ନା କରିବା ଓ ନିଜ ପକ୍ଷ ରଖିବାକୁ ପ୍ରସ୍ତୁତ ବୋଲି କହିଛି। ଏହି ପରିସ୍ଥିତିରେ ଗଣତନ୍ତ୍ର ପାଇଁ ସବୁଠାରୁ ଆବଶ୍ୟକ ହେଉଛି - ମତଭେଦ ରହୁ, କିନ୍ତୁ ଆଲୋଚନା ଚାଲୁ, ଅଭିଯୋଗ ରହୁ, କିନ୍ତୁ ପ୍ରମାଣ ସହିତ, ସରକାରଙ୍କୁ ପ୍ରଶ୍ନ ହେଉ, କିନ୍ତୁ ଉତର ଶୁଣିବା ପାଇଁ ମଧ୍ୟ ସମାନ ଆଗ୍ରହ ରହୁ। ଏହି ଅଧିବେଶନର ସବୁଠାରୁ ବଡ ପରୀକ୍ଷା ହୋଇପାରେ ଖଣିଜ ସମ୍ପଦ ଓ ଖଣି ଆଇନନ ସଂଶୋଧନ ପ୍ରସଙ୍ଗ। ଏମଏମଡିଆର ସଂଶୋଧନକୁ ନେଇ ବିଜୁ ଜନତା ଦଳ ଓ କଂଗ୍ରେସ ଆପତି ଉଠାଇଛନ୍ତି ଏବଂ ଓଡିଶାର ଖଣିଜ ସ୍ୱାର୍ଥ ଓ ରାଜସ୍ୱ ଉପରେ ଏହାର ପ୍ରଭାବ ନେଇ ପ୍ରଶ୍ନ କରୁଛନ୍ତି। ରାଜ୍ୟ ସରକାର ପକ୍ଷରୁ ଏହାର ଉତର ଦିଆଯାଇଛି ଯେ ରାଜ୍ୟର ସ୍ୱାର୍ଥ ସୁରକ୍ଷିତ ରହିବ ଏବଂ ଏହି ବିଷୟରେ ନିୟମିତ ଅଧିବେଶନରେ ଆଲୋଚନା ହୋଇପାରିବ। ଏଠାରେ ରାଜନୈତିକ ଦାବି ଓ ପ୍ରତିବାଦ ଠାରୁ ବଡ ପ୍ରଶ୍ନ ହେଉଛି ଆଇନର ବାସ୍ତବ ପ୍ରଭାବ। କେଉଁ ଧାରାରେ କଣ ପରିବର୍ତନ ହେଉଛି, ଓଡିଶାର ରାଜସ୍ୱ ଉପରେ ତାହାର କଣ ପ୍ରଭାବ ପଡିବ, ଖଣି ଅଂଚଳର ଲୋକଙ୍କ ଅଧିକାର ଓ ପରିବେଶ ସୁରକ୍ଷା ଉପରେ କି ପ୍ରଭାବ ହୋଇପାରେ-ଏହି ପ୍ରଶ୍ନର ଉତର ତଥ୍ୟ ଓ ଆଇନଗତ ବ୍ୟାଖ୍ୟା ସହ ଆସିବା ଦରକାର। ଖଣିଜ ସମ୍ପଦ ଓଡ଼ିଶାର ଅର୍ଥନୀତିର ଏକ ମୁଖ୍ୟ ଆଧାର। ତେଣୁ ଏହି ବିଷୟରେ ଦଳୀୟ ରାଜନୀତି ହେବା ସ୍ୱାଭାବିକ ହେଲେ ମଧ୍ୟ ରାଜ୍ୟର ଦୀର୍ଘମିଆଦି ସ୍ୱାର୍ଥକୁ ଦଳୀୟ ସୀମା ଉପରେ ରଖି ଆଲୋଚନା କରାଯିବା ଅଧିକ ଜରୁରୀ। ଦ୍ୱିତୀୟ ବଡ ପ୍ରସଙ୍ଗ ହେଉଛି ପାଠ୍ୟପୁସ୍ତକରେ ଚିହ୍ନଟ ହୋଇଥିବା ତ୍ରୁଟି। ବିରୋଧୀ ଦଳଗୁଡିକ ଏହି ଘଟଣାକୁ ନେଇ ଶିକ୍ଷା ବିଭାଗ ଉପରେ ଗୁରୁତର ପ୍ରଶ୍ନ ଉଠାଇଛନ୍ତି ଏବଂ ଦାୟିତ୍ୱ ନିର୍ଦ୍ଧାରଣ ଦାବି କରିଛନ୍ତି। ସରକାର ଉପରୁ ସୁଧାରମୂଳକ ପଦକ୍ଷେପ ନିଆଯାଉଥିବା କୁହାଯାଇଛି। ଏଠାରେ ରାଜନୈତିକ ଦୋଷାରୋପ ଠାରୁ ବଡ କଥା ହେଉଛି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ। ପାଠ୍ୟପୁସ୍ତକ ହେଉଛି ଶିକ୍ଷାର ମୂଳ ଉପକରଣ। ସେଥିରେ ତଥ୍ୟଗତ କିମ୍ବା ଭାଷାଗତ ଭୁଲ ରହିଲେ ତାହା କେବଳ ଛାପା ତ୍ରୁଟି ହୋଇ ରହେ ନାହିଁ, ଏହା ଛାତ୍ରଙ୍କ ଶିକ୍ଷାକୁ ପ୍ରଭାବିତ କରିପାରେ। ତେଣୁ ବିଧାନସଭାରେ କେତେ ଭୁଲ ଚିହ୍ନଟ ହୋଇଛି, କେଉଁ ପୁସ୍ତକରେ ରହିଛି, କେତେ ଛାତ୍ର ପ୍ରଭାବିତ ହୋଇଛନ୍ତି, ସଂଶୋଧନ କିପରି ହେଉଛି ଏବଂ ଭବିଷ୍ୟତରେ ପାଠ୍ୟପୁସ୍ତକ ଯାଂଚ ପାଇଁ କେମିତି ନୂଆ ବ୍ୟବସ୍ଥା ହେବ - ଏହି ପ୍ରଶ୍ନର ଉତର ମିଳିବା ଦରକାର। ଶିକ୍ଷା ଭଳି ସମ୍ବେଦନଶୀଳ କ୍ଷେତ୍ରରେ ଦାୟିତ୍ୱ ନିର୍ଦ୍ଧାରଣ ସହିତ ଭୁଲ ସୁଧାରିବା ମଧ୍ୟ ସମାନ ଜରୁରୀ। ବନ୍ୟା ଓ ଜଳବନ୍ଦୀ ସମସ୍ୟା ମଧ୍ୟ ଅଧିବେଶନରେ ଗୁରୁତ୍ୱ ପାଇବା ଆବଶ୍ୟକ। ପ୍ରାକୃତିକ ବିପର୍ଯ୍ୟାୟକୁ ସମ୍ପୂର୍ଣ୍ଣ ରୋକିବା ସମ୍ଭବ ନୁହେଁ, କିନ୍ତୁ ପ୍ରସ୍ତୁତି, ଉଦ୍ଧାର, ରାହାତ ଓ ପୁନର୍ବାସ ବ୍ୟବସ୍ଥାକୁ ଦୃଢ କରିବା ସରକାରଙ୍କ ଦାୟିତ୍ୱ। କେତେ ଲୋକ ପ୍ରଭାବିତ ହେଲେ, କେତେ ପରିବାର ସହାୟତାପାଇଲେ, କୃଷି କ୍ଷତିର ଆକଳନ କିପରି ହେଲା, କ୍ଷତିପୂରଣ କେବେ ମିଳିବ ଏବଂ ଆଗାମୀ ଦିନରେ ବନ୍ୟା ନିୟନ୍ତ୍ରଣ ପାଇଁ ସ୍ଥାୟୀ ପଦକ୍ଷେପ କଣ - ଏହି ପ୍ରଶ୍ନରେ ସ୍ପଷ୍ଟ ଉତର ଦରକାର। ବିପକ୍ଷର କାମ କେବଳ ଅଭିଯୋଗ କରିବା ନୁହେଁ, କେଉଁଠାରେ ପ୍ରଶାସନିକ ତ୍ରୁଟି ହୋଇଛି ତାହା ଦଲିଲ ସହ ଦେଖାଇବା ଏବଂ ଆବଶ୍ୟକ ହେଲେ ବିକଳ୍ପ ପଦକ୍ଷେପ ପ୍ରସ୍ତାବ କରିବା ମଧ୍ୟ ତାହାର ଦାୟିତ୍ୱ। କୃଷକ ପ୍ରସଙ୍ଗ ମଧ୍ୟ ଏଥରର ଅଧିବେଶନରେ ଗୁରୁତ୍ୱ ଦାବି କରୁଛି। ଧାନ କିଣା, ଫସଲ କ୍ଷତି, ଚାଷ ଖର୍ଚ୍ଚ, ଜଳସେଚନ, ବଜାର ଦର ଓ କୃଷି ସହାୟତା ଭଳି ବିଷୟ କେବଳ କୃଷି ବିଭାଗର ପ୍ରଶ୍ନ ନୁହେଁ, ଏଗୁଡିକ ଗ୍ରାମୀଣ ଅର୍ଥନୀତିର ପ୍ରଶ୍ନ। ଚାଷୀଙ୍କ ଆୟ, ଉତ୍ପାଦନ ଓ ଜବାବ ସୁରକ୍ଷା ନେଇ ସରକାର କଣ କରୁଛି ଏବଂ ତାହାର ଫଳ କଣ-ଏହାର ମୂଲ୍ୟାୟନ ଆବଶ୍ୟକ। ସେହିପରି ବିରୋଧୀ ଦଳଗୁଡିକ ମଧ୍ୟ କୃଷକଙ୍କ ବାସ୍ତବ ସମସ୍ୟାକୁ ରାଜନୈତିକ ସ୍ଲୋଗାନରେ ସୀମିତ ନରଖି ନିର୍ଦ୍ଦିଷ୍ଟ ସମାଧାନ ରଖିବା ଦରକାର। ମହିଳା ସୁରକ୍ଷା, ଯୁବ ନିଯୁକ୍ତି ଓ ଆଇନଶୃଙ୍ଖଳା ଭଳି ବିଷୟ ମଧ୍ୟ ଜନଜୀବନ ସହ ସିଧାସଳଖ ଜଡିତ। ଏହି ବିଷୟରେ ତଥ୍ୟଭିତିକ ଆଲୋଚନା ହେବା ଆବଶ୍ୟକ। କେତେ ଅପରାଧ ଘଟିଛି, ତଦନ୍ତର ସ୍ଥିତି କଣ, ଅଭିଯୁକ୍ତିଙ୍କ ବିରୋଧରେ ଆଇନଗତ ପଦକ୍ଷେପ କେତେ ଦୂର ଆଗେଇଛି ଏବଂ ଅପରାଧ ରୋକିବା ପାଇଁ ପୁଲିସ ଓ ପ୍ରଶାସନ କଣ ନୂଆ ବ୍ୟବସ୍ଥା ନେଇଛି - ଏହି ପ୍ରଶ୍ନ ଉଠିବା ସ୍ୱାଭାବିକ। କିନ୍ତୁ ପ୍ରତ୍ୟେକ ଅଭିଯୋଗକୁ ନ୍ୟାୟିକ ନିଷ୍ପତି ପୂର୍ବରୁ ଅପରାଧ ପ୍ରମାଣିତ ଭାବେ ପ୍ରସ୍ତୁତ କରିବା ମଧ୍ୟ ଉଚିତ ନୁହେଁ। ବିଧାନସଭାର ବିତର୍କର ମର୍ଯ୍ୟାଦା ଏହି ସନ୍ତୁଳନ ଉପରେ ନିର୍ଭର କରେ। ଏଥର ସରକାର ପାଇଁ ଆଉ ଏକ ବଡ ପରୀକ୍ଷା ହେଉଛି- କେବଳ ନିଜ ଉପଲବ୍ଧି କହିବା ନୁହେଁ, ଅସୁବିଧାଜନକ ପ୍ରଶ୍ନର ମଧ୍ୟ ସିଧାସଳଖ ଉତର ଦେବା। ଗଣତନ୍ତ୍ରରେ ଶାସନର ଶକ୍ତି କେବଳ ସଂଖ୍ୟା ଗରିଷ୍ଠତାରେ ନୁହେଁ, ଉତରଦାୟିତ୍ୱରେ ମଧ୍ୟ ମପାଯାଏ। ଯଦି ବିରୋଧୀ ପ୍ରଶ୍ନ କରେ ଏବଂ ସରକାର ତଥ୍ୟ ସହ ଉତର ଦିଏ, ତେବେ ତାହା ଗଣତନ୍ତ୍ରକୁ ଦୁର୍ବଳ କରେ ନାହିଁ, ବରଂ ଆହୁରି ଶକ୍ତିଶାଳୀ କରେ। ସେହିପରି ବିରୋଧୀ ଦଳ ପାଇଁ ମଧ୍ୟ ଦାୟିତ୍ୱ ସମାନ। ସରକାରୁ ଘେରିବା ରାଜନୀତିର ଅଂଶ ହୋଇପାରେ, କିନ୍ତୁ ପ୍ରତ୍ୟେକ ଅଭିଯୋଗର ପଛରେ ତଥ୍ୟ, ଦଲିଲ ଓ ଯୁକ୍ତି ଥିଲେ ହିଁ ତାହା ବିଧାନସଭାର ଗମ୍ଭୀର ଆଲୋଚନାରେ ପରିଣତ ହୁଏ। ହଙ୍ଗାମା କିଛି ମୁହୂର୍ତ ପାଇଁ ରାଜନୈତିକ ଧ୍ୟାନ ଆଣିପାରେ, କିନ୍ତୁ ଜନସମସ୍ୟାର ସମାଧାନ କରେ ନାହିଁ। ତେଣୁ ପ୍ରଶ୍ନୋତର, ଶୂନ୍ୟକାଳ ବିଧେୟକ ଆଲୋଚନା, ବଜେଟ ଓ ନୀତିଗତ ବିତର୍କରେ ପ୍ରତ୍ୟେକ ସଦସ୍ୟଙ୍କ ସମୟର ସଠିକ ବ୍ୟବହାର ହେବା ଦରକାର। ବିଧାନସଭାରେ ଏକ ମିନିଟର ମୂଲ୍ୟ ସାଧାରଣ ରାଜନୈତିକ ସଭାର ଏକ ମିନିଟଠାରୁ ଅଧିକ। କାରଣ ଏଠାରେ କୁହାଯାଇଥିବା କଥା ସରକାରୀ ରେକର୍ଡର ଅଂଶ ହୁଏ, ପ୍ରଶ୍ନର ଉତର ଲୋକଙ୍କ ପାଇଁ ତଥ୍ୟର ଦଲିଲ ହୁଏ ଏବଂ ଆଲୋଚନା ଭବିଷ୍ୟତ ନୀତିକୁ ପ୍ରଭାବିତ କରିପାରେ। ତେଣୁ ଅଧିବେଶନ ଅଚଳ କରିବା କୌଣସି ପକ୍ଷ ପାଇଁ ଶେଷ ଲକ୍ଷ୍ୟ ହୋଇପାରିବ ନାହିଁ। ଅସହମତି ଦରକାର, ପ୍ରତିବାଦ ଦରକାର, କଠୋର ପ୍ରଶ୍ନ ମଧ୍ୟ ଦରକାର, କିନ୍ତୁ ଏହି ସବୁକୁ ସଂସଦୀୟ ପଦ୍ଧତିର ମଧ୍ୟରେ ରଖିବା ଦରକାର। ଏଥର ସରକାର ପାଂଚରୁ ଛଅଟି ବିଲ୍ ଆଣିବା ପାଇଁ ପ୍ରସ୍ତୁତି ନେଉଥିବା କୁହାଯାଇଛି। ତେଣୁ ପ୍ରତ୍ୟେକ ବିଲ୍ ଉପରେ ଧାରାଭିତିକ ଆଲୋଚନା, ଆଇନଗତ ପ୍ରଭାବର ବିଶ୍ଳେଷଣ ଓ ଲୋକଙ୍କ ଉପରେ ପରିଣାମ ବୁଝିବା ଦରକାର। ଦ୍ରୁତ ଭାବେ ବିଲ୍ ପାସ୍ କରିବା କିମ୍ବା କେବଳ ବିରୋଧ କରିବା ଦୁଇଟି ଚରମ ପଥ ହୋଇପାରେ।

# ଶୟନ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଆହର ସମସ୍ତଙ୍କ ଥିବା ପରି ଶୟନ ସମସ୍ତଙ୍କ ଅଛି, ସେ ଯେ କୌଣସି ଜୀବ, ଜନ୍ତୁ, ମନୁଷ୍ୟ, ଉଦ୍ଭିଦ ମରଲୋକର ହୁଅନ୍ତୁ ଏହି ଧାରାରୁ ବାଦ ନୁହଁନ୍ତି। ଏମିତିକି ଦେବତା ଯେ ନର ଗଣ ଅର୍ପିତ ପ୍ରସାଦର ସୂକ୍ଷ୍ମ ଅଂଶ ଗ୍ରହଣ କରିବା ଅନୁଭବ ହୁଏ ସେମାନେ ବି ଶୟନ କରିବାବି ମାନବୀୟ ଅନୁଭବ ଶାସ୍ତ୍ର ମାନଙ୍କରେ ଲିଖିତ ରହିଛି। ଅନେକଙ୍କ ଦେବାଳୟ ବା ଠାକୁର ଘରେ ରାତ୍ରୀ ହେଲେ ଯଦି ଗୁରୁଦେବ ଓ କୌଣସି ଦେବତାଙ୍କ ପ୍ରତିମା ବା ପ୍ରତିମୂର୍ତ୍ତି ବା ଫଟୋ ଚିତ୍ର ପୂଜା ସେବା ହେଉଥାଏ ତେବେ ସେମାନେ ନିଜେ ରାତ୍ର ପୂଜା ଆରତୀ ପରେ ଦେବଶୟନ ପାଇଁ ସୁନ୍ଦର ଶଯ୍ୟା ଦି ବ୍ୟବସ୍ଥା କରି ଗୃହ ବନ୍ଦ କରି ସେ ଦିନ ପାଇଁ ଠାକୁର ଘରୁ ଦୂରେଇ ରହି ସ୍ୱ ବିଶ୍ରାମକୁ ଯାଆନ୍ତି।

ପ୍ରତ୍ୟେକ କାର୍ଯ୍ୟ ଗୁରୁ ହୁଅନ୍ତୁ ବା ଇଷ୍ଟ ଦେବତା ତାଙ୍କ ଦିବ୍ୟ ଦୃଷ୍ଟିରେ ସବୁ କାର୍ଯ୍ୟ ତାଙ୍କ ଉପାସକ ଉପସିକାଗଣଙ୍କ ସଂଦର୍ଶନ କରୁଛନ୍ତି। ଏହି ଭାବ ଆସିଲେ ଯେ କେହି ଅନ୍ୟାୟ, ଅନୀତି, ଅଶାସ୍ତ୍ରୀୟ କାର୍ଯ୍ୟ କେବେ କରିପାରେଂ ନାହିଁ। ଯଦି କେହିବି କରିଥାଏ ସେ ବାରମ୍ବାର ଏପରି ସେବା ଆଶ୍ରୟରେ ସଂସ୍କାରିତ ହୋଇଯାଆନ୍ତି। ରାଗ, କ୍ରୋଧ, ହିଂସା, ଆକ୍ରୋଶ, ଲୋଭ, କାମାତୁର ଭାବ, ଦେବଗୁରୁଙ୍କ ବାରବାର ସାନ୍ନିଧ୍ୟରୁ ଦିଗବଦଳ କରେ। ଦେବତା ଗ୍ରହଙ୍କ ସ୍ଥିତି ଅଦୃଶ୍ୟ କିନ୍ତୁ ତାଙ୍କ ପ୍ରତିନିଧି ସଂସାରରେ ଦୃଶ୍ୟ କେହି ବି ଯଦି ଐତିହାସିକ ନାଟକ ଡ୍ରାମା ବା ସାମାଜିକ ନାଟକ ଡ୍ରାମା ଦେଖୁଥାନ୍ତି ଦେଖିବେ ନାଟକ ଡ୍ରାମାରେ ଚରିତ୍ର ଗୁଡ଼ିକ କଳ୍ପିତ ଚରିତ୍ର। ଯାହା ପୂର୍ବରୁ ଥିବା ବା ଘଟୁଥିବା ସମୟର ସତ୍ୟ ଆଧାରର ଛାୟା ଚରିତ୍ର ମାତ୍ର, ପିତୃ, ମାତୃ, ବଡ଼ଭାଇ ସାନ ଭାଇ, ପୁଅ, ଝିଅ, ସ୍ୱାମୀ, ସ୍ତ୍ରୀ ଅନ୍ୟାନ୍ୟ ସମ୍ପର୍କୀୟ, ଶତ୍ରୁ, ମିତ୍ର, ରାଜା, କାନୁନ, ପାପ, ପୁଣ୍ୟ, ଧର୍ମ, ଅଧର୍ମ, ଖାଦ୍ୟପେୟ, ଭୋଗ୍ୟ, ଅଭୋଗ୍ୟ ସବୁ ଗ୍ରହଙ୍କ ପ୍ରତିନିଧି ରୂପେ ରହିଛନ୍ତି। ପ୍ରତ୍ୟେକଙ୍କ ପାଇଁ ଇଷ୍ଟ ଦେବ ମୂର୍ତ୍ତି ମାନ କଳ୍ପିତ ଦେବତାଙ୍କର ଓ ଗୁରୁଙ୍କ ପ୍ରତିକୃତି ଚିତ୍ର ଛବି ଗୁରୁଙ୍କ ନିତ୍ୟ କାଳର ଏକ ସ୍ଥିର ଅବସ୍ଥା ମାତ୍ର। ଏହା ଉପାସନାକାରୀଙ୍କୁ ପ୍ରେରଣା ଯୋଗାଏ ସ୍ଥିରୋଭାବ। ସେମାନଙ୍କ କଥିତ ଉପଦେଶମାନ ଦେଇ ଯାହା ତାଙ୍କ ପ୍ରକଟ କାଳରେ ଦେଇ ସମସ୍ୟା ସମାଧାନ କରୁଥିଲେ ତାହା ତାଙ୍କର ଅପ୍ରକଟ ହେବା ପୂର୍ବରୁ ସ୍ଥିର ଭାବରେ ଲେଖି ରଖି ପୋଥି ବା ଛପା ପୁସ୍ତକରେ ପ୍ରକାଶ ତାଙ୍କ ଶିଷ୍ୟ ଭକ୍ତ ପାଇଁ ଯାଇଛନ୍ତି। ବିରାଟ ଶିଖ ସମ୍ପ୍ରଦାୟ ଗୁରୁଗ୍ରନ୍ଥ ସାହେବଙ୍କୁ ସଦା ମାନି ଚଳିବା ଦେଖାଯାଏ।

ଗୁରୁ ବାକ୍ୟକୁ ଆଚରଣ ପୋଷାକରେ ପରିଧାନରେ ଏପରି ଲଗାଇଛନ୍ତି ଯେ ମୁଣ୍ଡରେ ପଗଡ଼ି ଛାଡ଼ି ପୋଲିସ ସେନାର ଚାକିରୀରେ ବିହିତ ଟୋପି ପିନ୍ଧୁ ନାହାଁନ୍ତି। ଏପରିକି ହେଲମେଟ ଦ୍ୱିଚକ୍ର ଯାନ ଚାଳନା କାଳରେ ଲଗାଉନାହାନ୍ତି। ଏଠାରେ ରାଜ କାନୁନ ତାଙ୍କ ଗୁରୁ ବାକ୍ୟକୁ ମାନ୍ୟତା ଦେଉଛନ୍ତି। ଏମିତି ବହୁ ଧର୍ମର ମୌଳିକ ନିୟମକୁ ଆମ ଦେଶରେ ମାନ୍ୟତା ଦିଆଯାଉଛି। ଏବେ ଆମର ବ୍ୟବହାରିକ ପରମ୍ପରାରେ ଅନ୍ୟ ସ୍ଥାନ ଅଞ୍ଚଳର ଏପରିକି ଅନ୍ୟ ଜାତି ପାଟକ ସମ୍ପ୍ରଦାୟଙ୍କ ବ୍ୟବହାରିକ ପରମ୍ପରାର ଛାୟା ପଡ଼ି ହୋଇ ବିକୃତ ଗଲାଣି। ଦେଖନ୍ତୁ କନ୍ୟା ଯାଇ ବର ଘରେ ବିବାହ କେବେ ଦେଖିବାକୁ ମିଳୁନାହିଁ। ଯାହା ତୋଳା କନ୍ୟା ବିବାହ। ବରଯାଇ କନ୍ୟା ଘରେ ବିବାହା କରିବା ପଦ୍ଧତି ଯାହା ପାନିକି ଚଢ଼ା ବିବାହ ନିୟମରେ ନ ହୋଇ କନ୍ୟା ଘରକୁ ବର ନଯାଇ ଏକ ଭିନ୍ନ ସ୍ଥାନ କଲ୍ୟାଣ ମଣ୍ଡପ ବା ହୋଟେଲରେ ବିବାହ କାର୍ଯ୍ୟ କରାଗଲାଣି। କେହି ବି ପତ୍ର ପକାଇ ଭୋଜନ ବସି କରୁନାହାନ୍ତି। ଠିଆ ଠିଆଥାଲି ଧରି ମାଗନ୍ତା ମୁଦ୍ରାରେ ଖାଦ୍ୟରେ କାଦ୍ୟ ମାଗି ଭୋଜନ କରୁଛନ୍ତି। ଶଙ୍ଖୁଆ ଏକ ଶ୍ରେଣୀ ଏହାଙ୍କୁ ଶୁଭ କାର୍ଯ୍ୟରେ ଖୋଜା ଥିଲା, ଏବେ ଯିଏମାନେ ସେ ଶଙ୍ଖ ବଜାଉଛନ୍ତି। ଏମିତି ଅନେକ ପରିବର୍ତ୍ତନରେ ଉଖୁଡ଼ା ହାଣ୍ଡି, ଫେଣା ହାଣ୍ଡି, ବିଲୁପ୍ତ। ଏହିପରି ଏକ ବିଶେଷ ପରମ୍ପରା 'ଦିଅଁ ଶୋଇଲେ, ଝିଅ ଜେମା ଦେଇ, ଘରେ ରହିଲେ ଏସବୁ ବିଗତ କାଳର ପରମ୍ପରା, ଚତୁର୍ମାସ୍ୟା ଯେ କୌଣସି ଚାରି ମାସକୁ ନେଇ କୁହାଯାଏ ନାହିଁ।

କେବଳ ଆଷାଢ଼ ଶୁକ୍ଳ ଏକାଦଶୀରୁ କାର୍ତ୍ତିକ ଶୁକ୍ଳ ଏକାଦଶୀ ସମୟ, ହରିଶୟନୀ ମହାପ୍ରଭୁ ଜଗନ୍ନାଥଙ୍କ ଓଲଟ ବା ବାହୁଡ଼ା ରଥଯାତ୍ରାରେ ସୁନାବେଶ ଠାରୁ କାର୍ତ୍ତିକ ମାସ ଶୁକ୍ଳ ଏକାଦଶୀ ଯାଏ ହରିଶୟନ। ଶୟନରୁ ଉତ୍ଥାନ କାଳ ଠିକ ମଧ୍ୟରେ ପାର୍ଶ୍ୱ ପରିବର୍ତ୍ତନ, ଏପରି ତିନି ମୁଖ୍ୟ ଏକାଦଶୀ ସମ୍ବନ୍ଧଚତୁର୍ମାସ୍ୟା। ଏହି ସମୟରେ ବର୍ଷାଋତୁ। ବର୍ଷା ଦିନ ଖାରିଫଧାନ ଫସଲର ସମୟ ଆମ ରାଜ୍ୟ କୃଷି ପ୍ରଧାନ ରାଜ୍ୟ, ଭାତ ଆମର ପ୍ରଧାନ ଖାଦ୍ୟ। ପୁଣି ଚାଉଳରୁ ଅନେକ ପ୍ରକାର ଶାଖା ଖାଦ୍ୟ ଯଥା ଖଇ, ମୁଢ଼ି, ଚୂଡ଼ା, ଉଖୁଡ଼ା, ହୁଡୁମ୍ବ ଚାଉଳ ଚୁନା ବା ବଟାରୁ ନାନା ପ୍ରକାର ପିଠା ପ୍ରସ୍ତୁତ ହୁଏ। ଏହି ବର୍ଷା ଉପରେ ନିର୍ଭର କରି ଶାରଦ ଧାନ ଚାଷ। ଏହି ଚାରି ମାସର ସମୟ ନିର୍ଘଣ୍ଟରେ ରହିଛି ଭୂଦେବୀ ଓ ଶ୍ରୀଦେବୀ ପ୍ରଭୁଙ୍କର ନିତ୍ୟ ସେବାରେ ନିମଗ୍ନ। ଏହି ଶ୍ରୀ ଦେବୀ ଶସ୍ୟ ସମ୍ଭାର ପ୍ରଦାୟିନୀ ଅନ୍ନ ଦାୟିନୀ। ସର୍ବ ଜୀବ ପୋଷଣ କାରିଣୀ ମାଆ ପୃଥ୍ୱୀମାତା ଭୂଦେବୀ ଏହି ଦୁଇ ମା ପରସ୍ପର ସମଝୋତାରେ ଓ ଇନ୍ଦ୍ରଙ୍କ ସମୟ ଅନୁଯାୟୀ ବର୍ଷଣ କାଳରେ ମନୁଷ୍ୟ ମାନଙ୍କର ଆହାର ମିଳୁଛି। କାଳଙ୍କର ହାତ ନାହିଁ କାଳ ମାନେ କାହାରି ହାତଦ୍ୱାରା କାର୍ଯ୍ୟ ସାଧନ କରନ୍ତି। ଭୂଦେବୀଙ୍କ କାର୍ଯ୍ୟ ଭୂମି ପୁତ୍ରଙ୍କ ଦ୍ୱାରା ସାଧିତ ହୁଏ ଭୂମିପୁତ୍ରରେ ଏକ ହେଉଛନ୍ତି କୃଷକମାନେ ଆଉ ତାଙ୍କ ଠାକୁର ହଳାୟୁଧ ପ୍ରଭୁ ବଳରାମ। ରଥଯାତ୍ରାର ଆଗୁଆ ଯାତ୍ରୀ ବଳରାମ। ସେପରି କୃଷକ ଆଗୁଆ ଅନ୍ନ ଚିନ୍ତକ, ସେମାନେ କୃଷିର ଅବହେଳା କଲେ ଆଗକୁ ଲୋକେ ଖାଇବେ କ'ଣ ? ଅନ୍ନ ବହୁନେ ହଂସ ହାନି। ଯୋଗ ସାଧିବୁ କାହାଘେନି। ମାଳିକାରେ ଅଛି, ଆଗେ ମରିବେ ସୂତ୍ରଧାରୀ, ମଧ୍ୟେ ମରିବେ ବଣିକାରୀ, ଶେଷେ ମରିବେ କୃଷିକାରୀ। କୃଷକମାନେ ନଖାଇ ଆଗ ବିହନ ସଂଚୟ କରି ରଖନ୍ତି। ଚାଷୀ ହୁଡ଼ିଲେ ବର୍ଷେ, ନଦୀବଢ଼ି, ମରୁଡ଼ି ଯାହା ହେଲେ ସବୁ ବର୍ଷ ହେଉନାହିଁ ବିହନ ବଞ୍ଚିଲେ କି ଥିଲେ ଆଗାମୀକୁ ଚାଷ ଉଠିପାରିବ ଏ ଭରସା କୃଷକଙ୍କ ରହି ଆସିଛି। ଏହି ଚାରିମାସ ଶହେ କୋଡିଏ ଦିନ ଚାଷୀ ଚାଷ ଶ୍ରମିକ ଭୂଦେବୀ ଶ୍ରୀଦେବୀଙ୍କ ସେବାରେ ପାଣି, କାଦୁଅ, ଖରା, ବର୍ଷାରେ ଏକ ଲୟରେ ମାଙ୍କୁ ସବୁଜାମ୍ବରୀ ପିତାମ୍ବରୀ ଶସ୍ୟ ଶ୍ୟାମଳା କରିବା ସାଧନାରେ ଲିପ୍ତ ରହନ୍ତି। ଧାନ ଉଠିଲେ ସବୁ ଲୀଳା ନହେଲେ ସବୁ ବିଫଳ।

ଏ ପାଇଁ ଠାକୁରେ ଶୟନ କଲେ ଏ ଲୀଳା ଚାରିମାସ, ଚାଷ ଛାଡ଼ି କେଉଁ କୃଷକ କେବେ ତୀର୍ଥ କରି କେବେ ଯାଆନ୍ତି ନାହିଁ। ଆଗତ୍ୟା ଗୃହରେ ମରିଯାଇ ଥିବା ବ୍ୟକ୍ତିଙ୍କ ଅସ୍ଥି ବିସର୍ଜନ, ଗୟାଶ୍ରାଦ୍ଧ ପାଇଁ ପୁଣି ଅପରପକ୍ଷ ଶ୍ରାଦ୍ଧ ପୟା ଶ୍ରାଦ୍ଧ ଏହି ଦକ୍ଷିଣାୟାନ ପିତୃପକ୍ଷର ସମୟରେ କରାଯାଏ ଯହିଁରେ ସବୁ କୃଷିକାରୀ ଜଡ଼ିତ ନୁହଁନ୍ତି। ପ୍ରତି ଜୀବ ଶୟନ କରନ୍ତି। ମନୁଷ୍ୟ ତାର ଚିନ୍ତନର ଶ୍ରେଷ୍ଠ ଅତି ସୁନ୍ଦର ଶଯ୍ୟା ସ୍ୱ ଅର୍ଜନ ଅର୍ଥବଳରେ ଶଯ୍ୟା ଗୃହଖଟ ପଲଙ୍କ ଶଯ୍ୟା ଦ୍ରବ୍ୟ ବ୍ୟବହାର କଲାବେଳେ ସ୍ୱଇଷ୍ଟଙ୍କ ନିମିତ୍ତ ଆହୁରି ମୂଲ୍ୟବାନ ଯୋଗାଡ଼ କରି ଦେବ ଉଦ୍ଦେଶ୍ୟରେ ଅର୍ପଣ କରିଥାନ୍ତି। ଏ ସମୟରେ ଝଡ଼ ତୋଫାନ ସମୟ ପ୍ରଭୁ ବରୁଣ ରାଜଙ୍କ ଜାମାତା ସେ ତାଙ୍କ ଶ୍ୱଶୁର ଘରେ ତତ୍କାଳ ଶୟନ କରନ୍ତି ହେଲେ ଯୋଗନିଦ୍ରାରେ ଥାଆନ୍ତି। ସାଗରରୁ ହିଁ ଝଡ଼ର ସୃଷ୍ଟି ଏହା ପ୍ରଭୁଙ୍କ ଅଗୋଚରରେ କେବେ ସାଗର ଦିଗରୁ ଆସି ନପାରେ। ମନୁଷ୍ୟ ଏବେ ଅନେକ ଅସୁର ଚରିତ୍ର ଧାରୀ, ନିଜକୁ ସର୍ବେସର୍ବା ଚିନ୍ତନକାରୀ। ସବୁ ବିଜ୍ଞାନ ଭାବନା ଘଟଣା କିନ୍ତୁ ପ୍ରାକୃତିକ ତାଣ୍ଡବ ଏପରି ହୋଇପାରେ ଏପାଇଁ ଦେବ ଶୟନ କାଳରେ ଅନେକ ଉପାସନା ପୁଣି ଯୋଡ଼ା ଯାଇଛି। ଅକାଳ ବୋଧନ, ବଳଭଦ୍ର ଜନ୍ମ, ଭାଗବତ ଜନ୍ମ, ହରିଜନ୍ମ ଗଣେଶ ଜନ୍ମ, ବାମନ ଜନ୍ମ, ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା, କାଳୀ ପୂଜା, ତୁଳସୀ ବିବାହ, ଗୋବର୍ଦ୍ଧନ ପୂଜା, ବଡ଼ ଓଷା ପାଳିତ ହେଲେ ବି ପ୍ରକୃତିକୁ ଶାନ୍ତ ପାଇଁ ଏ ସବୁ ପୂଜା ପାର୍ବଣ ଯୋଡ଼ାଯାଇଛି। ଆଦିବାସୀମାନେ ଜଙ୍ଗଲକୁ ମା, ପୃଥିବୀକୁ ଧରଣୀ ପେନୁ ପାର୍ବତକୁ ଦେବତା ରୂପେ ବିଶେଷ ମାନ୍ୟତା ଦେଉଥିଲାବେଳେ ଆଧୁନିକ ବିଜ୍ଞାନ ଶାସ୍ତ୍ର ପଢ଼ା ଲୋକେ ଜଙ୍ଗଲ ନଷ୍ଟ, ପାହାଡ଼କୁ ଡିନାମାଇଟରେ ଫଟାଇ ବୃକ୍ଷ ମାନଙ୍କୁ ବିଲୋପ କରି କଳ କାରଖାନା ରାସ୍ତା ଆଲିଶାନ ବଙ୍ଗଳା କରିବା ଦ୍ୱାରା ଯେଉଁ ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ବର୍ଷ ଭୋଗ ହେଉଛି ସେତିକି ବେଳକୁ ତ୍ରାହି ଚିତ୍କାର ଶୁଣାଯାଉଛି।

ଏହା ବହୁବର୍ଷ ପୂର୍ବରୁ ଅନୁମାନ କରାଯାଇ ଦିଅଁ ଶୟନ କ୍ଷୀର ସାଗରରେ କଳ୍ପନା ଏହି ସମୟରେ ଧାର୍ଯ୍ୟ କରାଯାଇଛି। ନିଜକୁ ପୁରୁଷୋତ୍ତମ ବୋଲାଇ ଧ୍ୱଂସ ଦିଗକୁ ପୃଥିବୀକୁ ଭିଡ଼ିନେବା ପଥ ବାରମ୍ବାର ଫର୍ଦ୍ଦା ଲମ୍ବା ହେବାକୁ ଲାଗିଲାଣି। ପ୍ରଳୟ ଦିଗ ସଂକୁଚିତ ପ୍ରଥାକୁ ଖୋଲି ଲୋକେ ପୁରୁଷୋତ୍ତମ ହେବା ଚିନ୍ତନ ବ୍ୟାପକ। ଏମିତି ଧକା କାଇ ବି କେହ ବି ବୁଝୁନାହାନ୍ତି। ପୁରୁଷୋତ୍ତମର ନୂଆ ବ୍ୟାଖ୍ୟାରେ ପାଠ ନଥାଇ ଡକ୍ଟର, ଡକ୍ଟରେଟ, ପଣ୍ଡିତ, ନେତା ଏପରି ଅନେକ। ଦାଶିଆ ବାଉରୀ, ବନ୍ଧୁ ମହାନ୍ତିଙ୍କ ପରି ଭକ୍ତ ମିଳିବା ଦୁଷ୍କର। ଯେଉଁମାନେ କି କେବେ ନିଜକୁ ଭକ୍ତ ଡିଣ୍ଡିମ ପିଟିନଥିଲେ ହେଲେ ଅନେକ ଏବେ ଠାକୁର, ଗୁରୁଙ୍କ ଭକ୍ତ କହି ଚାଲିଛନ୍ତି। ଭକ୍ତର ଲକ୍ଷଣ କଣ କାହାକୁ ବି ଜଣାନାହିଁ। ଗୁରୁ ଗିରିରେ ଅନେକ ଭେକ ଧାରୀ କିନ୍ତୁ ଶିଷ୍ୟ ଶିଷ୍ୟାଙ୍କର ଦୁଃଖ ସେମାନେ ହରଣ ଜାଣନ୍ତି ନାହିଁ। ଭକ୍ତମାନେ କଳ୍ପନା ଚକ୍ଷୁରେ ଦେବତାଙ୍କ ବା ଉପାସ୍ୟଙ୍କ ଲୀଳା ବୁଝନ୍ତି ଉପଯୁକ୍ତ ଗୁରୁ ଦୀକ୍ଷା ଦେଇ ସେ ଲୀଳାକୁ ଭଲ ଭାବରେ ବୁଝାଇ ପାରନ୍ତି, ବ୍ରତୀ କରାଇପାରନ୍ତି। ନାଭୀ ଶକ୍ତି, ବ୍ରହ୍ମ ସ୍ଥାନ ଗୁରୁତ୍ୱପୂର୍ଣ୍ଣ ତଥ୍ୟ।

ଭଗବାନ ବିଷ୍ଣୁ ଶୟନ କରିବା ବେଳେ ତାଙ୍କ ନାଭୀରୁ ଉର୍ଦ୍ଧଗାମୀ ପଦ୍ମରେ ବ୍ରହ୍ମା ରହି ସୃଷ୍ଟି କରନ୍ତି। ପ୍ରତ୍ୟେକ ପାଇଁ ଏକ ବିଶେଷ ଶାସ୍ତ୍ର ବାର୍ତ୍ତା ଶୟନେ ପଦ୍ମନାଭଂ ଶୟନ କାଳରେ ଭଗବାନଙ୍କ ଏହି ଲୀଳା ସ୍ମରଣ କରିବାକୁ ହେବ। ନାଭୀ ତଥ୍ୟ ଅଣୁ ପରମାଣୁ ବିଦ୍ୟା ସହ ଜଡ଼ିତ ବ୍ରହ୍ମା ପଦ୍ମଯୋନୀ। ଯୋନ ସୃଷ୍ଟିର ଆଧାର ପଦ୍ମକର ପାଖୁଡ଼ା ପରି ନାଭୀ କେନ୍ଦ୍ରକୁ ଇଲେକ୍ଟ୍ରନମାନେ ଅହରହ ଘୁରୁଛନ୍ତି। ସୃଷ୍ଟି ସମ୍ଭବ ଜଡ଼ ଚେତନ ସହମେଳରେ ଯାହା ପ୍ରଜାପତି ବ୍ରହ୍ମାଙ୍କ କାମ। ସବୁ ଚେତନ ଜଡ଼ରେ ଅଣୁ ବିଦ୍ୟମାନ। ଅଣୁରେ ନାଭୀ ଆଉ ଏପରି ଇଲେକ୍ଟ୍ରନର ପାଖୁଡ଼ା ଦୃଶ୍ୟ କିନ୍ତୁ ମନୁଷ୍ୟ ଖାଲିଚକ୍ଷୁରେ ଦେଖି ନପାରେ। ଜୀବାଣୁ ଦେଖିବା ପାଇଁ ବିଜ୍ଞାନୀ ଆଣୁବିକ୍ଷୀଣ ଯନ୍ତ୍ର ବାହାର କରିଛନ୍ତି। ସୂକ୍ଷ୍ମ ଦର୍ଶନ ପାଇଁ କେବଳ ପରୀକ୍ଷାଗାରରେ ଅତି ମୂଲ୍ୟବାନ ଯନ୍ତ୍ର ରହିଛି। ସୃଷ୍ଟି ରହସ୍ୟ ଭେଦ କରିବା ପାଇଁ ସମସ୍ତେ ଉସ୍ତୁକ। ହେଲେ ଏହା ଅତିମାନସ ଜ୍ଞାନର ପରିସର ବିଦ୍ୟା। ଏହା ଗଣିତରେ ସ୍ଥିର କରିବା ସହଜ ନୁହେଁ। ଦର୍ଶନଶାସ୍ତ୍ରବିତ ଏହାର ବିବରଣୀ ବୁଝାଇ ପାରନ୍ତି। ଦେବ ଶୟନରେ ଏହି ସବୁର ଲୀଳା ଲୁଚି ରହିଛି। କାଳ ଆଉ କାଳୀ, ଶବ ଆଉ ଶିବ ଏହି ଶୟନ କାଳରେ ଉପାସନା ଓ ରଓ କଳ୍ପନା ବିଷୟ। ତାମସିକ ଆସୁରୀ ଶକ୍ତିର ପ୍ରାବଲ୍ୟ ଧ୍ୱଂସକାରୀ ସାତ୍ତ୍ୱିକ ଦେବ କୁମାରୀଙ୍କ ରାଜସିକ ରୂପରେ ଉପାସନା ଏହି ସମୟରେ ରହୁଛି। ତାମସିକ ଶକ୍ତି ପ୍ରାବଲ୍ୟ ଅତିରିକ୍ତ ସଦା ଅସହ୍ୟ। ଏହା ନାରୀଶକ୍ତିର ଜାଗରଣରେ ହୋଇ ପରେ ପୁଣି ଯୁବତୀ ଅବିବାହିତ କନ୍ୟାଙ୍କ ଦ୍ୱାରା ପୁଣି କନ୍ୟା ସଂଗଠନ ଶକ୍ତି ଦ୍ୱାରା ହୋଇପାରେ। ଏହି ଦେବଶୟନ କାଳରେ ଆଦର୍ଶ ରୂପେ ରଖାଯାଇଛି।

ଦେବ ଶୟନରେ ବିଷ୍ଣୁ ଗରୁଡ଼ କାମଦେବ ଶିବଙ୍କ ପରି ଶକ୍ତିମାନେ ଶୟନ କାଳରେ ଦେବୀମା ଶୟନ ନକରି ବହୁ ବିଳମ୍ବରେ ଶୟନ କରି ଅକାଳବୋଧନରେ ଆଶ୍ୱିନ ଶୁକ୍ଳଷଷ୍ଠୀରେ ଜାଗରଣ କରାଯାଏ। ସବୁ ପରିବାରରେ ମାଆମାନେ ବିଳମ୍ବରେ ଶୟନ କରନ୍ତି ଅନ୍ୟମାନେ ଜଗିବା ପୂର୍ବରୁ ନିଜେ ଶଯ୍ୟା ତ୍ୟାଗ କରି ଦ୍ୱାରଫିଟା ଅଗଣା ମାର୍ଜନା ଆଦି କାମ କରିବା ଦେଖାଯାଉଛି। ଏ ମାତୃକଳା ହୁଏତ ସେହି ବିଶ୍ୱ ଜନନୀଙ୍କ ଗତାନୁଗତିକ ବା ପାରମ୍ପାରିକ କଳା। ପାର୍ଶ୍ୱ ପରିବର୍ତ୍ତନ, ସବୁ ଶୟନରତ ବ୍ୟକ୍ତିଙ୍କ ହୁଏ। (କ୍ରମଶଃ)

# ପିପ୍ରାହ୍ୱା ଅବଶେଷର ଇତିହାସ : ଏକ ଅବବୋଧ

**ଡ଼. କପିଳେନ୍ଦ୍ର ଦାସ**

ଇତିହାସ କେବଳ ଅତୀତ ଘଟଣାର ବିବରଣୀ ନୁହେଁ; ଏହା ମାନବ ସଭ୍ୟତାର ବିକାଶ, ସଂସ୍କୃତି, ଧର୍ମ ଏବଂ ସାମାଜିକ ଚେତନାର ଦଲିଲ । ଭାରତୀୟ ଇତିହାସରେ ବୌଦ୍ଧ ସଭ୍ୟତାର ଅବଦାନ ଅପରିମେୟ । ଏହି ସଭ୍ୟତାର ପ୍ରାଚୀନତା ଓ ବିଶ୍ୱସନୀୟତା ପ୍ରମାଣ କରୁଥିବା ପ୍ରତ୍ନତାତ୍ତ୍ୱିକ ସ୍ଥଳମାନଙ୍କ ମଧ୍ୟରେ ପିପ୍ରାହ୍ୱା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ । ଉତ୍ତର ପ୍ରଦେଶର ସିଦ୍ଧାର୍ଥନଗର ଜିଲ୍ଲାରେ ଅବସ୍ଥିତ ଏହି ସ୍ଥାନ ବୁଦ୍ଧଙ୍କ ଜନ୍ମବଂଶ ଶାକ୍ୟ ଏବଂ ପ୍ରାଚୀନ କପିଳବସ୍ତୁ ସହ ସମ୍ପୃକ୍ତ ବୋଲି ଅନେକ ଗବେଷକ ମତ ଦେଇଛନ୍ତି । ଏଠାରୁ ମିଳିଥିବା ସ୍ତୁପ, ଅସ୍ଥିଧାତୁ, ବିଭିନ୍ନ ପ୍ରତି ସାମଗ୍ରୀ ଓ ବ୍ରାହ୍ମୀଲିପିର ଲେଖ ଗୌତମବୁଦ୍ଧଙ୍କ ଜୀବନ ଓ ପ୍ରାରମ୍ଭିକ ବୌଦ୍ଧ ଧର୍ମର ଇତିହାସକୁ ନୂତନ ଦିଗ ପ୍ରଦାନ କରିଛି । ପିପ୍ରାହ୍ୱାର ଗୁରୁତ୍ୱ କେବଳ ଧାର୍ମିକ ନୁହେଁ; ଏହା ପ୍ରତ୍ନତତ୍ତ୍ୱ, ଇତିହାସ, ପାଲି ସାହିତ୍ୟ ଓ ଦକ୍ଷିଣ ଏସିଆର ସାଂସ୍କୃତିକ ଭୂଗୋଳ ଅଧ୍ୟୟନର ଏକ ପ୍ରମୁଖ କେନ୍ଦ୍ର ।

ପିପ୍ରାହ୍ୱା ଭାରତ-ନେପାଳ ସୀମା ସନ୍ନିକଟରେ ଅବସ୍ଥିତ । ଏହି ଅଞ୍ଚଳ ପ୍ରାଚୀନ ଶାକ୍ୟ ଗଣରାଜ୍ୟର ଅଂଶ ଥିବା ସମ୍ଭାବନାକୁ ଅନେକ ପ୍ରତ୍ନତତ୍ତ୍ୱିକ ପ୍ରମାଣ ସମର୍ଥନ କରେ । ପାଲି ଗ୍ରନ୍ଥ ମହାପରିନିବ୍ବାନ ସୁତ୍ତରେ ଉଲ୍ଲେଖ ଅଛି ଯେ ବୁଦ୍ଧଙ୍କ ପରିନିର୍ବାଣ ପରେ ଶାକ୍ୟମାନେ ତାଙ୍କର ଅସ୍ଥିଧାତୁର ଏକ ଅଂଶ ପାଇ ସ୍ତୂପ ନିର୍ମାଣ କରିଥିଲେ । ପିପ୍ରାହ୍ୱାର ସ୍ତୂପକୁ ଅନେକ ଗବେଷକ ସେହି ପରମ୍ପରା ସହ ଯୋଡି ଦେଖନ୍ତି ।

୧୮୯୮ ମସିହାରେ ବ୍ରିଟିଶ ଜମିଦାର ୱିଲିୟମ କ୍ଲାକ୍ସଟନ ପେପେ ପିପ୍ରାହ୍ୱାର ବିଶାଳ ସ୍ତୂପର ଖନନ କରାଇଥିଲେ । ଖନନ ସମୟରେ ଏକ ପଥରର ପେଟିକା ମଧ୍ୟରୁ ସ୍ଫଟିକ ମଞ୍ଜୁଷା, ସୁନାର ଅଳଙ୍କାର, ରତ୍ନ, ମୁକ୍ତା ଏବଂ ଅସ୍ଥିଧାତୁ ଉଦ୍ଧାର ହୋଇଥିଲା । ଏହା ସହ ମିଳିଥିବା ବ୍ରାହ୍ମୀ ଲିପିର ଶିଳାଲେଖ ପ୍ରତ୍ନତତ୍ତ୍ୱ ଜଗତରେ ଆଲୋଡ଼ନ ସୃଷ୍ଟି କରିଥିଲା ।

ଏହି ଶିଳାଲେଖକୁ ଅନେକ ବିଦ୍ୱାନ ଏପରି ପଢ଼ିଛନ୍ତି ଯେ ଏହା "ଶାକ୍ୟମାନଙ୍କ ଦ୍ୱାରା ଭଗବାନ ବୁଦ୍ଧଙ୍କ ଧାତୁ ସଂରକ୍ଷିତ ହୋଇଥିବା"ର ଉଲ୍ଲେଖ କରେ । ଯଦିଓ ଏହାର ପାଠୋଦ୍ଧାରକୁ ନେଇ କିଛି ମତଭେଦ ରହିଛି, ତଥାପି ଏହା ପ୍ରାଚୀନ ବୌଦ୍ଧ ଐତିହ୍ୟର ଏକ ଅମୂଲ୍ୟ ଦଲିଲ ।

ବୌଦ୍ଧ ଧର୍ମଗ୍ରନ୍ଥ ଅନୁସାରେ, କୁଶୀନଗରରେ ବୁଦ୍ଧଙ୍କ ମହାପରିନିର୍ବାଣ ପରେ ତାଙ୍କର ଅସ୍ଥିଧାତୁକୁ ଆଠଟି ରାଜ୍ୟ ମଧ୍ୟରେ ବଣ୍ଟନ କରାଯାଇଥିଲା । ଶାକ୍ୟମାନେ ମଧ୍ୟ ଏହାର ଏକ ଅଂଶ ପାଇଥିଲେ । ପିପ୍ରାହ୍ୱାରୁ ମିଳିଥିବା ଧାତୁ ସେହି ଅଂଶ ବୋଲି ଅନେକ ଗବେଷକ ମନେ କରନ୍ତି ।

ଏହି ଆବିଷ୍କାର ବୌଦ୍ଧ ଧର୍ମର ପ୍ରାରମ୍ଭିକ ଇତିହାସକୁ କେବଳ ସାହିତ୍ୟିକ ନୁହେଁ, ପ୍ରତ୍ନତାତ୍ତ୍ୱିକ ଭାବରେ ମଧ୍ୟ ସମର୍ଥନ କରିଛି ।

୧୯୭୦ ଦଶକରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣର ପ୍ରତ୍ନତତ୍ତ୍ୱବିଦ୍ ଡ.କେ. ଏମ୍. ଶ୍ରୀବାସ୍ତବ ପିପ୍ରାହ୍ୱାରେ ବ୍ୟାପକ ଖନନ କରିଥିଲେ । ଏହି ଖନନରେ ଅନେକ ବୌଦ୍ଧ ବିହାର, ଇଟା ନିର୍ମିତ ସଂରଚନା, ମୁଦ୍ରା, ଟେରାକୋଟା ପ୍ରତିମା ଓ ଅନ୍ୟାନ୍ୟ ପ୍ରତ୍ନସାମଗ୍ରୀ ମିଳିଥିଲା । ଏହାରୁ ଜଣାପଡେ ଯେ ପିପ୍ରାହ୍ୱା ଶତାବ୍ଦୀ ଧରି ବୌଦ୍ଧ ଶିକ୍ଷା, ସାଧନା ଓ ତୀର୍ଥଯାତ୍ରାର ଏକ ପ୍ରମୁଖ କେନ୍ଦ୍ର ଥିଲା ।

ଭାରତୀୟ ପ୍ରତ୍ନତତ୍ତ୍ୱବିଦ୍ମାନେ ପିପ୍ରାହ୍ୱାକୁ ପ୍ରାଚୀନ କପିଳବସ୍ତୁ ସହ ଯୋଡ଼ିଥିବା ବେଳେ, ନେପାଳର ଅଧିକାଂଶ ଗବେଷକ ତିଲୌରାକୋଟକୁ ପ୍ରକୃତ କପିଳବସ୍ତୁ ବୋଲି ଦାବି କରନ୍ତି । ଚୀନା ପରିବ୍ରାଜକ ଫା-ହିଏନ୍ ଓ ହ୍ୟୁଏନ୍-ସାଙ୍ଗଙ୍କ ବିବରଣୀ, ପ୍ରତ୍ନତତ୍ତ୍ୱିକ ପ୍ରମାଣ ଓ ଭୌଗୋଳିକ ବିଶ୍ଳେଷଣ ଆଧାରରେ ଉଭୟ ପକ୍ଷ ନିଜ ମତକୁ ସମର୍ଥନ କରିଛନ୍ତି । ଏହି ବିବାଦ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ଭାବରେ ସମାଧାନ ହୋଇନଥିଲେ ମଧ୍ୟ, ପିପ୍ରାହ୍ୱାର ବୌଦ୍ଧ ଐତିହ୍ୟଗତ ଗୁରୁତ୍ୱ ନିର୍ବିବାଦ ଏବଂ ଏହାର ଐତିହାସିକ ମହତ୍ୱ କୌଣସି ପ୍ରକାରେ କମିଯାଏ ନାହିଁ ।

ବ୍ରାହ୍ମୀ ଶିଳାଲେଖର ଗୁରୁତ୍ୱ-

ପିପ୍ରାହ୍ୱାରୁ ପ୍ରାପ୍ତ ବ୍ରାହ୍ମୀ ଶିଳାଲେଖ ଭାରତର ପ୍ରାଚୀନ ଲିପି ଓ ଭାଷା ଅଧ୍ୟୟନ ପାଇଁ ଅମୂଲ୍ୟ । ଏହା ମୌର୍ଯ୍ୟ-ପୂର୍ବ କିମ୍ବା ପ୍ରାରମ୍ଭିକ ମୌର୍ଯ୍ୟ ଯୁଗର ହୋଇପାରେ ବୋଲି ଅନେକ ବିଦ୍ୱାନ ମତ ଦେଇଛନ୍ତି । ଏହି ଲେଖ ଦର୍ଶାଏ ଯେ ବୁଦ୍ଧଙ୍କ ସ୍ମୃତିକୁ ସଂରକ୍ଷଣ କରିବା ପାଇଁ ଶାକ୍ୟମାନଙ୍କର ଗଭୀର ଧାର୍ମିକ ଓ ସାଂସ୍କୃତିକ ସଚେତନତା ଥିଲା ।

ଅନେକ ଗବେଷକଙ୍କ ମତରେ ପିପ୍ରାହ୍ୱାର ସ୍ତୂପକୁ ସମ୍ରାଟ ଅଶୋକ ପୁନର୍ନିର୍ମାଣ କିମ୍ବା ବିସ୍ତାର କରିଥିଲେ । ଅଶୋକଙ୍କ ସମୟରେ ବୌଦ୍ଧ ଧର୍ମ ସମଗ୍ର ଏସିଆରେ ବ୍ୟାପିଥିଲା ଏବଂ ବୁଦ୍ଧଙ୍କ ଧାତୁକୁ ବିଭିନ୍ନ ସ୍ଥାନରେ ସ୍ଥାପନ କରି ଅସଂଖ୍ୟ ସ୍ତୂପ ନିର୍ମାଣ କରାଯାଇଥିଲା । ପିପ୍ରାହ୍ୱାର ସ୍ଥାପତ୍ୟରେ ମଧ୍ୟ ମୌର୍ଯ୍ୟ ଓ ପରବର୍ତ୍ତୀ କୁଷାଣ ଯୁଗର ପ୍ରଭାବ ସ୍ପଷ୍ଟ ।

ଆଧୁନିକ ପ୍ରତ୍ନତତ୍ତ୍ୱ, କାର୍ବନ ଡେଟିଂ, ମାଟିର ସ୍ତର ବିଶ୍ଳେଷଣ ଓ ଲିପିବିଜ୍ଞାନ ପିପ୍ରାହ୍ୱାର ଐତିହାସିକ ଗୁରୁତ୍ୱକୁ ଅଧିକ ସୁଦୃଢ଼ କରିଛି । ଅନେକ ଆନ୍ତର୍ଜାତିକ ଗବେଷକ ଏହାକୁ ବୌଦ୍ଧ ଧର୍ମର ପ୍ରାରମ୍ଭିକ ବିକାଶ ବୁଝିବା ପାଇଁ ଏକ ଅତ୍ୟନ୍ତ ଆବଶ୍ୟକ ପ୍ରତ୍ନସ୍ଥଳ ବୋଲି ବିବେଚନା କରିଛନ୍ତି ।

ପିପ୍ରାହ୍ୱାର ଐତିହାସିକ ମହତ୍ତ୍ୱ ଓ ଗୁରୁତ୍ୱ –

ବୁଦ୍ଧଙ୍କ ଅସ୍ଥିଧାତୁ ସହ ସମ୍ଭାବ୍ୟ ସମ୍ପର୍କ, ପ୍ରାଚୀନ ଶାକ୍ୟ ଗଣରାଜ୍ୟର ଇତିହାସକୁ ସମର୍ଥନ, ବ୍ରାହ୍ମୀ ଲିପିର ପ୍ରାଚୀନ ନମୁନା, ପ୍ରାରମ୍ଭିକ ବୌଦ୍ଧ ସ୍ଥାପତ୍ୟର ବିକାଶର ପ୍ରମାଣ, ଭାରତ-ନେପାଳର ସାଧାରଣ ସାଂସ୍କୃତିକ ଐତିହ୍ୟର ପ୍ରତୀକ ଓ ବୌଦ୍ଧ ତୀର୍ଥଯାତ୍ରାର ଆନ୍ତର୍ଜାତିକ କେନ୍ଦ୍ର ।

ପିପ୍ରାହ୍ୱା କେବଳ ଏକ ପ୍ରତ୍ନସ୍ଥଳ ନୁହେଁ, ଏହା ବିଶ୍ୱ ଐତିହ୍ୟର ଏକ ଅମୂଲ୍ୟ ସମ୍ପଦ । ଏହାର ସଂରକ୍ଷଣ ପାଇଁ ନିୟମିତ ଖନନ, ବୈଜ୍ଞାନିକ ଗବେଷଣା, ଡିଜିଟାଲ ଦଲିଲୀକରଣ, ସ୍ଥାନୀୟ ଲୋକଙ୍କ ସହଭାଗିତା ଓ ଆନ୍ତର୍ଜାତିକ ସହଯୋଗ ଅତ୍ୟନ୍ତ ଆବଶ୍ୟକ । ବିଶ୍ୱ ଐତିହ୍ୟର ଅଂଶ ଭାବେ ଏହାକୁ ଅଧିକ ବ୍ୟାପକ ଭାବରେ ସଂରକ୍ଷଣ ଓ ପ୍ରଚାର କରାଯିବା ଉଚିତ ।

ପିପ୍ରାହ୍ୱା ଅବଶେଷ କେବଳ ପ୍ରତ୍ନସ୍ଥଳ ନୁହେଁ ଏହା ଭାରତୀୟ ଇତିହାସ, ବୌଦ୍ଧ ସଭ୍ୟତା ଏବଂ ପ୍ରତ୍ନତତ୍ତ୍ୱର ଏକ ଅମୂଲ୍ୟ ଧନ । ଏହା ଆମକୁ ମନେ ପକାଏ ଯେ ଇତିହାସ କେବଳ ପୁସ୍ତକରେ ନୁହେଁ; ମାଟିର ତଳେ, ପ୍ରତ୍ନବସ୍ତୁରେ ଏବଂ ଶିଳାଲେଖରେ ମଧ୍ୟ ସେ ଜୀବନ୍ତ ରହିଥାଏ । ପିପ୍ରାହ୍ୱାକୁ ନେଇ କିଛି ଐତିହାସିକ ବିବାଦ ଥିଲେ ମଧ୍ୟ, ଏହାର ପ୍ରତ୍ନତାତ୍ତ୍ୱିକ ମୂଲ୍ୟ ଓ ବୌଦ୍ଧ ଜଗତରେ ଏହାର ସ୍ଥାନ ଅତୁଳନୀୟ ।

ପ୍ରମାଣ-ଆଧାରିତ ଇତିହାସ ଅଧ୍ୟୟନ ଆମକୁ ଅନ୍ଧବିଶ୍ୱାସରୁ ମୁକ୍ତ କରି ସତ୍ୟର ନିକଟତର କରେ । ପିପ୍ରାହ୍ୱା ସେହି ସତ୍ୟ ଅନ୍ୱେଷଣର ଏକ ଉଜ୍ଜ୍ୱଳ ଉଦାହରଣ । ଇତିହାସ ସଠିକ ଅବବୋଧ ପାଇଁ ଭାବନା ଅପେକ୍ଷା ପ୍ରମାଣକୁ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ । ପିପ୍ରାହ୍ୱା ଆମକୁ ସେହି ଶିକ୍ଷା ଦିଏ ଯେ ଅତୀତକୁ ବୁଝିବା ପାଇଁ ପ୍ରତ୍ନତତ୍ତ୍ୱ, ଇତିହାସ ଓ ବୈଜ୍ଞାନିକ ଗବେଷଣାର ସମନ୍ୱୟ ଅତ୍ୟନ୍ତ ଆବଶ୍ୟକ । ଏହି ଐତିହାସିକ ସ୍ଥଳ ଭବିଷ୍ୟତରେ ମଧ୍ୟ ଗବେଷକ, ଐତିହାସିକ ଏବଂ ବୌଦ୍ଧ ଧର୍ମାବଲମ୍ବି ମାନଙ୍କ ପାଇଁ ପ୍ରେରଣାର ଏକ ଅକ୍ଷୟ ଉତ୍ସ ହୋଇ ରହିବ ।

ଭେଲା, ନୂଆପଡା
୭୮୯୪୫୨୯୮୦୧

# ଉତ୍କଳମଣି ଗୋପବନ୍ଧୁ ଦାସ

**ଡ଼ଃ. ଅରୁନ୍ଧତୀ ଦେବୀ**

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓଡ଼ିଆ ଜାତିର ଗର୍ବ ଓ ଗୌରବ। ଏକଧାରରେ ସେ ସାହିତ୍ୟିକ, ସଂସ୍କାରକ, ଜନସେବକ, ଦେଶପ୍ରେମୀ, ସ୍ୱାଧୀନତା ସଂଗ୍ରାମୀ, ସଂଗଠକ ଓ ବାଗ୍ମୀ ଥିଲେ। ପୁରୀ ଜିଲ୍ଲା ଅନ୍ତର୍ଗତ ଭାର୍ଗବୀ ନଦୀ କୂଳରେ ଥିବା ସୁଆଣ୍ଡୋ ଗ୍ରାମରେ ତାଙ୍କର ଜନ୍ମ। କଲକାତାରୁ ଆଇନ ଡିଗ୍ରୀ ହାସଲ ପରେ ସେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଅଧୀନରେ ଓକିଲାତି ଆରମ୍ଭ କରିଥିଲେ। ପରେ ସେ ପୁରୀରେ କିଛି କାଳ ସ୍ୱାଧୀନ ଭାବେ ଆଇନ ବ୍ୟବସାୟ କରିଥିଲେ। ମାତ୍ର ଅର୍ଥ ଉପାର୍ଜନ ତାଙ୍କର ଅଭିଳାଷ ନଥିବାରୁ ଶିକ୍ଷକତା କରିଥିଲେ। ୧୯୦୯ରେ ପ୍ରତିଷ୍ଠା କରିଥିଲେ ସାକ୍ଷୀଗୋପାଳ ବନ ବିଦ୍ୟାଳୟ। ଏହା ଥିଲା ଆଦର୍ଶ ମାନବ ନିର୍ମାଣ କାରଖାନା। ବନ ବିଦ୍ୟାଳୟର ପାଞ୍ଚ ଆଦର୍ଶ ଶିକ୍ଷକ ଗୋପବନ୍ଧୁ, ହରିହର, ନୀଳକଣ୍ଠ, ଗୋଦାବରୀଶ ଓ କୃପାସିନ୍ଧୁ 'ପଞ୍ଚସଖା' ଭାବେ ଖ୍ୟାତ। ମହାତ୍ମା ଗାନ୍ଧୀ ୧୯୨୧ରେ ଓଡ଼ିଶାକୁ ପ୍ରଥମ ଥର ପାଇଁ ଆସିଥିବାବେଳେ ବନ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଫେରିବା ପରେ ତାଙ୍କ ଦ୍ୱାରା ପ୍ରକାଶିତ ୟଙ୍ଗ ଇଣ୍ଡିଆରେ ଲେଖିଥିଲେ ଏ ଭଳି ନିଷ୍ଠାପର ଶିକ୍ଷକ ଓ ଛାତ୍ର ଯଦି ଦେଶରେ ସୃଷ୍ଟି ହୁଅନ୍ତେ, ତେବେ ବର୍ଷକ ମଧ୍ୟରେ ସ୍ୱରାଜ୍ୟ ଲାଭ କରିବା କିଛି ବିସ୍ମୟକର କଥା ନୁହେଁ ବୋଲି ମୋର ବିଶ୍ୱାସ।

ଦୁର୍ଗତ ଜନସାଧାରଣଙ୍କ ସେବା, ବିଭୁପ୍ରୀତି ଓ ଦେଶପ୍ରୀତି ଥିଲା ଗୋପବନ୍ଧୁଙ୍କ ଜୀବନର ମହାମନ୍ତ୍ର। ଓଡ଼ିଆ ଭାଷା, ଜାତି ଓ ସାହିତ୍ୟକୁ ଗୌରବମଣ୍ଡିତ କରିବାକୁ ସେ ଆଜୀବନ ସାଧନା କରିଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ତାଙ୍କ କର୍ମମୟ ଜୀବନର ମହାବ୍ରତ ଥିଲା। ବୈଜ୍ଞାନିକ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ଗୋପବନ୍ଧୁଙ୍କୁ ଉତ୍କଳମଣି ଉପାଧି ଦେଇଥିଲେ। ଅବକାଶ ଚିନ୍ତା, ଧର୍ମପଦ, କାରା କବିତା, ବନ୍ଦୀର ଆତ୍ମକଥା, ଗୋ-ମାହାତ୍ମ୍ୟ, ନଚିକେତା ଉପାଖ୍ୟାନ, ଗୋପବନ୍ଧୁଙ୍କ ପ୍ରସିଦ୍ଧ ସାହିତ୍ୟ କୃତି। ୧୯୨୮ ମସିହା ପବିତ୍ର ନେତ୍ରୋତ୍ସବ ଦିନ ଓଡ଼ିଶାର ମଉଡମଣି ଗୋପବନ୍ଧୁ ଦାସ ସବୁଦିନ ପାଇଁ ଆଖି ବୁଜିଥିଲେ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦



## ସୋନିଆଙ୍କ ଭୋଟର ଲିଷ୍ଟ ବିବାଦ

# ମାଜିଷ୍ଟ୍ରେଟଙ୍କ ଆଦେଶ ଖାରଜ, ପୁଣି ଶୁଣାଣି ହେବ ମାମଲା

**ନୂଆଦିଲ୍ଲୀ,୨୧।୯(ଏଜେନ୍ସି):**କଂଗ୍ରେସ ସଂସଦୀୟ ଦଳର ଅଧକ୍ଷା ସୋନିଆ ଗାନ୍ଧୀଙ୍କ ନାଁ ୧୯୮୦ ମସିହାର ଭୋଟର ତାଲିକାରେ ସାମିଲ ହେବାକୁ ନେଇ ଚାଲିଥିବା ମାମଲାରେ ସୋମବାର ବଡ଼ ଆଇନଗତ ମୋଡ଼ ଆସିଛି । ଦିଲ୍ଲୀର ରାଉଜ୍ ଆଭେନ୍ୟୁ ସ୍ପେଶାଲ୍ କୋର୍ଟ ମାଜିଷ୍ଟ୍ରେଟ୍ କୋର୍ଟର ପୂର୍ବ ଆଦେଶକୁ ରଦ୍ଦ କରି ମାମଲାକୁ ପୁଣି ମାଜିଷ୍ଟ୍ରେଟଙ୍କ ନିକଟକୁ ପଠାଇଛନ୍ତି । ଏବେ ମାମଲାରେ ନୂଆକରି ଯୁକ୍ତି ଶୁଣାଯାଇ ଏକ କାରଣସହ ଆଦେଶ ପାରିତ କରିବାକୁ କୁହାଯାଇଛି ।ଅଭିଯୋଗକାରୀଙ୍କ ପକ୍ଷରୁ ଦାଖଲ ମାମଲାରେ ଦାବି କରାଯାଇଛି ଯେ ସୋନିଆ ଗାନ୍ଧୀ ୩୦ ଏପ୍ରିଲ ୧୯୮୩ରେ ଭାରତୀୟ ନାଗରିକତା ହାସଲ କରିଥିଲେ । କିନ୍ତୁ ତାଙ୍କ ନାମ ୧୯୮୦ ମସିହାର ନୂଆଦିଲ୍ଲୀ ନିର୍ବାଚନମଣ୍ଡଳୀର ଭୋଟର ତାଲିକାରେ ଥିବା ଅଭିଯୋଗ ହୋଇଛି । ଅଭିଯୋଗରେ ଏହା ମଧ୍ୟ ପ୍ରଶ୍ନ କରାଯାଇଛି ଯେ ୧୯୮୩ରେ



ନାଗରିକତା ମିଳିଥିଲେ, ତା'ପୂର୍ବରୁ ୧୯୮୦ରେ ଭୋଟର ତାଲିକାରେ ନାମ କେଉଁ ଦସ୍ତାବିଜ ଆଧାରରେ ସାମିଲ ହୋଇଥିଲା । ତେବେ ଏହି ଅଭିଯୋଗଗୁଡ଼ିକ ଏପର୍ଯ୍ୟନ୍ତ କୋର୍ଟ ଦ୍ୱାରା ପ୍ରମାଣିତ ହୋଇନାହିଁ ।ମାମଲାରେ ଦାଖଲ ହୋଇଥିବା ଯୁକ୍ତି ଅନୁସାରେ, ସୋନିଆ ଗାନ୍ଧୀଙ୍କ ନାମ ୧୯୮୦ର ଭୋଟର ତାଲିକାରେ ଥିଲା । ପରେ ୧୯୮୨ରେ ତାଙ୍କ ନାମ ହଟାଯାଇଥିବା ଏବଂ ୧୯୮୩ରେ ପୁଣି ନାମ ସାମିଲ ହୋଇଥିବା ଦାବି କରାଯାଇଛି । ଏହି ଘଟଣାକ୍ରମକୁ ନେଇ ଅଭିଯୋଗକାରୀ ପକ୍ଷ ପ୍ରଶ୍ନ ଉଠାଇଛି ଯେ ନାମ କେବେ, କିପରି ଏବଂ କେଉଁ ଦସ୍ତାବିଜ ଆଧାରରେ ତାଲିକାରେ ସାମିଲ ହୋଇଥିଲା ।ସ୍ପେଶାଲ୍ ଜଜ୍ ବିଶାଲ୍ ଗୋଗ୍ନେ ପୂର୍ବ ମାଜିଷ୍ଟ୍ରେଟ୍ ଆଦେଶରେ ଆଇନଗତ ତ୍ରୁଟି ଥିବା ଦର୍ଶାଇଛନ୍ତି । କୋର୍ଟଙ୍କ ଅନୁସାରେ, ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୭୫(୩) ଅନୁଯାୟୀ ଆବଶ୍ୟକ ପ୍ରକ୍ରିୟା ପୂରଣ ହୋଇନଥିଲା । କୋର୍ଟ କହିଛନ୍ତି ଯେ ସମ୍ପୃକ୍ତ ପୁଲିସ ଅଧିକାରୀଙ୍କ ପକ୍ଷ ଶୁଣାଯାଇନଥିଲା ଏବଂ ସମ୍ପୃକ୍ତ ଥାନାରୁ ଷ୍ଟାଟସ୍ ରିପୋର୍ଟ ମଧ୍ୟ ମଗାଯାଇନଥିଲା । ତେଣୁ ପୂର୍ବ ଆଦେଶକୁ ପୁନଃବିଚାର ପାଇଁ ମାଜିଷ୍ଟ୍ରେଟଙ୍କ ନିକଟକୁ ପଠାଯାଇଛି ।ଏହି ଆଦେଶର ଅର୍ଥ ଏହା ନୁହେଁ ଯେ ସୋନିଆ ଗାନ୍ଧୀଙ୍କ ବିରୋଧରେ ଅଭିଯୋଗ ପ୍ରମାଣିତ ହୋଇଗଲା । ବରଂ ମାମଲାଟିକୁ ପୁଣି ମାଜିଷ୍ଟ୍ରେଟ୍ କୋର୍ଟରେ ଶୁଣାଣି କରିବାକୁ କୁହାଯାଇଛି । ମାଜିଷ୍ଟ୍ରେଟ୍ ଏବେ ସମ୍ପୃକ୍ତ ପୁଲିସ ଅଧିକାରୀଙ୍କ ପକ୍ଷ ଶୁଣିବେ, ଆବଶ୍ୟକ ଷ୍ଟାଟସ୍ ରିପୋର୍ଟ ମଗାଇପାରିବେ ଏବଂ ମାମଲାରେ ଉଠିଥିବା ଅଭିଯୋଗ ଉପରେ ନୂଆକରି ଏକ କାରଣସହ ଆଦେଶ ପାରିତ କରିବେ ।

# ରୁଷ ନିର୍ବାଚନରେ ପୁଟିନଙ୍କ ଦଳର ବଡ଼ ବିଜୟ

**ନୂଆଦିଲ୍ଲୀ,୨୧।୯(ଏଜେନ୍ସି):** ରୁଷର ସଂସଦୀୟ ନିର୍ବାଚନରେ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସମର୍ଥକ ୟୁନାଇଟେଡ୍ ରୁଷିଆ ପାର୍ଟି ବଡ଼ ବିଜୟ ହାସଲ କରିଛି । ପ୍ରାରମ୍ଭିକ ଫଳାଫଳ ଅନୁସାରେ, ୪୫୦ ଆସନ ବିଶିଷ୍ଟ ଷ୍ଟେଟ୍ ଡୁମାରେ ଦଳ ୩୫୫ଟି ଆସନ ହାସଲ କରିଛି । ଏହା ଦଳର ସଂସଦୀୟ ଇତିହାସରେ ସର୍ବାଧିକ ଆସନ ବୋଲି ଜଣାପଡ଼ିଛି । ୨୦୧୬ ନିର୍ବାଚନରେ ୟୁନାଇଟେଡ୍ ରୁଷିଆ ୩୪୩ଟି ଆସନ ଜିତିଥିଲା ।ସେହି ରେକର୍ଡକୁ ଏଥର ଦଳ ପଛରେ ପକାଇଛି । ୨୦୨୧ରେ ଦଳ ୩୨୪ଟି ଆସନ ଜିତିଥିଲା । ନିର୍ବାଚନ ଆୟୋଗର ତଥ୍ୟ ଅନୁସାରେ, ୯୫ ପ୍ରତିଶତରୁ ଅଧିକ ଭୋଟ୍ ଗଣତି ହେବା ପରେ ୟୁନାଇଟେଡ୍ ରୁଷିଆ ପ୍ରାୟ ୫୭.୮୩ ପ୍ରତିଶତ ଭୋଟ୍ ପାଇଥିଲା ।ଏହି ନିର୍ବାଚନ ରୁଷ-ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ଦେଶର ପ୍ରଥମ ସଂସଦୀୟ ନିର୍ବାଚନ । ପୁଟିନ ଏହାକୁ ୟୁକ୍ରେନରେ ଯୁଦ୍ଧ କରୁଥିବା ରୁଷୀୟ ସୈନ୍ୟଙ୍କ ପ୍ରତି ଜନସମର୍ଥନର



ଏକ ସଙ୍କେତ ଭାବେ ଉପସ୍ଥାପନ କରିଥିଲେ । ନିର୍ବାଚନ ପୂର୍ବରୁ ବିରୋଧୀ ଦଳ ଓ ନେତାଙ୍କ ଅଂଶଗ୍ରହଣକୁ ନେଇ ମଧ୍ୟ ବିବାଦ ରହିଥିଲା । ଯୁଦ୍ଧ ବିରୋଧୀ ୟାବ୍‌ଲୋକୋ ପାର୍ଟିକୁ ମୁଖ୍ୟ ବାଲଟ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିବାରୁ ବାରଣ କରାଯାଇଥିବା ବିଷୟ ଅନ୍ତର୍ଜାତୀୟ ରିପୋର୍ଟରେ ଉଲ୍ଲେଖ ହୋଇଛି । ଅନେକ ବିରୋଧୀ ପ୍ରାର୍ଥୀ ମଧ୍ୟ ନିର୍ବାଚନ ଲଢ଼ିବାରୁ ବଞ୍ଚିତ ହୋଇଥିବା ଖବର ଆସିଛି ।ନିର୍ବାଚନ ସମୟରେ ୟୁକ୍ରେନ ପକ୍ଷରୁ ଡ୍ରୋନ୍ ଆକ୍ରମଣ ମଧ୍ୟ ହୋଇଥିଲା । ରୁଷୀୟ ଅଧିକାରୀଙ୍କ ଅନୁସାରେ, ନିର୍ବାଚନର ଶେଷ ଦିନ ମସ୍କୋ ଓ ଏହାର ଆଖପାଖ ଅଞ୍ଚଳକୁ ପ୍ରାୟ ୧,୬୦୦ ଡ୍ରୋନ୍ ମାଧ୍ୟମରେ ଆକ୍ରମଣ କରାଯାଇଥିଲା, ଯେଉଁଥିରୁ ପ୍ରାୟ ୪୫୦ଟି ମସ୍କୋ ଦିଗକୁ ଆସିଥିବା ମସ୍କୋ ମେୟର ସେର୍ଗେଇ ସୋବୟାନିନ୍ କହିଥିଲେ । ପୁଟିନ ୟୁନାଇଟେଡ୍ ରୁଷିଆର ଔପଚାରିକ ସଦସ୍ୟ ନୁହନ୍ତି । ତେବେ ୨୦୦୮ରୁ ୨୦୧୨ ପର୍ଯ୍ୟନ୍ତ ସେ ଦଳର ଅଧକ୍ଷ ଥିଲେ , ପରେ ଦିମିତ୍ରୀ ମେଦଭେଦେବ ଏହି ଦାୟିତ୍ୱ ନେଇଥିଲେ ।

# ବିଶ୍ୱର ଶ୍ରେଷ୍ଠ ଏୟାରଲାଇନ୍: ୫୭ତମ ସ୍ଥାନରେ ଏୟାର ଇଣ୍ଡିଆ

**ନୂଆଦିଲ୍ଲୀ,୨୧।୯(ଏଜେନ୍ସି):**ବିଶ୍ୱର ଶ୍ରେଷ୍ଠ ବିମାନ କମ୍ପାନି ତାଲିକାରେ ଭାରତୀୟ ଏୟାରଲାଇନଗୁଡିକ ମଧ୍ୟରେ ଏୟାର ଇଣ୍ଡିଆ ଆଗରେ ରହିଛି। ସ୍କାଇଟ୍ରାକ୍ସର ୨୦୨୬ ୱାର୍ଲ୍ଡ ଏୟାରଲାଇନ୍ ଆୱାର୍ଡସରେ ଏୟାର ଇଣ୍ଡିଆ ବିଶ୍ୱସ୍ତରରେ ୫୭ତମ ସ୍ଥାନରେ ରହିଛି। ଗତବର୍ଷ ୮୪ତମ ସ୍ଥାନରେ ଥିବା ଏୟାର ଇଣ୍ଡିଆ ଏଥର ୨୭ଟି ସ୍ଥାନ ଉପରକୁ ଉଠିଛି। ଅନ୍ୟପକ୍ଷରେ ଇଣ୍ଡିଗୋ ୬୧ତମ ସ୍ଥାନରେ ରହିଛି। ଗତବର୍ଷ ୩୯ତମ ସ୍ଥାନରେ ଥିବା ଇଣ୍ଡିଗୋ ଏଥର ୨୨ଟି ସ୍ଥାନ ତଳକୁ ଖସିଛି ।ଭାରତ ଓ ଦକ୍ଷିଣ ଏସିଆ ଅଞ୍ଚଳ ରାଙ୍କିଙ୍ଗ୍‌ରେ ଏୟାର ଇଣ୍ଡିଆ ପ୍ରଥମ ସ୍ଥାନରେ ରହିଛି। ଏହି ତାଲିକାରେ ଇଣ୍ଡିଗୋ ଦ୍ୱିତୀୟ, ଆକାସ ଏୟାର ତୃତୀୟ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ଚତୁର୍ଥ ସ୍ଥାନରେ ରହିଛି। ଶ୍ରୀଲଙ୍କାନ୍ ଏୟାରଲାଇନ୍ସ ପଞ୍ଚମ ଓ ସ୍ପାଇସଜେଟ୍ ଷଷ୍ଠ ସ୍ଥାନରେ ରହିଛି। ବିଶ୍ୱ ରାଙ୍କିଂରେ ସିଙ୍ଗାପୁର ଏୟାରଲାଇନ୍ସ ପ୍ରଥମ ସ୍ଥାନ ହାସଲ କରିଛି। କତର ଏୟାରୱେଜ୍ ଦ୍ୱିତୀୟ ଏବଂ କ୍ୟାଥେ ପାସିଫିକ୍ ତୃତୀୟ ସ୍ଥାନରେ ରହିଛି। ଏଏନ୍ଏ ଅଲ୍ ନିପନ୍ ଏୟାରୱେଜ୍ ଚତୁର୍ଥ ଓ ତୁର୍କିସ୍ ଏୟାରଲାଇନ୍ସ ପଞ୍ଚମ ସ୍ଥାନରେ ରହିଛି।୨୦୨୬ ତାଲିକା ପାଇଁ ସେପ୍ଟେମ୍ବର ୨୦୨୫ରୁ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଯାତ୍ରୀଙ୍କ ମତାମତ ସଂଗ୍ରହ କରାଯାଇଥିଲା। ୩୦୦ରୁ ଅଧିକ ଏୟାରଲାଇନ୍ସ ଏହି ସର୍ଭେରେ ସାମିଲ ହୋଇଥିଲେ। କ୍ୟାବିନ୍ ସେବା, ବିମାନବନ୍ଦର ସେବା, ସିଟ୍ ?ର ସୁବିଧା, ପରିଷ୍କାର ପରିଚ୍ଛନ୍ନତା, ଖାଦ୍ୟ, ମନୋରଞ୍ଜନ, ୱାଇଫାଇ ଓ ମୂଲ୍ୟ ଅନୁଯାୟୀ ସେବା ଆଦି ବିଷୟରେ ଯାତ୍ରୀଙ୍କ ମତାମତକୁ ବିଚାରକୁ ନିଆଯାଇଥିଲା। ଏୟାର ଇଣ୍ଡିଆ ପାଇଁ ଏହି ରାଙ୍କିଙ୍ଗ୍‌ରେ ବଡ଼ ଉନ୍ନତି ଦେଖାଯାଇଛି। ଗତ ମେ' ମାସରେ ସ୍କାଇଟ୍ରାକ୍ସ ଏୟାର ଇଣ୍ଡିଆକୁ ୪-ଷ୍ଟାର ରେଟିଂ ଦେଇଥିଲା। ଏୟାରଲାଇନ୍ସ ପକ୍ଷରୁ ବିମାନ, କ୍ୟାବିନ୍, ଲାଉଞ୍ଜ୍, ଡିଜିଟାଲ ସେବା ଓ ଯାତ୍ରୀ ଅନୁଭୂତିରେ ପରିବର୍ତ୍ତନ ଆଣିବା ଉପରେ ଗୁରୁତ୍ୱ ଦିଆଯାଇଥିବା କୁହାଯାଇଛି।

# ଜାତିଜନଗଣନା ପରେ ୪ ଭାଗ ହେବ ଉତ୍ତରପ୍ରଦେଶ

**ନୂଆଦିଲ୍ଲୀ,୨୧।୯(ଏଜେନ୍ସି):**ଉତ୍ତରପ୍ରଦେଶ ମନ୍ତ୍ରୀ ତଥା ସୁହେଲଦେବ ଭାରତୀୟ ସମାଜ ପାର୍ଟି (ଏସବିଏସପି) ମୁଖ୍ୟ ଓମ ପ୍ରକାଶ ରାଜଭର ରାଜ୍ୟରେ ଜାତି ଜନଗଣନା ହେବ ବୋଲି କହିଛନ୍ତି। ସେ କହିଛନ୍ତି ଯେ ଜାତି ଜନଗଣନା ପରେ ରାଜ୍ୟକୁ ୪ ଭାଗରେ ବିଭାଜିତ କରାଯିବ। ଏସବିଏସପିର ସମାଜିକ ସମରସତା ରାଲିକୁ ସମ୍ବୋଧିତ କରି ସେ ଏହା କହିଛନ୍ତି। ଏହି ଅବସରରେ ରାଜଭର ୨୭ପ୍ରତିଶତ ସଂରକ୍ଷଣ ସମ୍ପର୍କରେ ମଧ୍ୟ କହିଛନ୍ତି ଓ ସମର୍ଥକଙ୍କୁ ସମାଜବାଦୀ ପାର୍ଟି, ବହୁଜନ ସମାଜପାର୍ଟି ଅଥବା କଂଗ୍ରେସ ଦ୍ୱାରା ପ୍ରଭାବିତ ନ ହେବାକୁ କହିଛନ୍ତି। ତେବେ ତାଙ୍କର ଏହି ବୟାନ ଉତ୍ତରପ୍ରଦେଶ ବିଭାଜନକୁ ନେଇ ଜାରି ଚର୍ଚ୍ଚାକୁ ଆଞ୍ଚ ଦେଇଛି, ଯାହା ପିଛିଲା ଦୁଇ ଦଶନ୍ଧୀରେ ଅନେକବାର ସାମ୍ନାକୁ ଆସିଲାଣି। ଏପରିକି ପୂର୍ବତନ ବିଧାନସଭା ନିର୍ବାଚନରେ ମଧ୍ୟ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଥିଲା ।ଦେବରିଆରେ ରାଲିକୁ ସମ୍ବୋଧିତ କରି ରାଜଭର କହିଛନ୍ତି ଯେ ଆମେ ଆପଣଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ସମ୍ପର୍କରେ ଆଶ୍ୱସ୍ତ କରିବାକୁ ଚାହୁଁଛୁ। ଏ ବାବଦେ ମୁଁ ପ୍ରଧାନମନ୍ତ୍ରୀଙ୍କ ସହ କଥା ହୋଇଛି। ରାଜଭର ପ୍ରଧାନମନ୍ତ୍ରୀଙ୍କ ସହ ହୋଇଥିବା ତାଙ୍କ ଆଲୋଚନା ସମ୍ପର୍କରେ ସୂଚିତ କରି କହିଛନ୍ତି ଯେ ଓମପ୍ରକାଶଜୀ ଆପଣଙ୍କ କଥା ଉଚିତ, ହେଲେ କିଛି ଲୋକେ ଏହାକୁ ବିରୋଧ କରୁଛନ୍ତି। ତେବେ ଆମେ ଅଗକୁ କିପରି ବଢିବୁ ବୋଲି ପ୍ରଶ୍ନ କରିବାରୁ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ 'ଏଥି ପାଇଁ ମୁଁ ଜାତି ଜନଗଣନା କରାଇବି, ଥରେ ଜାତି ଗଣନା ସରିଗଲେ ଉତ୍ତର ପ୍ରଦେଶକୁ ଭାଗଭାଗ



କରିବା କଷ୍ଟକର ହେବନି। ଆମେ ଜାତି ଜନଗଣନା ପରେ ବିଭାଜନ କରିବୁ '। ରାଜଭର କହିଛନ୍ତି ଯେ ଏବେ ଆପଣମାନେ କୁହନ୍ତୁ ଆମେ ପ୍ରଧାନମନ୍ତ୍ରୀଙ୍କ କଥାରେ ଭରସା କରିବା ନା ସପା,ବସପା ଓ କଂଗ୍ରେସ କଥାରେ ସେହିପରି ସେ ଯୁବବର୍ଗଙ୍କୁ ନିରାଶ ନ ହେବାକୁ କହିଛନ୍ତି। ରାଜ୍ୟ ୪ ଭାଗରେ ବିଭାଜିତ ହେବ ଓ ଯେଉଁ ଦିନ ପୂର୍ବାଞ୍ଚଳ ରାଜ୍ୟ ହେବ ସେଦିନ ମୁଖ୍ୟମନ୍ତ୍ରୀ ଯିଏ ହେବେ ସେ ରାଜଭର ଜାତିର ହିଁ ହୋଇଥିବେ ବୋଲି କହିଛନ୍ତି। ଏଣୁ କାମ କରିବା ବେଳେ ଏ କଥାକୁ ଧ୍ୟାନରେ ରଖିବେ, ସପା, ବସପା ଅଥବା କଂଗ୍ରେସରେ ସାମିଲ ହେବା କଥା ଆଉ ଚିନ୍ତା କରିବେନି। ରାଜଭରଙ୍କ ପାର୍ଟି ଉତ୍ତରପ୍ରଦେଶରେ ବିଜେପି ସହିତ ମେଣ୍ଟ କରିଛି। ୨୦୨୭ ପ୍ରାରମ୍ଭରେ ରାଜ୍ୟ ବିଧାନସଭା ନିର୍ବାଚନ ହେବ ।ରାଜ୍ୟରେ ରାଜଭର ଜାତିକୁ ସବୁଠୁ ପଛୁଆ ଜାତି ଭାବେ ଗଣନା କରାଯାଏ। ତେବେ ପୂର୍ବ ଉତ୍ତପ୍ରଦେଶର ଅନେକ ଅଞ୍ଚଳରେ ଏହି ଜାତିର ଲୋକେ ବେଶ୍ ପ୍ରଭାବଶାଳୀ। ଦେଶରେ ସବୁଠୁ ଅଧିକ ଜନସଂଖ୍ୟାର ରାଜ୍ୟ ଉତ୍ତପ୍ରଦେଶ। ରାଜ୍ୟର ଜନସଂଖ୍ୟା ପାଖାପାଖି ୨୫ କୋଟି ଓ ଭୌଗଳିକ ଦୃଷ୍ଟିରୁ ଏହା ଦେଶର ଚତୁର୍ଥ ବଡ଼ ରାଜ୍ୟ। ତେବେ ୨୦ ବର୍ଷ ପୂର୍ବ ଉତ୍ତରପ୍ରଦେଶ ବିଭାଜନ ଦାବି ଉଠିଥିଲା। ୨୦୧୨ ବିଧାନସଭା ନିର୍ବାଚନ ପୂର୍ବରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ତଥା ବସପା ମୁଖ୍ୟ ମାୟାବତୀ ରାଜ୍ୟ ବିଭାଜନକୁ ଗୁରୁତ୍ୱ ଦେଇଥିଲେ ଓ ବିଧାନସଭାରେ ଉତ୍ତରପ୍ରଦେଶକୁ ଅବଧ ପ୍ରଦେଶ, ପୂର୍ବାଞ୍ଚଳ, ବୁନ୍ଦେଲଖଣ୍ଡ ଓ ପଶ୍ଚିମ ପ୍ରଦେଶ ଭାବେ ବିଭାଜିତ କରିବାକୁ ମଞ୍ଜୁରି ପ୍ରାପ୍ତ କରିଥିଲେ।

# ସୋମନାଥ ମନ୍ଦିର ଏବଂ ଅହମଦାବାଦ ବିଜେପି କାର୍ଯ୍ୟାଳୟକୁ ବୋମାରେ ଉଡାଇବାକୁ ଧମକ

**ନୂଆଦିଲ୍ଲୀ,୨୧।୯(ଏଜେନ୍ସି):**ଗୁଜରାଟରେ ପୁଣି ଥରେ ସାର୍ବଜନୀନ ଏବଂ ଧାର୍ମିକ ସ୍ଥଳୀକୁ ବୋମାରେ ଉଡାଇ ଦେବାକୁ ଧମକ ମିଳିଛି। ଅହମଦାବାଦରେ ବିଜେପିର କେନ୍ଦ୍ରୀୟ କାର୍ଯ୍ୟାଳୟ କୋବା କାର୍ଯ୍ୟାଳୟ ଏବଂ ସୋମନାଥ ମନ୍ଦିରରେ ବୋମା ମାଡ଼ କରିବାକୁ ଧମକ ମିଳିଛି। ଏହି ଧମକ ଏକ ଅଜ୍ଞାତ ଇମେଲ୍ ମାଧ୍ୟମରେ ଦିଆଯାଇଛି। ଯେଉଁଥିରେ ବିଜେପିର କେନ୍ଦ୍ରୀୟ କାର୍ଯ୍ୟାଳୟ ମୁଖ୍ୟମନ୍ତ୍ରୀ ପଟେଲ କୋବା କାର୍ଯ୍ୟାଳୟ ଏବଂ ସୋମନାଥ ବିଷୟରେ ଉଲ୍ଲେଖ କରାଯାଇଛି। ଜଣେ ଅଜଣା ବ୍ୟକ୍ତି ଏକ ଇମେଲ୍ ପଠାଇଥିଲେ ଯେଉଁଥିରେ ଦାବି କରାଯାଇଥିଲା ଯେ ଗୁଜରାଟର ସୋମନାଥ ମନ୍ଦିର ଏବଂ ଅନ୍ୟାନ୍ୟ ସ୍ଥାନରେ ବୋମା ରଖାଯାଇଛି। ଇମେଲ୍‌ରେ ଦେଶ ବିରୋଧୀ ଏବଂ ବିବାଦୀୟ ବିଷୟବସ୍ତୁ ଥିଲା ଏବଂ ଅଭିଯୁକ୍ତ ପାକିସ୍ତାନ ସପକ୍ଷରେ ସ୍ଲୋଗାନ ପୋଷ୍ଟ କରି ଭୟ ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ ।ବୋମା ଧମକ ଇମେଲ୍ ପାଇବା ପରେ ଅହମଦାବାଦ ପୁଲିସ ଏବଂ ସୁରକ୍ଷା ଏଜେନ୍ସିଗୁଡ଼ିକୁ ତୁରନ୍ତ ସତର୍କ କରାଯାଇଥିଲା। ପୁଲିସ, ଅଗ୍ନିଶମ ବାହିନୀ ଏବଂ କୁକୁର ସ୍କ୍ୱାଡ୍ ?ର ଏକ ଦଳ ସହରର ଖାନପୁର ଅଞ୍ଚଳରେ ଥିବା ବିଜେପି କାର୍ଯ୍ୟାଳୟରେ ପହଞ୍ଚିଥିଲା। କୁକୁର ସ୍କ୍ୱାଡ୍ ପ୍ରତ୍ୟେକ ସ୍ଥାନ ତନ୍ନ ତନ୍ନ କରି ଯାଞ୍ଚ୍ କରିଥିଲା। ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି, ମେୟର ହିତେଶ ବାରୋଟ୍‌ଙ୍କ ସମେତ ଅନେକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ ।ଅହମଦାବାଦ ପୁଲିସ ସମ୍ପୂର୍ଣ୍ଣ ଯାଞ୍ଚ୍ କରିଥିଲା। ଅପରେସନ ସମୟରେ କୌଣସି ସନ୍ଦିଗ୍ଧ ଜିନିଷ ମିଳିନଥିଲା। ରାଜ୍ୟର ସମସ୍ତ ସୁରକ୍ଷା ଏଜେନ୍ସି ବର୍ତ୍ତମାନ ହାଇ ଆଲର୍ଟରେ ଅଛନ୍ତି ଏବଂ ସାଇବର କ୍ରାଇମ୍ ବ୍ରାଞ୍ଚ ଇମେଲ୍ ପଠାଇଥିବା ଅଜଣା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ପାଇଁ ତଦନ୍ତ ଆରମ୍ଭ କରିଛି।

# ହର୍ମୁଜ୍ ନିକଟରେ ଏଲପିଜି ଟ୍ୟାଙ୍କର ଉପରେ ଡ୍ରୋନ୍ ଆକ୍ରମଣ

**ନୂଆଦିଲ୍ଲୀ,୨୧।୯(ଏଜେନ୍ସି):**ପାରସ୍ୟ ଉପସାଗର ଏବଂ ହର୍ମୁଜ୍ ପ୍ରଣାଳୀ ନିକଟରେ ବାଣିଜ୍ୟ ଜାହାଜ ଉପରେ ଆକ୍ରମଣ ଜାରି ରହିଛି। ହର୍ମୁଜ୍ ପ୍ରଣାଳୀ ନିକଟରେ ରବିବାର ଏକ ଲାଇବେରିଆନ୍ ପତାକାଯୁକ୍ତ ଏଲପିଜି ଟ୍ୟାଙ୍କର୍ ଏମଟି ଅଲ୍ ମାରିଆ ଉପରେ ଡ୍ରୋନ୍ ଦ୍ୱାରା ଆକ୍ରମଣ କରାଯାଇଛି। ଜାହାଜଟି କୌଣସି ବଡ଼ ଧରଣର କ୍ଷୟକ୍ଷତି ହୋଇନାହିଁ। ନଅ ଜଣ ଭାରତୀୟ ନାଗରିକଙ୍କ ସମେତ ଜାହାଜରେ ଥିବା ୧୯ ଜଣ କ୍ରୁ ସଦସ୍ୟ ସୁରକ୍ଷିତ ଅଛନ୍ତି ।ରିପୋର୍ଟ ଅନୁଯାୟୀ, ଡ୍ରୋନ୍ ଆକ୍ରମଣ ପରେ ଜାହାଜର ମୁଖ୍ୟ ଇଞ୍ଜିନ୍ ଏବଂ ପାୱାର ସିଷ୍ଟମ୍ ସ୍ୱାଭାବିକ ଭାବରେ କାର୍ଯ୍ୟ କରୁଛି। ଆକ୍ରମଣ ପରେ ଟ୍ୟାଙ୍କରକୁ ସୁରକ୍ଷିତ ଭାବରେ ସଂଯୁକ୍ତ ଆରବ ଏମିରେଟ୍ସର ଖୋର୍ ଫକ୍କାନ ବନ୍ଦରକୁ ନିଆଯାଇଥିଲା। ସେଠାରେ ଜାହାଜ ଏବେ ଲଙ୍ଗର ପକାଇଛି ।ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ଏବଂ ଆକ୍ରମଣ ମଧ୍ୟରେ, ଭାରତୀୟ ନାବିକମାନେ ବିପଦର ସମ୍ମୁଖୀନ ହେଉଛନ୍ତି। ରିପୋର୍ଟ ଅନୁଯାୟୀ, ଏପର୍ଯ୍ୟନ୍ତ ଭାରତୀୟ ପତାକା ଜାହାଜ ସହିତ ଚାରୋଟି ଘଟଣା ରିପୋର୍ଟ ହୋଇଛି। ଏହି ସମୟରେ ଭାରତୀୟ କର୍ମଚାରୀ ଥିବା ବିଦେଶୀ ପତାକା ଜାହାଜ ସହ ଜଡିତ ୫୮ଟି ଘଟଣା ରେକର୍ଡ କରାଯାଇଛି। ଏହି ଆକ୍ରମଣରେ ୧୦ ଜଣ ଭାରତୀୟ ନାବିକଙ୍କ ମୃତ୍ୟୁ ଘଟିଛି।

# ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା

**କଟକ,୨୧।୦୯ (ଯୁବମୋର୍ଚ୍ଚା) :** କଟକ ରେଭେନ୍ସା କଲିଜିଏଟ୍ ସ୍କୁଲ ପରିସରରେ ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ପ୍ରତିଯୋଗିତା ଶିକ୍ଷା ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନକୁ ସହଜ, ସୃଜନଶୀଳ ଓ ମନୋରଞ୍ଜନଧର୍ମୀ ଉପାୟରେ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚାଇବା ସହ ସମସାମୟିକ ବୈଜ୍ଞାନିକ ଓ ପରିବେଶୀୟ ପ୍ରସଙ୍ଗ ପ୍ରତି ସଚେତନତା ସୃଷ୍ଟି କରିବା ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କଟକ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ଏହି କାର୍ଯ୍ୟକ୍ରମକୁ ଉଦ୍ ?ଘାଟନ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମନୋରଞ୍ଜନ ବାରିକ ଓ ସନ୍ତୋଷ କୁମାର ସେଠୀ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନମନସ୍କତା ଓ ବୈଜ୍ଞାନିକ ଦୃଷ୍ଟିକୋଣର ବିକାଶ ପାଇଁ ପ୍ରେରଣା ଦେଇଥିଲେ। କଟକ ଜିଲ୍ଲାର ୧୪ଟି ବ୍ଲକ ଓ ସଦର ମହକୁମାରୁ ଛାତ୍ରଛାତ୍ରୀ ଏବଂ ପ୍ରତିନିଧିମାନେ ଏହି ପ୍ରତିଯୋଗିତାରେ ଯୋଗ ଦେଇଥିଲେ। ପ୍ରତିଯୋଗୀମାନେ ଚଳିତ ବର୍ଷର



ନିର୍ଦ୍ଧାରିତ ସମସାମୟିକ ବୈଜ୍ଞାନିକ ବିଷୟବସ୍ତୁକୁ ନାଟକ ମାଧ୍ୟମରେ ଉପସ୍ଥାପନ କରିଥିଲେ। କୃତ୍ରିମ ବୁଦ୍ଧିମତ୍ତା, ବୈଦ୍ୟୁତିକ ଯାନ, ଭବିଷ୍ୟତର ସମାଜ, ଅନ୍ତଃନକ୍ଷତ୍ରୀୟ ବାସସ୍ଥାନ, ମହାସାଗରର ପୁନରୁଦ୍ଧାର ଓ ଭବିଷ୍ୟତ ପିଢ଼ିର ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନାଟକଗୁଡ଼ିକରେ ସ୍ଥାନ ପାଇଥିଲା। ବିଚାରକ ଭାବେ ଅନନ୍ତ ଚରଣ ଦାସ, ଜ୍ଞାନରଞ୍ଜନ ପ୍ରହରାଜ ଓ ବିନୋଦ ମହାପାତ୍ର ଯୋଗଦେଇ ପ୍ରତିଯୋଗୀମାନଙ୍କର ମୂଲ୍ୟାଙ୍କନ କରିଥିଲେ। କଟକ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକା ସାଗରିକା ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ରେଭେନ୍ସା କଲିଜିଏଟ୍ ସ୍କୁଲ ପ୍ରଥମ ସ୍ଥାନ, ପିଏମ୍ ଶ୍ରୀ ନିଆଳି ସରକାରୀ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଏବଂ ନାହଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ।

ବ୍ୟକ୍ତିଗତ ବିଭାଗରେ ରେଭେନ୍ସା କଲିଜିଏଟ୍ ସ୍କୁଲର ଶିକ୍ଷୟିତ୍ରୀ ଡଃ ପୁଷ୍ପାଞ୍ଜଳି ବେହେରା ଶ୍ରେଷ୍ଠ ନିର୍ଦ୍ଦେଶକ, ନାହଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ମିଶ୍ର ଶ୍ରେଷ୍ଠ ନାଟକ ଲେଖକ ଭାବେ ବିବେଚିତ ହୋଇଥିଲେ। ସେହିପରି ଦେବାଶିଷ ସାହୁ ଶ୍ରେଷ୍ଠ ଅଭିନେତା ଏବଂ ପ୍ରିୟଲୀ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ବିବେଚିତ ହୋଇଥିଲେ। ଏହି ଜିଲ୍ଲାସ୍ତରୀୟ ବିଜ୍ଞାନ ନାଟକ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଯୁକ୍ତିସମ୍ମତ ଚିନ୍ତାଧାରା ଓ ବୈଜ୍ଞାନିକ ଚେତନାର ବିକାଶରେ ସହାୟକ ହୋଇଥିଲା। ନୂତନ ପ୍ରଯୁକ୍ତିବିଦ୍ୟା, ମହାକାଶ ଅନୁସନ୍ଧାନ, ସମୁଦ୍ର ସଂରକ୍ଷଣ, ଶକ୍ତିର ସଦୁପଯୋଗ ଆଦି ବିଷୟକୁ ନାଟକ ମାଧ୍ୟମରେ ଉପସ୍ଥାପନ କରି ଛାତ୍ରଛାତ୍ରୀମାନେ ବିଜ୍ଞାନର ବ୍ୟବହାରିକ ଦିଗ ସମ୍ପର୍କରେ ସଚେତନତାର ବାର୍ତ୍ତା ଦେଇଥିଲେ।

# ଭାରତ-ନ୍ୟୁଜିଲ୍ୟାଣ୍ଡ ବାଣିଜ୍ୟ ରାଜିନାମା ଚୂଡାନ୍ତ

**ନୂଆଦିଲ୍ଲୀ,୨୧।୯(ଏଜେନ୍ସି):**ଭାରତ ଓ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା (ଏଫ୍‌ଟିଏ) ଚୂଡାନ୍ତ ହୋଇଛି। ଆସନ୍ତା ଅକ୍ଟୋବର ୨୦ରୁ ଏହା କାର୍ଯ୍ୟକାରୀ ହେବ। ଏହା ଫଳରେ ନ୍ୟୁଜିଲ୍ୟାଣ୍ଡ ବଜାରରେ ଭାରତର ୧୦୦% ରପ୍ତାନି ସାମଗ୍ରୀ ଶୁଳ୍କମୁକ୍ତ ପ୍ରବେଶ ସୁବିଧା ପାଇବ। ଉଭୟ ଦେଶ ଗତଏପ୍ରିଲ ୨୭ରେ ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ନ୍ୟୁଜିଲ୍ୟାଣ୍ଡ ସଂସଦରେ ଚୁକ୍ତିକୁ ଅନୁମୋଦନ



ମିଳିବା ପରେ ଉଭୟ ଦେଶ ଏହାକୁ ଲାଗୁ କରିବା ପାଇଁ ଆବଶ୍ୟକ ପ୍ରକ୍ରିୟା ଶେଷ କରିଛନ୍ତି ।ଏହି ରାଜିନାମାରୁ ଭାରତର ବୟନ ଓ ପୋଷାକ, ଚମଡା ଓ ଜୋତା, ଇଞ୍ଜିନିୟରିଂ ସାମଗ୍ରୀ, ଔଷଧ, କୃଷି ଓ ପ୍ରକ୍ରିୟାକୃତ ଖାଦ୍ୟ ଭଳି କ୍ଷେତ୍ର ଲାଭ ପାଇବ। ନ୍ୟୁଜିଲ୍ୟାଣ୍ଡ ପୂର୍ବରୁ କିଛି ଭାରତୀୟ ରପ୍ତାନି ସାମଗ୍ରୀ ଉପରେ ୧୦% ପର୍ଯ୍ୟନ୍ତ ଶୁଳ୍କ ଲାଗୁ କରୁଥିଲା। ଏହି ଚୁକ୍ତି ପରେ ଭାରତୀୟ ରପ୍ତାନିକାରୀଙ୍କ ପାଇଁ ଖର୍ଚ୍ଚ କମିବା ସହ ବଜାର ପ୍ରବେଶ ସହଜ ହେବ ।ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲଙ୍କ ଅନୁସାରେ, ୨୦୩୦ ସୁଦ୍ଧା ଦୁଇ ଦେଶ ମଧ୍ୟରେ ସାମଗ୍ରୀ ଓ ସେବା ବାଣିଜ୍ୟକୁ ଦ୍ୱିଗୁଣିତ କରିବାର ଲକ୍ଷ୍ୟ ରହିଛି। ଏହି ରାଜିନାମାସେଥିରେ ସହାୟକ ହେବ। ନ୍ୟୁଜିଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ କହିଛନ୍ତି ଯେ ଏହି ରାଜିନାମା ଦୁଇ ଦେଶର ବାଣିଜ୍ୟ ଓ ଆର୍ଥିକ ସମ୍ପର୍କକୁ ଆହୁରି ମଜବୁତ କରିବ। ରାଜିନାମା ଲାଗୁ ହେବା ସହ ଦୁଇ ଦେଶର ବ୍ୟବସାୟୀ ଓ ରପ୍ତାନିକାରୀଙ୍କ ପାଇଁ ନୂଆ ବଜାର ସୁଯୋଗ ଖୋଲିବ ।ରାଜିନାମା ଅନୁସାରେ ନ୍ୟୁଜିଲ୍ୟାଣ୍ଡ ଭାରତରେ ୧୫ ବର୍ଷ ମଧ୍ୟରେ ୨୦ ବିଲିଅନ ଡଲାର ନିବେଶ କରିବା ନେଇ ପ୍ରତିବଦ୍ଧତା ପ୍ରକାଶ କରିଛି। ଏହା ବ୍ୟତୀତ ସେବା, ପ୍ରଯୁକ୍ତି, ନବସୃଜନ ଓ ଅକ୍ଷୟ ଶକ୍ତି କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇବ। ଭାରତୀୟ ଛାତ୍ର ଓ ପେସାଦାରଙ୍କ ପାଇଁ ମଧ୍ୟ ନୂଆ ସୁଯୋଗ ସୃଷ୍ଟି ହେବ। ପ୍ରତିବର୍ଷ ୫,୦୦୦ ଦକ୍ଷ ଭାରତୀୟ କର୍ମଚାରୀଙ୍କ ପାଇଁ ସାମୟିକ ନିଯୁକ୍ତି ପ୍ରବେଶ ଭିସା ବ୍ୟବସ୍ଥା ରହିବ। ଏହାସହ ପ୍ରତିବର୍ଷ ୧,୦୦୦ ଯୁବ ଭାରତୀୟଙ୍କ ପାଇଁ କାର୍ଯ୍ୟ ଛୁଟିଦିନ ସୁବିଧା ରହିବ।

# ଜିନପିଙ୍ଗଙ୍କ ଆମେରିକା ଗସ୍ତ ନିଶ୍ଚିତ

**ନୂଆଦିଲ୍ଲୀ,୨୧।୯(ଏଜେନ୍ସି):**ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଆମେରିକା ଗସ୍ତକୁ ଆନୁଷ୍ଠାନିକ ଭାବରେ ନିଶ୍ଚିତ କରାଯାଇଛି। ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ଜଣେ ମୁଖପାତ୍ରଙ୍କ ଅନୁଯାୟୀ, ସି ଜିନପିଙ୍ଗ ସେପ୍ଟେମ୍ବର ୨୩ ରୁ ୨୫ ତାରିଖ ପର୍ଯ୍ୟନ୍ତ ଆମେରିକାର ଏକ ସରକାରୀ ଗସ୍ତ କରିବେ। ଏହି ସମୟ ମଧ୍ୟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ଜିନପିଙ୍ଗ ସେପ୍ଟେମ୍ବର ୨୩ ତାରିଖରେ ୱାଶିଂଟନରେ ଅବତରଣ କରିବେ ଏବଂ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ଶିଖର ଆଲୋଚନା କରିବେ। ହଂକଂର ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟର ଏକ ରିପୋର୍ଟ



ଅନୁଯାୟୀ, ଚୀନ୍ ରାଷ୍ଟ୍ରପତି ଆସିବା ସମୟରେ ଟ୍ରମ୍ପ ଜଏଣ୍ଟ ବେସ୍ ଆଣ୍ଡ୍ରୁଜ୍‌ରେ ବିମାନବନ୍ଦର ଟାରମାକ୍‌ରେ ସିଙ୍କୁ ବ୍ୟକ୍ତିଗତ ଭାବରେ ସ୍ୱାଗତ କରିବାକୁ ଯୋଜନା କରିଛନ୍ତି ।ଆମେରିକା ସରକାର ପୂର୍ବରୁ ଘୋଷଣା କରିସାରିଛନ୍ତି ଯେ, ଚଳିତ ସପ୍ତାହରେ ଦୁଇ ଦେଶର ନେତାମାନେ ସାକ୍ଷାତ କରିବେ। ଆଶା କରାଯାଉଛି, ଏହି ବୈଠକ ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା ଏବଂ ବ୍ୟାପକ ରଣନୈତିକ ପ୍ରସଙ୍ଗ ଉପରେ ଉତ୍ତେଜନା ହ୍ରାସ କରିବାର ଏକ ପ୍ରୟାସ ହେବ। ଦୁଇ ନେତା ଶେଷ ଥର ପାଇଁ ମେ' ମାସରେ ଟ୍ରମ୍ପଙ୍କ ବେଜିଂ ଗସ୍ତ ସମୟରେ ପରସ୍ପରକୁ ସାକ୍ଷାତ କରି ବିଶ୍ୱର ଦୁଇ ବୃହତ୍ତମ ଅର୍ଥନୀତି ମଧ୍ୟରେ ସମ୍ପର୍କ ଉନ୍ନତ କରିବା ବିଷୟରେ ଆଲୋଚନା କରିଥିଲେ।

# ଆଧ୍ୟାତ୍ମିକ ପତ୍ରିକା 'ନୂଆଁଖାଇ ସ୍ୱର ସୃଜନ' ଉନ୍ମୋଚିତ

**କଟକ, ୨୧।୦୯ (ନି.ପ୍ର) :** କୈବଲ୍ୟ ସାହିତ୍ୟ ସଂସଦ ଆନୁକୂଲ୍ୟରେ କଟକ ଗଡ଼ଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ୧୧୨ତମ ରାଜ୍ୟସ୍ତରୀୟ 'ନୂଆଁଖାଇ ସ୍ୱର ସୃଜନ ମହୋତ୍ସବ' ହର୍ଷ ଉଲ୍ଲାସର ସହ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ୧୧ତମ ଆଧ୍ୟାତ୍ମିକ-ସାଂସ୍କୃତିକ ବାର୍ଷିକ ସାହିତ୍ୟ ପତ୍ରିକା 'ନୂଆଁଖାଇ ସ୍ୱର ସୃଜନ' ଉନ୍ମୋଚିତ ହୋଇଥିଲା। ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ମହେଶ୍ୱର ମହାନ୍ତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କୈବଲ୍ୟ ସାହିତ୍ୟ ସଂସଦ ସାହିତ୍ୟ ଓ ସଂସ୍କୃତିର ଏକ ସମ୍ମିଳିତ ସ୍ୱର ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଡ. ପ୍ରଭାସ ଆଚାର୍ଯ୍ୟ ଯୋଗଦେଇ ନୂଆଁଖାଇର ସାଂସ୍କୃତିକ ସ୍ୱରୂପ ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। ମୁଖ୍ୟ ବକ୍ତା ଡ. ସୁନାମଣି ରାଉତ ନୂଆଁଖାଇ କାଳକ୍ରମେ ଓଡ଼ିଶାର ଏକ ଗଣପର୍ବରେ ପରିଣତ ହେବ ବୋଲି ମତ ପ୍ରକାଶ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଡ. ସଂଗ୍ରାମ କେଶରୀ ସାମନ୍ତରାୟ ସଭାପତିତ୍ୱ କରି ନୂଆଁଖାଇ ଓଡ଼ିଆ ଜାତିର



ସାଂସ୍କୃତିକ ଅସ୍ମିତାର ପ୍ରତୀକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି, ବିଶିଷ୍ଟ ଗାନ୍ଧୀବାଦୀ ବିଶ୍ୱଜିତ୍ ସୂର୍ଯ୍ୟବଂଶୀ, ଡ. ଦିପାୟନ ପଟ୍ଟନାୟକ, କବି ପ୍ରେମଚାନ୍ଦ ମହାନ୍ତି, ଲକ୍ଷ୍ମୀ ପ୍ରସାଦ ଆଚାର୍ଯ୍ୟ, ଚୈତନ୍ୟ ପ୍ରସାଦ ରାଉତ, ସଂଯୋଜ୍ ସାମନ୍ତରାୟ, ବଂଶୀଧର ମହାପାତ୍ର, ରମେଶ ଚନ୍ଦ୍ର ନାୟକ, ସୂର୍ଯ୍ୟକାନ୍ତ ଦାସ ମହାପାତ୍ର, ଡ. ବିଶ୍ୱଜିତ୍ କେଶରୀ ବିଶ୍ୱାଳ, ଡ. ପ୍ରଣତି ରାଉତ, ସୁଭବ୍ରତ ମହାପାତ୍ର, ସୁରଭି ଦ୍ୱିବେଦୀ, କବି ଉତ୍ତମ ଚରଣ ପ୍ରଧାନ, କବି ସୁରେନ୍ଦ୍ର ମହାପାତ୍ର, କବି ରାଜକିଶୋର ସ୍ୱାଇଁ ଓ ଡ. ଅରୂପ ମାର୍ଥା ପ୍ରମୁଖ ଯୋଗଦେଇ ନୂଆଁଖାଇ ପାଳନର ବିଧି ଓ ଏହାର ସାଂସ୍କୃତିକ ମହତ୍ତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ କବି ଓ କବୟିତ୍ରୀମାନଙ୍କ ଦ୍ୱାରା କବିତା ପାଠ କରାଯାଇଥିଲା। ବରିଷ୍ଠ କବୟିତ୍ରୀ ଡ. ଗୀତାଞ୍ଜଳି ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜୟଙ୍କ ସରକାରକୁ ଅତିକମରେ ବର୍ଷେ ସମୟ ମିଳିବା ଦରକାର

**ନୂଆଦିଲ୍ଲୀ,୨୧।୯(ଏଜେନ୍ସି):**ତାମିଲନାଡୁର ମୁଖ୍ୟମନ୍ତ୍ରୀ ସି. ଜୋସେଫ୍ ବିଜୟଙ୍କ ନେତୃତ୍ୱାଧୀନ ସରକାରଙ୍କ କାର୍ଯ୍ୟଶୈଳୀକୁ ନେଇ ବଡ଼ ବ୍ୟକ୍ତବ୍ୟ ରଖିଛନ୍ତି ବରିଷ୍ଠ ଅଭିନେତା ପ୍ରକାଶ ରାଜ। ସରକାରଙ୍କୁ କାର୍ଯ୍ୟ କରିବା ପାଇଁ ପର୍ଯ୍ୟାପ୍ତ ସମୟ ଦିଆଯିବା ଉଚିତ ଏବଂ କେବଳ ୧୨୦ ଦିନର କାର୍ଯ୍ୟକାଳକୁ ଆଧାର କରି ସରକାରଙ୍କ ଆକଳନ କରାଯିବା ଅନୁଚିତ ବୋଲି ସେ କହିଛନ୍ତି। ସରକାରଙ୍କୁ ନିଜର କାର୍ଯ୍ୟ ଦେଖାଇବା ପାଇଁ ଅତିକମରେ ଗୋଟିଏ ବର୍ଷ ସମୟ ମିଳିବା ଆବଶ୍ୟକଗଣମାଧ୍ୟମ ସହ ଆଲୋଚନା ବେଳେ ପ୍ରକାଶ ରାଜ କହିଛନ୍ତି, 'ମୁଖ୍ୟମନ୍ତ୍ରୀ ବିଜୟ କେବଳ ତାଙ୍କୁ ଭୋଟ୍ ଦେଇଥିବା ଲୋକଙ୍କର ନୁହଁନ୍ତି, ବରଂ ଯେଉଁମାନେ ଭୋଟ୍ ଦେଇନାହାନ୍ତି ସେମାନଙ୍କର ମଧ୍ୟ ମୁଖ୍ୟମନ୍ତ୍ରୀ। ନିର୍ବାଚନ ପୂର୍ବରୁ ବିଜୟଙ୍କୁ ନେଇ ମୋ ମନରେ ଅନେକ ପ୍ରଶ୍ନ ଓ ସନ୍ଦେହ ଥିଲା ଏବଂ ମୁଁ ସେଗୁଡ଼ିକୁ ପ୍ରକାଶ ମଧ୍ୟ କରିଥିଲି। କିନ୍ତୁ ଏବେ ତାଙ୍କ ଦଳ 'ତାମିଲଗା ଭେଟ୍ରି କାଝାଗମ୍' ନିର୍ବାଚନ ଜିତି ସରକାର ଗଠନ କରିସାରିଛି। ତେଣୁ ମାତ୍ର ୧୨୦ ଦିନରେ କୌଣସି ନିଷ୍କର୍ଷରେ ପହଞ୍ଚିବା ଠିକ୍ ହେବ ନାହିଁ।'ସେ ଆହୁରି କହିଛନ୍ତି ଯେ ସରକାରଙ୍କ ସମାଲୋଚନା କରିବା ପୂର୍ବରୁ ସେ ପ୍ରଥମ ବଜେଟ୍ ଆସିବାକୁ ଅପେକ୍ଷା କରିଛନ୍ତି। ଯଦି ବର୍ଷକ ପରେ ମଧ୍ୟ ସରକାର ଜନସାଧାରଣଙ୍କ ଆଶା ପୂରଣ କରିବାରେ ବିଫଳ ହୁଅନ୍ତି, ତେବେ ସେ ନିଶ୍ଚିତ ଭାବେ ସରକାରଙ୍କୁ ପ୍ରଶ୍ନ ପଚାରିବେ।



## ଢେଙ୍କାନାଳର ୧୧୫ ଜଣ ସ୍କୁଲ ଛାତ୍ରଛାତ୍ରୀଙ୍କୁ କଳିଙ୍ଗ ଷ୍ଟାଡିୟମରେ ବିଶ୍ୱସ୍ତରୀୟ ଅନୁଭୂତି ପ୍ରଦାନ କଲା ରିଲାଏନ୍ସ ଫାଉଣ୍ଡେସନ

ଭୁବନେଶ୍ୱର, ୨୧।୯ (ନି.ପ୍ର) : ତୃଣମୂଳ ସ୍ତରରେ କ୍ରୀଡ଼ାର ପ୍ରସାର ଏବଂ ବିଦ୍ୟାଳୟର ପିଲାମାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ଅଧିକ ସୁଯୋଗ ପ୍ରଦାନ କରିବା ଲକ୍ଷ୍ୟରେ, ରିଲାଏନ୍ସ ଫାଉଣ୍ଡେସନ ପକ୍ଷରୁ ଶୁକ୍ରବାର ଦିନ ଢେଙ୍କାନାଳର ନଅଟି ସରକାରୀ ବିଦ୍ୟାଳୟର ୧୧୫ ଜଣ ଛାତ୍ରଛାତ୍ରୀଙ୍କ ପାଇଁ କଳିଙ୍ଗ ଷ୍ଟାଡିୟମସ୍ଥିତ 'ରିଲାଏନ୍ସ ଫାଉଣ୍ଡେସନ ଆଥଲେଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର'କୁ ଏକ ସ୍ୱତନ୍ତ୍ର ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କ୍ରମରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଯାଏଁ ୫୮ ଜଣ ଛାତ୍ରୀ ଏବଂ ୫୭ ଜଣ ଛାତ୍ର ଏକ ପ୍ରଫେସନାଲ କ୍ରୀଡ଼ା ପରିବେଶର ଅନୁଭୂତି ଲାଭ କରିଥିଲେ ଏବଂ ଦୌଡ଼, ଲଙ୍ଗ୍ ଜମ୍ପ ଓ ଜାଭେଲିନ୍ ଥ୍ରୋ ଭଳି ତିନୋଟି ଆଥଲେଟିକ୍ସ ବର୍ଗରେ ଆୟୋଜିତ ଏକ ପ୍ରଦର୍ଶନ-ଭିତ୍ତିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ପିଲାମାନଙ୍କୁ କ୍ରୀଡ଼ା ପ୍ରତି ଆକର୍ଷିତ କରିବା ସହିତ ସେମାନଙ୍କ ମଧ୍ୟରେ ଶାରୀରିକ ସୁସ୍ଥତା,




ଶୃଙ୍ଖଳା, ଆତ୍ମବିଶ୍ୱାସ, ଦଳଗତ ମନୋଭାବ ଓ କ୍ରୀଡ଼ାସୁଲଭ ମନୋଭାବର ବିକାଶକୁ ଉତ୍ସାହିତ କରିବା ଏବଂ ଆଥଲେଟିକ୍ସ ବା ଦୌଡକୁଦ କ୍ଷେତ୍ରରେ ସେମାନଙ୍କର ଆଗ୍ରହ ଓ ପ୍ରତିଭାକୁ ଚିହ୍ନଟ ତଥା ବିକଶିତ କରିବାରେ ସହାୟତା କରିବା। ଏହି ପରିଦର୍ଶନ କାର୍ଯ୍ୟକ୍ରମ ତୃଣମୂଳ ସ୍ତରରେ କ୍ରୀଡ଼ାର ବିକାଶ ଏବଂ କ୍ରୀଡ଼ା ମାଧ୍ୟମରେ ପିଲାମାନଙ୍କ ପାଇଁ ଆନନ୍ଦ ଓ ସେମାନଙ୍କ ପ୍ରତିଭା ଆବିଷ୍କାରର ସୁଯୋଗ ସୃଷ୍ଟି କରିବା ଦିଗରେ ରିଲାଏନ୍ସ ଫାଉଣ୍ଡେସନର ବ୍ୟାପକ ପ୍ରତିଶ୍ରୁତି ବଦ୍ଧତାର ଏକ ଅଂଶ ଅଟେ। କ୍ରୀଡ଼ାକୁ ଶ୍ରେଣୀଗୃହର ସୀମା ବାହାରକୁ ନେଇ, ଏହି ପଦକ୍ଷେପ ଗ୍ରାମାଞ୍ଚଳର ପିଲାମାନଙ୍କ ମଧ୍ୟରେ ଅଧିକ ଅଂଶଗ୍ରହଣକୁ ଉତ୍ସାହିତ କରିବା ଏବଂ ସେମାନଙ୍କର ସର୍ବାଙ୍ଗୀନ ବିକାଶରେ ଯୋଗଦାନ କରିବାକୁ ଲକ୍ଷ୍ୟ ରଖିଛି। କଳିଙ୍ଗ ଷ୍ଟାଡିୟମ୍‌ସ୍ଥିତ 'ରିଲାଏନ୍ସ ଫାଉଣ୍ଡେସନ ଆଥଲେଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର' ଓଡ଼ିଶା ସରକାର ଓ ରିଲାଏନ୍ସ ଫାଉଣ୍ଡେସନ ସହଯୋଗରେ ପରିଚାଳିତ ହେଉଛି, ଯାହା ରାଜ୍ୟରେ ଆଥଲେଟିକ୍ସ ପ୍ରତିଭା ବିକାଶ ଏବଂ ତୃଣମୂଳ ସ୍ତରରେ କ୍ରୀଡ଼ାର ବିକାଶରେ ସହାୟତା ପ୍ରଦାନ କରୁଛି।

## ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସେମିକନ୍ ଇଣ୍ଡିଆ ୨୦୨୬ ଉଦ୍‌ଘାଟିତ

ଭୁବନେଶ୍ୱର, ୨୧।୯ (ନି.ପ୍ର): ନୂଆଦିଲ୍ଲୀରେ 'ସେମିକନ୍ ଇଣ୍ଡିଆ ୨୦୨୬'ର ଉଦ୍‌ଘାଟନ କରିଛନ୍ତି ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଭାରତକୁ ବିଶ୍ୱର ଏକ ପ୍ରମୁଖ ସେମିକଣ୍ଡକ୍ଟର ଉତ୍ପାଦନ କେନ୍ଦ୍ରରେ ପରିଣତ କରିବା ଲକ୍ଷ୍ୟରେ ସରକାରଙ୍କ ପ୍ରତିବଦ୍ଧତାକୁ ଏହି ଅବସରରେ ସେ ଦୋହରାଇଛନ୍ତି। ସେମିକନ୍ ୨.୦' ଏବେ ଏହାର ପରବର୍ତ୍ତୀ ପର୍ଯ୍ୟାୟକୁ ଅଗ୍ରସର ହେଉଥିବା ବେଳେ ଛଅଟି ରଣନୈତିକ ସ୍ତମ୍ଭ ଯଥା ଚିପ୍ ଡିଜାଇନ୍, ଯନ୍ତ୍ରପାତି ଓ ସାମଗ୍ରୀ, ଅଧିକ ସେମିକଣ୍ଡକ୍ଟର କାରଖାନା ପ୍ରତିଷ୍ଠା, ଏଟିଏମ୍‌ପି/ଓସାଟ୍ ଶିଳ୍ପକୁ ସୁଦୃଢ଼ କରିବା, ଗବେଷଣା ଓ ବିକାଶ ଏବଂ ପ୍ରତିଭା ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ୧,୨୭,୫୦୦ କୋଟି ଟଙ୍କାର ବର୍ଦ୍ଧିତ ବଜେଟ୍ ବ୍ୟବସ୍ଥା କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏହି ପ୍ରମୁଖ କାର୍ଯ୍ୟକ୍ରମ ଭାରତର ଚିପ୍ ଉତ୍ପାଦନ ଅଭିଯାନରେ ଏକ ନୂଆ ଅଧ୍ୟାୟର ସୂଚନା ଦେଇଛି। ଉଦ୍‌ଘାଟନୀ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ଭାରତର ସେମିକଣ୍ଡକ୍ଟର ଯାତ୍ରାକୁ ସେମିକଣ୍ଡକ୍ଟର ଶିଳ୍ପର 'ଟେପ୍-ଆଉଟ୍' ଧାରଣା ସହ ତୁଳନା କରିଥିଲେ। ଏହା ଶେଷ ପର୍ଯ୍ୟାୟ ନୁହେଁ, ବରଂ ପରବର୍ତ୍ତୀ ପିଢ଼ିର ଆରମ୍ଭ ବୋଲି ସେ କହିଥିଲେ। ମୋଦୀ କହିଥିଲେ, 'କୌଣସି ଦେଶ ରାତାରାତି ସେମିକଣ୍ଡକ୍ଟର ପରିବେଶ ଗଢ଼ିପାରେ ନାହିଁ। ଏଥିପାଇଁ ଦଶନ୍ଧି ଧରି କ୍ଷମତା ବିକାଶ କରିବାକୁ ପଡ଼େ। କିନ୍ତୁ ଶିଳ୍ପର ଅଗ୍ରଣୀ ସଂସ୍ଥାଗୁଡ଼ିକର ସହଭାଗିତା ଯୋଗୁଁ ଭାରତ ଏହି ସମୟସୀମା।କୁ ଉଲ୍ଲେଖନୀୟ ଭାବେ କମାଇପାରିଛି। ସେମିକନ୍ ଇଣ୍ଡିଆ ୨୦୨୬ ଅବସରରେ ଗଣମାଧ୍ୟମକୁ ସୂଚନା ଦେଇ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ 'ସେମିକନ୍ ୨.୦' ପରିବେଶ ଅଧୀନରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ବା ପ୍ରାୟ ୧୧-୧୨ ବିଲିୟନ୍ ଆମେରିକୀୟ ଡଲାରର ନିବେଶ ପ୍ରତିଶ୍ରୁତି ମିଳିସାରିଛି। ଏହି ନିବେଶ ଦ୍ୱାରା ସେମିକଣ୍ଡକ୍ଟର ପରିବେଶରେ ବ୍ୟାପକ ଆର୍ଥିକ କାର୍ଯ୍ୟକଳାପ ସହ ପ୍ରାୟ ୧ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ହେବ ବୋଲି ଆଶା କରାଯାଉଛି। ଆସନ୍ତା ଦୁଇରୁ ତିନି ବର୍ଷ ମଧ୍ୟରେ ଏହି ନିବେଶ ବାସ୍ତବ ରୂପ ନେବ। ଆବଶ୍ୟକ ବୋର୍ଡ ଓ ଅଂଶୀଦାର ଅନୁମୋଦନ ମିଳିବା ପରେ କମ୍ପାନିଗୁଡ଼ିକ ନିଜ ନିଜ ନିବେଶ ସମ୍ପର୍କରେ ଘୋଷଣା କରିବେ। ସେମିର



ସଭାପତି ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଅଜିତ ମନୋଚା କହିଛନ୍ତି, '୨୦୩୦ ସୁଦ୍ଧା ୧ ଟ୍ରିଲିୟନ୍ ଡଲାରର ସେମିକଣ୍ଡକ୍ଟର ଲକ୍ଷ୍ୟ ଏବେ ୨ ଟ୍ରିଲିୟନ୍ ଡଲାରରୁ ଅଧିକ ସ୍ତରରେ ପହଂଚିବା ଦିଗରେ ଅଗ୍ରସର ହେଉଛି। ଭାରତର ବ୍ୟବହାର ପ୍ରତିବର୍ଷ ଦୁଇଗୁଣ ହେଉଥିବା ବେଳେ ବିଶ୍ୱ ବଜାର ୬୦ ପ୍ରତିଶତ ହାରରେ ବଢୁଛି। ସେମିକନ୍ ୨.୦ ଅଧୀନରେ ଦେଶୀୟ ଉତ୍ପାଦନ ବୃଦ୍ଧି ପାଇଲେ ଭାରତ ଦୀର୍ଘମିଆଦରେ ଉଲ୍ଲେଖନୀୟ ଆର୍ଥିକ ବିକାଶ ହାସଲ କରିପାରିବ। ସେ ଆହୁରି କହିଛନ୍ତି ଯେ କୃତ୍ରିମ ବୁଦ୍ଧିମତାର ଯୁଗରେ ନୂଆ ପ୍ରଯୁକ୍ତିର ବିକାଶ, ଯୋଗାଣ ଶୃଙ୍ଖଳାର ସ୍ଥିରତା ଏବଂ ପ୍ରତିଭାର ବିକାଶ ପାଇଁ ବିଶ୍ୱ ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳାକୁ ଅଧିକ ଭୌଗୋଳିକ ଅଂଚଳକୁ ବିସ୍ତାର କରିବା ଆବଶ୍ୟକ। ବିଶ୍ୱ ସେମିକଣ୍ଡକ୍ଟର ଶିଳ୍ପ ପାଇଁ ଏକ ସ୍ୱୀକୃତିପ୍ରାପ୍ତ କେନ୍ଦ୍ର ଓ ଗୁରୁତ୍ୱପୂର୍ଣ୍ଣ ପରିବେଶ ଗଢ଼ିବା ଦିଗରେ ଭାରତର ରଣନୈତିକ ଧ୍ୟାନ ଏହାର ପୁରୁଣା ଶକ୍ତିକୁ ଆଧାର କରି ନୂଆ କ୍ଷମତା ବିକାଶ କରୁଛି। '୨୦୨୬ର ଶବ୍ଦ ହେଉଛି ଅପରିହାର୍ଯ୍ୟତା। ଭାରତର ଆଗାମୀ ପଥ ଏହି ଦିଗରେ,' ବୋଲି ସେ କହିଛନ୍ତି। ସେମି ଇଣ୍ଡିଆ ଏବଂ ଆଇଇଏସ୍‌ଏର ସଭାପତି ଅଶୋକ ଚାନ୍ଦକ କହିଛନ୍ତି, 'ସେମିକନ୍ ଇଣ୍ଡିଆ ୨୦୨୬ର ସଫଳ ଦୁଇ ଦିନ ଭାରତର ସେମିକଣ୍ଡକ୍ଟର ଯାତ୍ରା ପ୍ରତି ବଢୁଥିବା ବିଶ୍ୱାସ, ପ୍ରତିବଦ୍ଧତା ଓ ଗତିକୁ ପ୍ରଦର୍ଶନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍‌ଘାଟନ ଏହି ଯାତ୍ରାକୁ ଆହୁରି ଦୃଢ଼ ଜାତୀୟ ଓ ବିଶ୍ୱସ୍ତରୀୟ ମାନ୍ୟତା ଦେଇଛି। ୫୦ରୁ ଅଧିକ ବୁଝାମଣାପତ୍ର, ୭ ବିଲିୟନ୍ ଡଲାରରୁ ଅଧିକ ନିବେଶ ପ୍ରତିଶ୍ରୁତି, ବାଣିଜ୍ୟିକ ଉତ୍ପାଦ ଉନ୍ମୋଚନ, ବିଶ୍ୱସ୍ତରୀୟ କମ୍ପାନିର ଶୀର୍ଷ ଅଧିକାରୀଙ୍କ ଅଂଶଗ୍ରହଣ ଏବଂ ଶିଳ୍ପର ଦୃଢ଼ ସହଭାଗିତା ସହ ସେମିକନ୍ ଇଣ୍ଡିଆ ୨୦୨୬ ଏହି ପରିବେଶ କେତେ ବଡ଼ ଆକାର ନେଉଛି ତାହା ପ୍ରଦର୍ଶନ କରିଛି।'ସେ କହିଛନ୍ତି, 'ଏହା କେବଳ ଆରମ୍ଭ। ଆହୁରି ଅନେକ ନିବେଶ, ସହଭାଗିତା ଓ ସୁଯୋଗ ଆଗାମୀ ଦିନରେ ଆସୁଛି। ଭାରତ ଏବେ ବିଶ୍ୱସନୀୟତା ଗଢ଼ିବାରୁ କ୍ଷମତା ଗଢ଼ିବା ଦିଗକୁ ଅଗ୍ରସର ହେଉଛି ଏବଂ ବିଶ୍ୱ ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳାରେ ଏକ ବିଶ୍ୱସନୀୟ ଓ ପ୍ରତିଯୋଗୀ ଭାଗୀଦାର ଭାବେ ନିଜକୁ ସ୍ଥାପିତ କରୁଛି।'ସେମିକନ୍ ଇଣ୍ଡିଆ ୨୦୨୬ର ପ୍ରଥମ ଦୁଇ ଦିନରେ ନୀତି ନିର୍ଦ୍ଧାରକ, ବିଶ୍ୱର ପ୍ରମୁଖ ସେମିକଣ୍ଡକ୍ଟର କମ୍ପାନି, ଭାରତୀୟ ଶିଳ୍ପ, ଗବେଷକ, ଷ୍ଟାର୍ଟଅପ୍, ଶିକ୍ଷାବିତ୍ ଓ ଛାତ୍ରଛାତ୍ରୀଙ୍କ ସମେତ ମୋଟ ୨୮ ହଜାର ଲୋକ ସାମିଲ ହୋଇଛନ୍ତି।

## ପର୍ଯ୍ୟଟନର ସମ୍ଭାବନାରୁ ଆର୍ଥିକ ଶକ୍ତିକେନ୍ଦ୍ର : ୭ମ ଏଚ୍‌ଏଆଇ (ହାଇ) ହୋଟେଲିୟର୍ସ କନକ୍ଲେଭ ୨୦୪୭ ରୋଡ୍ ମ୍ୟାପ ପ୍ରସ୍ତୁତ କଲା

ଭୁବନେଶ୍ୱର, ୨୧।୯ (ନି.ପ୍ର) : ହୋଟେଲ ଆସୋସିଏସନ ଅଫ ଇଣ୍ଡିଆ (ଏଚ୍‌ଏଆଇ) ଆଜି ନୂଆଦିଲ୍ଲୀସ୍ଥିତ ତାଜ ପାଲେସରେ ୭ମ ଏଚ୍‌ଏଆଇ ହୋଟେଲିୟର୍ସ କନକ୍ଲେଭର ଆୟୋଜନ କରିଛି। ଏହି କାର୍ଯ୍ୟକ୍ରମରେ ନୀତି ନିର୍ଦ୍ଧାରକ, ପର୍ଯ୍ୟଟନ କର୍ତ୍ତୃପକ୍ଷ, ଆତିଥେୟତା କ୍ଷେତ୍ରର ନେତୃବୃନ୍ଦ ଏବଂ ଶିଳ୍ପ ସହଯୋଗୀମାନେ ଏକତ୍ରିତ ହୋଇ ଭାରତର ଭିଜନ ୨୦୪୭ରେ ପର୍ଯ୍ୟଟନ ଓ ଆତିଥେୟତା କ୍ଷେତ୍ର କିପରି ଅଧିକ ଯୋଗଦାନ ଦେଇପାରିବ, ସେ ନେଇ ଆଲୋଚନା କରିଥିଲେ। କେନ୍ଦ୍ର ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍ ଏହି କନକ୍ଲେଭକୁ ଉଦ୍‌ଘାଟନ କରିଥିଲେ।

'ଆତିଥେୟତାର ପୁନର୍ଗଠନ' ବିଷୟବସ୍ତୁ ଆଧାରରେ ଆୟୋଜିତ ଏହି କନକ୍ଲେଭରେ ଆତିଥେୟତା କ୍ଷେତ୍ରକୁ ସ୍ଥାୟୀ ଭାବେ ସଂପ୍ରସାରିତ କରିବା ଏବଂ ଭାରତ ଭିଜନ ୨୦୪୭ରେ ଏକ ବୃହତ୍ ଭୂମିକା ଗ୍ରହଣ କରିବା ପାଇଁ ଆବଶ୍ୟକ ହେଉଥିବା ଗଠନମୂଳକ ପରିବର୍ତ୍ତନ ଉପରେ ସମୀକ୍ଷା କରାଯାଇଥିଲା। ଏହା ସହିତ ନିବେଶ, ଭିତିଭୂମି, ନିଯୁକ୍ତି, ଆଂଚଳିକ ବିକାଶ ଏବଂ ନୀତିଗତ ସୁଧାର ଭଳି ବିଷୟ ଉପରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା। ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀରେ ଆୟୋଜିତ ଏହି ୭ମ ହୋଟେଲିୟର୍ସ କନକ୍ଲେଭ ପାଇଁ ହୋଟେଲ ଆସୋସିଏନ ଅଫ ଇଣ୍ଡିଆକୁ




ଶୁଭେଚ୍ଛାବାର୍ତ୍ତା ପଠାଇଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ଏହି ଶିଳ୍ପ ଭାରତର 'ଅତିଥି ଦେବୋ ଭବ' ପରମ୍ପରାକୁ ଆଗେଇ ନେଉଛି। ଉନ୍ନତ ସଂଯୋଗୀକରଣ ଓ ଭିତିଭୂମି ମାଧ୍ୟମରେ ନୂତନ ଗନ୍ତବ୍ୟସ୍ଥଳ ଗୁଡ଼ିକ ଉନ୍ମୋଚିତ ହେଉଛି ଏବଂ ଧାର୍ମିକ ଓ ଆଧ୍ୟାତ୍ମିକ ପରିପ୍ରଦକ୍ଷିଣ (ସର୍କିଟ), ସାହସିକ, ୱେଲନେଓ ଏବଂ ବିବାହ ପର୍ଯ୍ୟଟନ ବ୍ୟବସାୟ, ନିଯୁକ୍ତି ଓ ଆର୍ଥିକ ପ୍ରଗତି ପାଇଁ ନୂତନ ସୁଯୋଗ ସୃଷ୍ଟି କରୁଛି ବୋଲି ପ୍ରଧାନମନ୍ତ୍ରୀ ନିଜ ବାର୍ତାରେ ଦର୍ଶାଇଛନ୍ତି। ଭାରତ ସରକାରଙ୍କ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ମାନ୍ୟବର କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍ କହିଛନ୍ତି, 'ଭାରତୀୟ ଆତିଥେୟତା ଶିଳ୍ପ ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରୁଛି, ଯାହାକି କେବଳ ରହିବା ପାଇଁ ଘର ଓ ରୁମ୍ ମଧ୍ୟରେ ସୀମିତ ନ ରହି ଅନୁଭୂତି-ଭିତିକ ପର୍ଯ୍ୟଟନ ଆଡ଼କୁ ଅଗ୍ରସର ହେଉଛି। ୨୦୨୪ ମସିହାରେ ୪୦୦ କୋଟିରୁ ଅଧିକ ଘରୋଇ ପର୍ଯ୍ୟଟକଙ୍କ ପରିଦର୍ଶନ ଏବଂ ଭ୍ରମଣ ତଥା ନୂତନ ଅନୁଭୂତିକୁ ପ୍ରାଥମିକତା ଦେଉଥିବା ବୃଦ୍ଧିପ୍ରାପ୍ତ ମଧ୍ୟବିତ ବର୍ଗଙ୍କ ସହ, ଭାରତ ପାଖରେ ପର୍ଯ୍ୟଟନ - ଚାଳିତ ବିକାଶକୁ ଆଗେଇ ନେବାର ଅପାର ସମ୍ଭାବନା ରହିଛି। ଆମର ସାଂସ୍କୃତିକ ଐତିହ୍ୟ, ପ୍ରଯୁକ୍ତିବିଦ୍ୟା ଏବଂ ପ୍ରସାରିତ ଭିତିଭୂମି ମିଳିତ ଭାବେ ପର୍ଯ୍ୟଟନର ପରବର୍ତ୍ତି ପର୍ଯ୍ୟାୟକୁ ରୂପରେଖ ଦେଇପାରିବ, କିନ୍ତୁ ଏହି ସୁଯୋଗକୁ ସାକାର କରିବା ପାଇଁ ବ୍ୟାପକତା, ଦ୍ରୁତତା, ଆତ୍ମବିଶ୍ୱାସ ଏବଂ ରୂପାନ୍ତରଣର ଆବଶ୍ୟକତା ରହିଛି।

## ୯୯.୩୧%ରେ ଦାବି ସମାଧାନ ସହ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫର ଉଲ୍ଲେଖନୀୟ ପ୍ରଦର୍ଶନ




ଭୁବନେଶ୍ୱର, ୨୧।୯ (ନି.ପ୍ର) : ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସ ୨୦୨୬-୨୭ ଆର୍ଥିକ ବର୍ଷର ୧ମ ତ୍ରୈମାସିକ ପାଇଁ ୯୯.୩୧%ର ଏକ ଦାବି ସମାଧାନ ଅନୁପାତ ଘୋଷଣା କରିଛି । ଯାହାକି ସାର୍ବଜନିନ ଭାବେ ପ୍ରକାଶିତ ତଥ୍ୟ (ଫର୍ମ ଏଲ୍-୩୯ ଓ ଏଲ-୪୦) ଆଧାରରେ ଭାରତରେ ଶୀର୍ଷ ଜୀବନ ବୀମା କମ୍ପାନୀଗୁଡ଼ିକ ମଧ୍ୟରେ ସର୍ବୋଚ୍ଚ ଅଟେ। ଏହି ତ୍ରୈମାସିକ ସମୟରେ କମ୍ପାନୀ ୪୧୪.୦୮ କୋଟି ଟଙ୍କା ମୂଲ୍ୟର ବ୍ୟକ୍ତିଗତ ମୃତ୍ୟୁ ଦାବିଗୁଡ଼ିକର ସମାଧାନ କରିଛି। ଉଲ୍ଲେଖନୀୟ ଭାବେ ପ୍ରତି ଦାବି ପିଛା କମ୍ପାନୀର ହାରାହାରି ମୂଲ୍ୟ ୧୫ ଲକ୍ଷ ଟଙ୍କା ରହିଥିଲା ଯାହା ୨୦୨୬-୨୭ର ପ୍ରଥମ ତ୍ରୈମାସିକ ପାଇଁ ଅଗ୍ରଣୀ ଜୀବନ ବୀମା ପ୍ରଦାନକାରୀ କମ୍ପାନୀଗୁଡିକ ମଧ୍ୟରେ ସର୍ବାଧିକ ଅଟେ।

ଏସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ ଇନ୍ସୁରାନ୍ସର ଅଣ୍ଡରରାଇଟିଂ ଓ ରିଟେଲ କ୍ଲେମ୍ସ ବିଭାଗର ମୁଖ୍ୟ ସାରଙ୍ଗ ଗୋଖଲେ କହିଛନ୍ତି, 'ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫରେ ଆମେ ଆମର ଗ୍ରାହକ ଓ ସେମାନଙ୍କ ପରିବାର ପାଇଁ ଦାବି ପ୍ରକ୍ରିୟାଗୁଡ଼ିକୁ ସରଳ, ସହଜ ଓ ସମୟାନୁବର୍ତ୍ତୀ କରିବା ପାଇଁ ପ୍ରତିବଦ୍ଧ ରହିଛୁ। ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଆମର ଦାବି ସମାଧାନ ଅନୁପାତ ୯୯.୩୧%ରେ ଶିଳ୍ପରେ ସର୍ବାଧିକ ଥିଲା ଏବଂ ଅଣ ଯାଂଚବିଶିଷ୍ଟ ଦାବିଗୁଡ଼ିକ ପାଇଁ ଆମର ହାରାହାରି ଦାବି ସମାଧାନ ସମୟ, ଶେଷ ଡକ୍ୟୁମେଂଟ ଗ୍ରହଣ କରିବା ତାରିଖରୁ କେବଳ ୧ ଦିନ ଥିଲା। ଏହାବ୍ୟତୀତ ଆମେ ମୃତ୍ୟୁଜନିତ ଦାବିଗୁଡ଼ିକରେ ୪୧୪.୦୮ କୋଟି ଟଙ୍କାର ଦାବି ସମାଧାନ କରିଛୁ।

## ଫ୍ଲିପକାର୍ଟ ପକ୍ଷରୁ ଚଳିତ ପାର୍ବଣ ଋତୁରେ ୨.୫ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ

ଭୁବନେଶ୍ୱର, ୨୧।୯ (ନି.ପ୍ର) : ଭାରତର ନିଜସ୍ୱ ଇ-କମର୍ସ ପ୍ଲାଟଫର୍ମ ଫ୍ଲିପକାର୍ଟ ଆଗାମୀ ପାର୍ବଣ ଋତୁ ପାଇଁ ଗିଗ୍ ଶ୍ରମିକଙ୍କ ସମେତ ୨.୫ ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ବିଷୟରେ ଘୋଷଣା କରିଛି। ଏହି ସୁଯୋଗଗୁଡ଼ିକ ମଧ୍ୟରୁ ପ୍ରାୟ ୭୫,୦୦୦ (ପାଖାପାଖି ୩୦%) ସୁଯୋଗ ପ୍ରଥମଥର ପାଇଁ କାମ ଆରମ୍ଭ କରୁଥିବା ଲୋକଙ୍କ ପାଇଁ ଉଦ୍ଦିଷ୍ଟ, ଯାହା ଭାରତର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ନିଯୁକ୍ତିର ନୂଆ ପଥ ଉନ୍ମୁକ୍ତ କରୁଛି। ଦେଶସାରା ଥିବା ୭,୦୦୦ରୁ ଅଧିକ 'ଇକାର୍ଟ' କେନ୍ଦ୍ର, ଯେପରିକି ଫୁଲଫିଲମେଂଟ ସେଂଟର, ସର୍ଟେସନ୍ ହବ୍ ଏବଂ ଡେଲିଭରି କାର୍ଯ୍ୟରେ ଏହି ସୁଯୋଗ ଉପଲବ୍ଧ ହେବ।

'ବିଗ୍ ବିଲିୟନ ଡେଜ୍' ପୂର୍ବରୁ ଗ୍ରାହକଙ୍କ ବଢୁଥିବା ଚାହିଦା ପୂରଣ କରିବା ପାଇଁ ଫ୍ଲିପକାର୍ଟ ୯୦୦ରୁ ଅଧିକ ନୂଆ ଫେଷ୍ଟିଭ୍ ଡେଲିଭରି ହବ୍ ଏବଂ ପ୍ରାୟ ୧.୪ ଲକ୍ଷ ଅତିରିକ୍ତ ଡେଲିଭରି କାର୍ଯ୍ୟ ସହ ନିଜର ନେଟୱାର୍କ ବଢ଼ାଉଛି। ଚଳିତ ଋତୁରେ ସୃଷ୍ଟି ହୋଇଥିବା ନୂଆ ନିଯୁକ୍ତି ମଧ୍ୟରୁ ୬୦% ଡେଲିଭରି କ୍ଷେତ୍ରରେ ରହିଛି, ଯାହା 'ଫ୍ଲିପକାର୍ଟ ମିନିଟ୍ସ'ର ସମ୍ପ୍ରସାରଣ ଏବଂ ଛୋଟ ସହରଗୁଡ଼ିକରେ ବଢୁଥିବା ଚାହିଦାକୁ ଦର୍ଶାଉଛି। ଏହି ସମ୍ପ୍ରସାରଣ ଯୋଗୁଁ ଫ୍ଲିପକାର୍ଟର ସପ୍ଲାଏ ଚେନରେ ମହିଳା ଓ ଭିନ୍ନକ୍ଷମମାନଙ୍କ ପାଇଁ ମଧ୍ୟ ଅଧିକ ସୁଯୋଗ ସୃଷ୍ଟି ହେଉଛି। ଏବେ ସପ୍ଲାଏ ଚେନରେ ମହିଳାଙ୍କ ଭାଗୀଦାରୀ ୨୦%ରୁ ଅଧିକ ହୋଇଛି



ଏବଂ ଗୋଦାମ ତଥା ଡେଲିଭରି କାର୍ଯ୍ୟରେ ଭିନ୍ନକ୍ଷମଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ଫ୍ଲିପକାର୍ଟ ଗ୍ରୁପର ଚିଫ୍ କର୍ପୋରେଟ୍ ଆଫେୟାର୍ସ ଅଫିସର, ରଜନୀଶ କୁମାର କହିଛନ୍ତି, 'ବଡ଼ ଆକାରର ବ୍ୟବସାୟ ବଡ଼ ଆକାରରେ ଚାକିରି, ଜୀବିକା ଓ ଉଦ୍ୟୋଗୀ ହେବାର ସୁଯୋଗ ସୃଷ୍ଟି କରେ। ଏହି ପାର୍ବଣ ଋତୁରେ ଫ୍ଲିପକାର୍ଟ ମାଧ୍ୟମରେ ପ୍ରଥମ ଥର କାମରେ ଯୋଗ ଦେଉଥିବା ପ୍ରାୟ ୭୫,୦୦୦ ଲୋକ ସେହି ବ୍ୟବସ୍ଥାର ଏକ ଅଂଶ।' ଫ୍ଲିପକାର୍ଟ ଗ୍ରୁପର ସପ୍ଲାଏ ଚେନ୍, ଗ୍ରାହକ ଅଭିଜ୍ଞତା ଏବଂ ରି-କମର୍ସର ସିନିୟର ଭାଇସ ପ୍ରେସିଡେଂଟ, ହେମନ୍ତ ବଦ୍ରି କହିଛନ୍ତି, 'ପାର୍ବଣ ଋତୁ ଭାରତର ସମଗ୍ର ବାଣିଜ୍ୟ ବ୍ୟବସ୍ଥାକୁ ଏକାଠି କରେ ଏବଂ ଏହାକୁ ସମ୍ଭବ କରିବାରେ ଆମର ସପ୍ଲାଏ ଚେନ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ୯୦୦ରୁ ଅଧିକ ନୂଆ ଫେଷ୍ଟିଭ୍ ଡେଲିଭରି ହବ୍ ଯୋଡ଼ିବା ଏବଂ ପ୍ରାୟ ୧.୪ ଲକ୍ଷ ଡେଲିଭରି ସୁଯୋଗ ସୃଷ୍ଟି କରିବା ଦର୍ଶାଉଛିଯେ ଆମର ନେଟୱାର୍କ କେତେ ବଡ଼ ଆକାରରେ ବୃଦ୍ଧି ପାଉଛି, ବିଶେଷକରି 'ଫ୍ଲିପକାର୍ଟ ମିନିଟ୍ସ'ର ସମ୍ପ୍ରସାରଣ ଏବଂ ଛୋଟ ସହରଗୁଡ଼ିକରେ ବଢୁଥିବା ଚାହିଦା ଯୋଗୁଁ।

## କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ କୋ-ବ୍ରାଣ୍ଡେଡ କ୍ରେଡିଟ୍ କାର୍ଡ ଉନ୍ମୋଚିତ

ଭୁବନେଶ୍ୱର, ୨୧।୯ (ନି.ପ୍ର) : ଆମାଜନ ପେ' ଓ କୋଟାକ ମହିନ୍ଦ୍ରା ବ୍ୟାଙ୍କ ପକ୍ଷରୁ ଆଜି ଏକମାତ୍ର ମାଲିକ ଓ କ୍ଷୁଦ୍ର ବ୍ୟବସାୟ ମାଲିକମାନଙ୍କ ପାଇଁ ଆମାଜନ ପେ କୋଟାକ ବିଜନେସ୍ କ୍ରେଡିଟ କାର୍ଡର ଘୋଷଣା କରାଯାଇଛି। ଏହା ଏକ ଡିଜିଟାଲ କ୍ରୟ ପ୍ଲାଟଫର୍ମ ଯାହା ଲକ୍ଷ ଲକ୍ଷ ଭାରତୀୟ ବ୍ୟବସାୟଗୁଡିକୁ ସେବା ପ୍ରଦାନ କରୁଥିବା 'ଆମାଜନ ବିଜ୍‌ନେସ୍'ର ପୀକୃତ ଉପଭୋକ୍ତାଙ୍କ ପାଇଁ ଉପଲବ୍ଧ ହେବ। ଏହି କାର୍ଡ କ୍ୟାଶବ୍ୟାକ୍ ରିୱାର୍ଡ ଓ ଏକ ବର୍ଦ୍ଧିତ ସୁଧମୁକ୍ତ ଋଣ ଅବଧି ପ୍ରଦାନ କରିବ, ଯାହା ଉଦ୍ୟୋଗୀମାନଙ୍କୁ ବ୍ୟବସାୟ ପରିଚାଳନା କରିବା, ଅଧିକ ଦକ୍ଷ ଭାବେ କ୍ରୟ କରିବା ସହ କାର୍ଯ୍ୟ ପୁଞ୍ଜିକୁ ସଂରକ୍ଷିତ ରଖିବାରେ ସାହାଯ୍ୟ କରିବ।




ଏସମ୍ପର୍କରେ ଆମାଜନ ପେ' ଇଣ୍ଡିଆର କ୍ରେଡିଟ୍ ଓ ଲେଣ୍ଡିଙ୍ଗ ବିଭାଗର ନିର୍ଦ୍ଦେଶକ ମୟଙ୍କ ଜୈନ କହିଛନ୍ତି, 'ଆମାଜନ ପେ' ଲକ୍ଷ ଲକ୍ଷ ଭାରତୀୟ ଉପଭୋକ୍ତାଙ୍କ ପାଇଁ ଋଣକୁ ପହଂଚଯୋଗ୍ୟ କରିଛି। ଆମେ ଆମାଜନ ବିଜନେସ୍‌ରେ କରାଯାଇଥିବା କ୍ରୟ ଉପରେ ସ୍ୱଚ୍ଛ ରିୱାର୍ଡ ଏବଂ ଋଣ ପାଇଁ ପହଂଚ ଭଳି କ୍ଷୁଦ୍ର ବ୍ୟବସାୟ ମାଲିକଙ୍କ ଆବଶ୍ୟକତାଗୁଡ଼ିକୁ ବୁଝି ଏହି କାର୍ଡର ନିର୍ମାଣ କରିଛୁ। କୋଟାକ ମହିନ୍ଦ୍ରା ବ୍ୟାଙ୍କ ସହ ସହଭାଗିତା କରି ଆମେ ଭାରତର ଉଦ୍ୟୋଗୀଙ୍କ ପାଇଁ ଏକ ଆକର୍ଷଣୀୟ ପ୍ରସ୍ତାବ ସୃଷ୍ଟି କରିବା ପାଇଁ ଲକ୍ଷ ଲକ୍ଷ ବ୍ୟବସାୟ କ୍ଷେତ୍ରରେ ଆମାଜନର ପହଂଚକୁ ଏସଏମ୍‌ଇ ଋଣ କ୍ଷେତ୍ରରେ କୋଟାକର ବିଶେଷଜ୍ଞତା ସହ ଏକତ୍ରିତ କରିଛୁ।' କୋଟାକ ମହିନ୍ଦ୍ରା ବ୍ୟାଙ୍କର କ୍ରେଡିଟ୍ କାର୍ଡସ୍ ବିଭାଗର ମୁଖ୍ୟ ଫ୍ରେଡେରିକ ଡିସୁଜା କହିଛନ୍ତି, 'କ୍ଷୁଦ୍ର ବ୍ୟବସାୟଗୁଡିକ ଭାରତୀୟ ଅର୍ଥନୀତିର ଇନ ଅଟନ୍ତି। ସେମାନେ ପ୍ରାୟତଃ ସାଧାରଣ ଟିମ୍ ଓ ଉଲ୍ଲେଖନୀୟ ସମ୍ବଳ କ୍ଷମତା ସହିତ ସାମଗ୍ରୀ ଯୋଗାଣ କରନ୍ତି, ନିଯୁକ୍ତି ସୃଷ୍ଟି କରନ୍ତି ଏବଂ ବ୍ୟବସାୟକୁ ଭାରତର ପ୍ରତ୍ୟେକ ଟାଉନ ଓ ସହରରେ ପହଂଚାଇଥାନ୍ତି। ଆମାଜନ ପେ ସହିତ ଆମେ ସେମାନେ ବିଶ୍ୱାସ କରୁଥିବା ଏକ ପ୍ଲାଟଫର୍ମରେ ଭାରତର ବ୍ୟବସାୟ ଗୁଡିକ ପାଇଁ ଏହା ଆଣିପାରିବୁ।

## ଏଆଇ ସୁବିଧା ବିସ୍ତାର ପାଇଁ ଗେଟ୍‌ସ ଫାଉଣ୍ଡେଶନର ୧ ବିଲିୟନ ଡଲାର ନିବେଶ

ଭୁବନେଶ୍ୱର, ୨୧।୯ (ନି.ପ୍ର) : ଗେଟ୍‌ସ ଫାଉଣ୍ଡେଶନ ପକ୍ଷରୁ ଆଗାମୀ ଦୁଇ ବର୍ଷରେ ଅତିକମ୍‌ରେ ୧ ବିଲିୟନ ଡଲାର ବ୍ୟୟ କରିବା ପାଇଁ ଯୋଜନା ସମ୍ପର୍କରେ ଘୋଷଣା କରାଯାଇଛି। ବିଶ୍ୱର ଅନେକ ଲୋକଙ୍କ ପାଇଁ ଏବେ ବି ଅପହଂଚ ଥିବା ଆର୍ଟିଫିସିଆଲ ଇଂଟେଲିଜେନ୍ସ ଏବଂ ଏଆଇ-ସକ୍ଷମ ସମାଧାନ, ସୁଯୋଗ ଓ ସୂଚନା ପାଇଁ ପହଂଚ ବିସ୍ତାର କରିବା ପାଇଁ ଫାଉଣ୍ଡେଶନ ଏହାର ୧୦ମ ବାର୍ଷିକ ଗୋଲ୍‌କିପର୍ସ ରିପୋର୍ଟ ଲଂଚ୍ କରିବା ସମୟରେ ଏହି ଘୋଷଣା କରିଛି । ଯାହା ଚଳିତ ବର୍ଷ ଏଆଇ ଧନୀ ଓ ଗରିବଙ୍କ ମଧ୍ୟରେ ରହିଥିବା ଅନ୍ତରକୁ ବୃଦ୍ଧି କରିବା ପରିବର୍ତ୍ତେ ହ୍ରାସ କରୁଥିବା ସୁନିଶ୍ଚିତ କରିବା ପାଇଁ ବର୍ତ୍ତମାନ ଆବଶ୍ୟକ ଜରୁରୀ କାର୍ଯ୍ୟାନୁଷ୍ଠାନଗୁଡ଼ିକ ଉପରେ ଗୁରୁତ୍ୱ ଦେଇଛି।'ମେକ୍ ଦିସ ମ୍ୟାଟର: ଏଆଇ, ଇକ୍ୱିଟି ଆଣ୍ଡ ଦ ଚଏସ୍ ୱି କ୍ୟାଂଟ ଡିଲେ' ଶୀର୍ଷକ ଏହି ୨୦୨୬ ରିପୋର୍ଟ ଏହି ମାମଲାକୁ ଉପସ୍ଥାପନ କରେ ଯେ ଏଆଇର ଗତିପଥ ସ୍ଥିର ନୁହେଁ। କିଏ ଲାଭ ପାଉଛନ୍ତି ଏବଂ କେତେ ଶୀଘ୍ର ପାଉଛନ୍ତି, ତାହାକୁ ପ୍ରଭାବିତ କରିବାର ସମୟ ସଂକ୍ଷିପ୍ତ। ଏହି ରିପୋର୍ଟରେ ଫାଉଣ୍ଡେସନ୍-ସମର୍ଥିତ ପାର୍ଟନରଙ୍କ ଉଦାହରଣ ଅନ୍ତର୍ଭୁକ୍ତ ରହିଛି ଯିଏ କ୍ଲିନିକ ଓ କ୍ଲାସରୁମ୍ ଏବଂ କ୍ଷୁଦ୍ର ଫାର୍ମଗୁଡିକରେ ଏଆଇର ବ୍ୟବହାର କରି ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣୁଛନ୍ତି। 'ଗେଟ୍ସ ଫାଉଣ୍ଡେସନ୍‌କୁ ଏକ ମୌଳିକ ବଜାର ବିଫଳତାକୁ ସମାଧାନ କରିବା ପାଇଁ ଆଂଶିକ ଭାବରେ ସୃଷ୍ଟି କରାଯାଇଥିଲା: ସର୍ବାଧିକ ଆବଶ୍ୟକତା ଥିବା ଲୋକମାନେ ପ୍ରାୟତଃ ଉଦ୍ଭାବନ ଓ ନିବେଶକୁ ରୂପ ଦେବା ପାଇଁ ସର୍ବନିମ୍ନ ଶକ୍ତି ପାଇଥାନ୍ତି, ବୋଲି ଗେଟ୍ସ ଫାଉଣ୍ଡେସନର ଅଧ୍ୟକ୍ଷ ବିଲ୍ ଗେଟ୍ସ ଏହି ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି, 'ଆମର ଅଧିକାଂଶ କାର୍ଯ୍ୟ ସେହି ଅନ୍ତରକୁ ଦୂର କରିବା ବିଷୟରେ ରହିଛି। ଏଆଇ ସମାନ ଆହ୍ୱାନ ଉପସ୍ଥାପନ କରୁଛି, କେବଳ ବହୁତ ଅଧିକ ବେଗରେ। ଯଦି କେବଳ ବଜାର ଉପରେ ଛାଡି ଦିଆଯାଏ, ତେବେ ସବୁଠାରୁ ସକ୍ଷମ ଉପକରଣଗୁଡ଼ିକୁ ପ୍ରଥମେ ସେହି ଲୋକ ଏବଂ ସଂସ୍ଥାଗୁଡିକ ପାଇଁ ନିର୍ମାଣ କରାଯିବ ଯେଉଁମାନେ ତାହା ପାଇଁ ଦେୟ ଦେବାକୁ ସକ୍ଷମ ହୋଇଥିବେ - ଜରୁରୀ ନୁହେଁ ଯେଉଁମାନେ ସର୍ବାଧିକ ଲାଭ ପାଇପାରିବେ।

## ଡାକ୍ତରଙ୍କ ସୁରକ୍ଷା ପାଇଁ ଓଜୋନ ଫାର୍ମାସ୍ୟୁଟିକାଲ୍ସ ପକ୍ଷରୁ 'ଓଜୋନ ସିଲ୍ଡ' ଆରମ୍ଭ

ଭୁବନେଶ୍ୱର, ୨୧।୯ (ନି.ପ୍ର) : ଓଜୋନ୍ ଫାର୍ମାସ୍ୟୁଟିକାଲ୍ସ ଲିମିଟେଡ୍ ପକ୍ଷରୁ ଆଜି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡାକ୍ତରଙ୍କ କଲ୍ୟାଣ ଏବଂ ନିରାପତା ପାଇଁ ପଦକ୍ଷେପ ନିଆ ଯାଇଛି। କୌଣସି ଭାରତୀୟ ଫାର୍ମାସ୍ୟୁଟିକାଲ୍ କମ୍ପାନୀ ଦ୍ୱାରା ଏହି ଧରଣର ପ୍ରଥମ ପଦକ୍ଷେପ 'ଓଜୋନ୍ ସିଲ୍ଡ'ର ଶୁଭାରମ୍ଭ କରିଛି। ଡାକ୍ତରଙ୍କ ବିରୋଧରେ ହିଂସା, ନିର୍ଯ୍ୟାତନା ଏବଂ ଭିର୍ତିହୀନ ଆଇନଗତ ମକଦ୍ଦମା ବୃଦ୍ଧି ପାଉଥିବା ଘଟଣାର ଜବାବରେ ଏହି ପଦକ୍ଷେପ ନିଆଯାଇଛି। ଓଜୋନ୍ ସିଲ୍ଡ ଡାକ୍ତରମାନଙ୍କୁ ସୁରକ୍ଷା ସହାୟତା, ଆଇନଗତ ସହାୟତା ଏବଂ ଭାବପ୍ରବଣ ସୁସ୍ଥତା ସହାୟତା ପ୍ରଦାନ କରିଥାଏ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ତଥା ପୁଡୁଚେରୀର ପୂର୍ବତନ ଲେଫ୍ଟନାଂଟ ଗଭର୍ଣ୍ଣର ଡ. କିରଣ ବେଦୀ (ଆଇପିଏସ୍) ଏହି




କାର୍ଯ୍ୟକ୍ରମର ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ। ଏହାର ଆବଶ୍ୟକତା ଭଲ ଭାବରେ ଦସ୍ତାବିଜିତ ହୋଇଛି। ଚଳିତ ବର୍ଷ ଏମ୍ସ, ସଫଦରଜଙ୍ଗ ହସ୍ପିଟାଲ ଏବଂ ଭିଏମଏମସିର ବିଶେଷଜ୍ଞଙ୍କ ଦ୍ୱାରା ୧,୫୦୦ ରୁ ଅଧିକ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କୁ ଅନ୍ତର୍ଭୁକ୍ତ କରି ଏକ ଦେଶବ୍ୟାପୀ ସର୍ଭେରୁ ଜଣାପଡିଛି ଯେ ୭୮.୪ ପ୍ରତିଶତ ଡ୍ୟୁଟିରେ ଧମକର ସମ୍ମୁଖୀନ ହୋଇଥିଲେ ଏବଂ ୫୮.୨ ପ୍ରତିଶତ କାର୍ଯ୍ୟରେ ସୁରକ୍ଷିତ ଅନୁଭବ କରୁନଥିଲେ। ଏହି ବ୍ୟବଧାନକୁ ବନ୍ଦ କରିବା ପାଇଁ ଓଜୋନ୍ ସିଲ୍ଡ ନିର୍ମାଣ କରାଯାଇଛି। ଏହା ମଧ୍ୟ ପ୍ରମାଣିତ ହୋଇଛି ଯେ ଅଧିକାଂଶ ଆଇନଗତ ମାମଲାରେ, ଡାକ୍ତରମାନେ ଶେଷରେ ମାନ୍ୟବର କୋର୍ଟ ଦ୍ୱାରା 'ଦୋଷୀ' ନୁହଁନ୍ତି। ଏହି ଅବସରରେ ଓଜୋନ୍ ଫାର୍ମାସ୍ୟୁଟିକାଲ୍ସ ଲିମିଟେଡ୍‌ର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ସୁଭାଷ ସେହଗଲ କହିଛନ୍ତି ଯେ,'ଫାର୍ମା ଇଣ୍ଡଷ୍ଟ୍ରି ଏବଂ ଡାକ୍ତରମାନେ ସମାଜର ସେବା କରୁଥିବା ଏକ ଦଳ ଭାବରେ ଏକାଠି ଠିଆ ହୁଅନ୍ତି। ଯେତେବେଳେ ଡାକ୍ତରମାନେ ମନହୀନ ହିଂସା କିମ୍ବା ଅନାବଶ୍ୟକ ଆଇନଗତ ଉତ୍ପୀଡ଼ନର ସମ୍ମୁଖୀନ ହୁଅନ୍ତି, ସେତେବେଳେ ସେମାନଙ୍କୁ ସୁରକ୍ଷା ଦେବା ଆମର କର୍ତବ୍ୟ ହୋଇଯାଏ। ରକ୍ଷକମାନଙ୍କୁ ସୁରକ୍ଷା ଦେବା ହେଉଛି ଓଜୋନ୍ ସିଲ୍ଡର ଏକମାତ୍ର ଉଦ୍ଦେଶ୍ୟ, କାରଣ ବିପଦ କିମ୍ବା ଆଘାତରେ ଥିବା ଜଣେ ଡାକ୍ତର ସମଗ୍ର ସମାଜ ଏକ କ୍ଷତି ସହିଥାଏ। ଡାକ୍ତରୀ ଭ୍ରାତୃତ୍ୱ ଆମ ପାଇଁ ଯାହା କରୁଛନ୍ତି ସେଥିପାଇଁ କିଛି ଫେରସ୍ତ କରିବା ଆମେ ଆମର ଦାୟିତ୍ୱ ଏବଂ ପ୍ରତିବଦ୍ଧତା ଅଟେ।'ଏହି ପଦକ୍ଷେପ ବିଷୟରେ ଡକ୍ଟର କିରଣ ବେଦୀ କହିଛନ୍ତି ଯେ, 'ଅନ୍ୟମାନଙ୍କୁ ସୁରକ୍ଷା ଦେବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରୁଥିବା ଡାକ୍ତରଙ୍କ ଆଇନଗତ ଏବଂ ସାମାଜିକ ଅଧିକାରର ସୁରକ୍ଷା କରି ଓଜୋନ୍ ସିଲ୍ଡ ପ୍ରକୃତ ନେତୃତ୍ୱର ପ୍ରମାଣ ଭାବରେ ଛିଡା ହୋଇଛି । ଶ୍ରୀ ସେହଗଲଙ୍କ ନେତୃତ୍ୱରେ ଦୂରଦୃଷ୍ଟି ସମ୍ପନ୍ନ ସଚେତନତା କର୍ମଶାଳା ମାଧ୍ୟମରେ ଏହି ପଦକ୍ଷେପ ଡାକ୍ତରୀ ଭ୍ରାତୃତ୍ୱକୁ ଜ୍ଞାନ, ଆତ୍ମବିଶ୍ୱାସ ଏବଂ ଦୃଢ଼ ସମର୍ଥନ ସହିତ ସଶକ୍ତ କରିଥାଏ।

## ୟୁବିଡି ଓଡ଼ିଶାକୁ ଆଣିଲା ମାଧବନ୍ ଡିଷ୍ଟିଲର୍ସ ଟ୍ରିବ୍ୟୁଟ୍ ବ୍ଲେଣ୍ଡ

ଭୁବନେଶ୍ୱର, ୨୧।୯ (ନି.ପ୍ର) : ଦି ଉତ୍ପଲ୍ ଗ୍ରୁପର ପ୍ରିମିୟମ୍ ମଦ୍ୟ ଉତ୍ପାଦନକାରୀ କମ୍ପାନୀ 'ଉତ୍ପଲ୍ ବ୍ରୁଅର୍ସ ଆଣ୍ଡ ଡିଷ୍ଟିଲର୍ସ' (ୟୁବିଡି), ଓଡ଼ିଶାରେ 'ମାଧବନ୍ ଡିଷ୍ଟିଲର୍ସ ଟ୍ରିବ୍ୟୁଟ୍ ବ୍ଲେଣ୍ଡ' (ଏମଡିଟିବି)ର ଶୁଭାରମ୍ଭ ଘୋଷଣା କରିଛି । ଏହି ଶୁଭାରମ୍ଭ ୟୁବିଡିର ବ୍ୟବସାୟ ବିସ୍ତାର କରିବା ସହ ଓଡ଼ିଶାରେ ଏହାର ଉପସ୍ଥିତିକୁ ମଜଭୁତ କରିବ । ଏହି ଶୁଭାରମ୍ଭ ପୂର୍ବରୁ ଓଡ଼ିଶାରେ ୟୁବିଡିର ବ୍ରାଣ୍ଡ 'ସୁରାହୀ' ନିଜର ବିଶେଷ ସ୍ଥାନ ବନାଇସାରିଛି । ମାଧବନ୍ ଡିଷ୍ଟିଲର୍ସ ଟ୍ରିବ୍ୟୁଟ ବ୍ଲେଣ୍ଡ ୭୫୦ ମିଲିଲିଟର ବୋତଲରେ ୪୨.୮% ଆଲକୋହଲ୍ ମାତ୍ରା ସହିତ ସର୍ବୋଚ୍ଚ ଖୁଚୁରା ମୂଲ୍ୟ ୧୭୦୦ ଟଙ୍କାରେ ଉପଲବ୍ଧ । ଏହି ନୂତନ ସଂସ୍କରଣଟି ମୁଖ୍ୟତଃ ସେହି ପିଢ଼ିର ଗ୍ରାହକମାନଙ୍କ ପାଇଁ ତିଆରି ହୋଇଛି, ଯେଉଁମାନେ ସଫଳତାକୁ କେବଳ ଦେଖାଇବା ଅପେକ୍ଷା ଉପଭୋଗ କରିବାରେ ବିଶ୍ୱାସ କରନ୍ତି । ଓଡ଼ିଶାରେ ଏହାର ପ୍ରଥମ ଆନୁଷ୍ଠାନିକ ଉନ୍ମୋଚନ କାର୍ଯ୍ୟକ୍ରମରେ ୟୁବିଡି ୧୦୦ ଜଣ ବ୍ୟବସାୟିକ ଅଂଶୀଦାର, କମ୍ପାନୀର ବରିଷ୍ଠ ଅଧିକାରୀ ଏବଂ ଅଭିଜ୍ଞ ମିକ୍ସୋଲୋଜିଷ୍ଟ ଅଙ୍କୁର ଚାୱଲାଙ୍କୁ ଏକତ୍ରିତ କରିଥିଲା । ଉତ୍ପଲ୍ ବ୍ରୁଅର୍ସ ଆଣ୍ଡ ଡିଷ୍ଟିଲର୍ସର ସହ-ମାଲିକ କହ୍ଣଭ ଉତ୍ପଲ୍ କହିଛନ୍ତି, 'ଓଡ଼ିଶାକୁ ଏମଡିଟିବି ଆଣିବା ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହା ସୁରାହୀ ମାଧ୍ୟମରେ ଆମେ ସ୍ଥାପନ କରିଥିବା ଉପସ୍ଥିତିକୁ ଆହୁରି ଆଗକୁ ନେବ ଏବଂ ରାଜ୍ୟର ଗ୍ରାହକମାନଙ୍କ ନିକଟରେ ୟୁବିଡିର ଆଉ ଏକ ବ୍ରାଣ୍ଡ ପହଞ୍ଚାଇବ ।' ସେହିପରି ଉତ୍ପଲ୍ ବ୍ରୁଅର୍ସ ଆଣ୍ଡ ଡିଷ୍ଟିଲର୍ସର ସିଇଓ ତଥା ସହ-ପ୍ରତିଷ୍ଠାତା ଅଙ୍କୁର ସଚଦେବା କହିଛନ୍ତି, 'ଓଡ଼ିଶାରେ ସୁରାହୀ ମାଧ୍ୟମରେ ପୂର୍ବରୁ ନିଜର ସ୍ଥିତି ଗଢ଼ିବା ପରେ, ଏବେ ଓଡ଼ିଶାର ଗ୍ରାହକମାନଙ୍କୁ ଆମର ଆଉ ଏକ ନୂଆ ବ୍ରାଣ୍ଡ ଭେଟିଦେବା ଆମ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ ।



